# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811   Postal Regd No : BN/249/15-17

Vol. 33 | ISSUE 345 ଭାଗ ୩୩ | ସଂଖ୍ୟା ୩୪୫ | Wednesday 11 March 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୧ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଟ୍ରମ୍ପଙ୍କ ସହ କଥା ହେଲେ ପୁଟିନ

ପୃଷ୍ଠା ୫



## ଗ୍ୟାସ୍ ସଂକଟ
## କେତେକ ସହରରେ ବନ୍ଦ ହେଲାଣି ହୋଟେଲ୍, ରେଷ୍ଟୋରାଁ
# ନିୟନ୍ତ୍ରଣ ପାଇଁ ଇସିଏ ଲାଗୁ

ନୂଆଦିଲ୍ଲୀ,୧୦।୩: ଇରାନ-ଇସ୍ରାଏଲ୍ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ବିଶ୍ୱର ପ୍ରମୁଖ ତୈଳ ଯୋଗାଣକାରୀ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନା ଜାରି ରହିଛି। ଏପରି ସ୍ଥିତିରେ ଭାରତରେ ଏବେ ଗ୍ୟାସ୍ ଯୋଗାଣ ନେଇ ସଙ୍କଟଜନକ ପରିସ୍ଥିତି ଉପୁଜିଛି। ଦେଶର ଅନେକଗୁଡ଼ିଏ ସହରରେ ଗ୍ୟାସର ବ୍ୟାପକ ଅଭାବ ଦେଖାଦେଇଛି। ଏପରିକି ବେଙ୍ଗାଲୁରୁ ପରି କେତେକ ସହରରେ ଆଜିଠାରୁ ହୋଟେଲ୍ ଓ ରେଷ୍ଟୋରାଁ ଗ୍ୟାସ୍ ଅଭାବରୁ ବନ୍ଦ ହୋଇଯାଇଛି। ଯେଉଁମାନେ ବି ହୋଟେଲ୍ ଓ ରେଷ୍ଟୋରାଁ ଖୋଲୁଛନ୍ତି, ସେମାନେ ଗ୍ୟାସ୍ ଯୋଗାଣ ଦିଗରେ ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଏହା ଜାରି ରଖିବା ସମ୍ଭବପର ନୁହେଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ଏପରି ସ୍ଥିତିରେ ଗ୍ୟାସ୍ ସଙ୍କଟ ସମସ୍ୟା କିଛି ମାତ୍ରାରେ ଲାଘବ କରିବା ସକାଶେ ଆଜିଠାରୁ କେନ୍ଦ୍ର ସରକାର ଘରୋଇ ରୋଷେଇ ଗ୍ୟାସ୍ (ଏଲ୍‌ପିଜି) ଯୋଗାଣ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ (ଇସିଏ) ଲାଗୁ କରିଛନ୍ତି। ଏଥିସହ ରିଫାଇନ୍ ଓ ପେଟ୍ରୋକେମିକାଲ୍ସ କମ୍ପାନୀକୁ ଏଲ୍‌ପିଜି ଉତ୍ପାଦନ ବୃଦ୍ଧି କରିବା ଓ ଏଥିସକାଶେ କିଛି ହାଇଡ୍ରୋକାର୍ବନ ବ୍ୟବହାର କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଇସିଏ ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଏହି ୧୯୫୫ ମସିହା ଆଇନ୍ ଅତ୍ୟାବଶ୍ୟକ ସାମଗ୍ରୀର ଉତ୍ପାଦନ, ଯୋଗାଣ ଓ ବଣ୍ଟନକୁ ନିୟନ୍ତ୍ରଣ କରିବ। ଏହି ଆଇନର ଉଦ୍ଦେଶ୍ୟ ମହଜୁଦ ଓ କଳାବଜାରୀଙ୍କୁ ରୋକି ଉଚିତ୍ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧତାକୁ ➪ପୃଷ୍ଠା-୬

### ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ହାରୋ

ହୋଟେଲ ଓ ରେଷ୍ଟୋରାଁଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବ୍ୟାବସାୟିକ ଏଲ୍‌ପିଜି ସିଲିଣ୍ଡର ଉପରେ ନିର୍ଭର କରୁଛି। ହଠାତ୍ ଯୋଗାଣ ବନ୍ଦ କିମ୍ବା କମିଯିବାରୁ ଖାଦ୍ୟ ପ୍ରସ୍ତୁତି ଓ ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହି ପରିସ୍ଥିତି ଜାରି ରହିଲେ ଅନେକ ହୋଟେଲ ଓ ରେଷ୍ଟୋରାଁକୁ ବନ୍ଦ କରିବାକୁ ପଡ଼ିପାରେ, ବୁକିଂ ବାତିଲ ହେବାର ସମ୍ଭାବନା ରହିଛି। ଖାଲି ହୋଟେଲ ଇଣ୍ଡଷ୍ଟ୍ରି ନୁହେଁ, ପର୍ଯ୍ୟଟନ କ୍ଷେତ୍ରକୁ ମଧ୍ୟ ଏହା କ୍ଷତିଗ୍ରସ୍ତ କରିବ। ଜରୁରୀ ଭାବେ ବ୍ୟାବସାୟିକ ଏଲ୍‌ପିଜି ସିଲିଣ୍ଡର ଯୋଗାଣକୁ ପୁନଃ ଆରମ୍ଭ କରିବାକୁ ଓ ଏହାକୁ ସୁଚାରୁ ରୂପେ ଚାଲୁ ରଖିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ୍ ଓଡ଼ିଶା (ହାରୋ)। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ସକାଶେ ସଂଘ ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ୫୦ ହଜାର ଲୋକ ହୋଟେଲ ଶିଳ୍ପରେ ➪ପୃଷ୍ଠା-୬

## ବ୍ୟସ୍ତ ନହେବାକୁ ପରାମର୍ଶ



ଭୁବନେଶ୍ୱର: ରାଜ୍ୟରେ ଇନ୍ଧନ ଗ୍ୟାସ (ଏଲପିଜି) ଏବଂ ପେଟ୍ରୋଲ ଓ ଡିଜେଲର ଉପଲବ୍ଧତା ସମ୍ପର୍କରେ ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଜାଳେଣି ଗ୍ୟାସ (ଏଲପିଜି) ଓ ଇନ୍ଧନ ତୈଳ ମାର୍କେଟିଂ କରୁଥିବା ଆଇଓସିଏଲ୍, ଏଚ୍‌ପିସିଏଲ ଓ ବିପିସିଏଲ କମ୍ପାନୀ କର୍ତ୍ତୃପକ୍ଷ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟରେ ଯଥେଷ୍ଟ ପରିମାଣର ଇନ୍ଧନ ଗ୍ୟାସ (ଏଲପିଜି) ମହଜୁଦ ରହିଛି, ତେଣୁ ଜନସାଧାରଣ ଏନେଇ ଆଦୌ ଚିନ୍ତିତ ନ ହେବାକୁ ➪ପୃଷ୍ଠା-୬

## ଓଡ଼ିଶାର ୯ ଷ୍ଟେସନ ଦେଇ ଚାଲିବ ଅମୃତ ଭାରତ ଟ୍ରେନ୍



### କୋଏମ୍ବାଟୁର୍‌କୁ ଧାନବାଦ ସହ ଯୋଡ଼ିବ
### ମୁଖ୍ୟମନ୍ତ୍ରୀ ଜଣାଇଲେ କୃତଜ୍ଞତା

ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେଇ କେନ୍ଦ୍ର ସରକାର, ପୋତ୍ତନୁର (ପୋତ୍ତନୁର ଜଙ୍କ୍‌ସନ୍, କୋଏମ୍ବାଟୁର୍) ଓ ଧାନବାଦକୁ ସଂଯୋଗ କରିବା ପାଇଁ ଏକ ନୂତନ ଅମୃତ ଭାରତ ଟ୍ରେନ୍ ସେବା ଆରମ୍ଭ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ସୂଚନା ଦେଇଛନ୍ତି। ଶ୍ରୀ ବୈଷ୍ଣବ ଓଡ଼ିଶା-ତାମିଲନାଡୁ-ଝାଡ଼ଖଣ୍ଡ ମଧ୍ୟରେ ରେଳ ସେବାକୁ ସୁଦୃଢ଼ କରିବ ବୋଲି ଏହି ପତ୍ର ମାଧ୍ୟମରେ ଜଣାଇଛନ୍ତି। ରାଜ୍ୟରେ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବା ପାଇଁ ଏହି ନୂତନ ଅମୃତ ଭାରତ ଟ୍ରେନ ସେବାକୁ ଅନୁମୋଦନ କରିଥିବାରୁ ଏଥିସକାଶେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ସୋସିଆଲ୍ ମିଡିଆ 'ଏକ୍ସ' ହ୍ୟାଣ୍ଡଲ ମାଧ୍ୟମରେ କୃତଜ୍ଞତା ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଝାଡ଼ଖଣ୍ଡ ପହଞ୍ଚିବା ପୂର୍ବରୁ ଏହି ଟ୍ରେନ୍ ଓଡ଼ିଶାର ୯ଟି ସ୍ଥାନ ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲା ସମେତ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ➪ପୃଷ୍ଠା-୬

### ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର



ଓଡ଼ିଶା, ତାମିଲନାଡୁ ଓ ଝାଡ଼ଖଣ୍ଡ ମଧ୍ୟରେ ରେଳ ସଂଯୋଗକୁ ଅଧିକ ସୁଦୃଢ଼ କରିବା ପାଇଁ ମୋଦି ସରକାର ପୋତ୍ତନୁର (କୋଏମ୍ବାଟୁର୍)ଠାରୁ ଧାନବାଦ୍ ପର୍ଯ୍ୟନ୍ତ ଏକ 'ନୂତନ ଅମୃତ ଭାରତ ଟ୍ରେନ୍' ମଞ୍ଜୁର କରିଥିବାରୁ ଏଥିସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଏହି ଟ୍ରେନ୍ ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ରାୟଗଡ଼ା, ମୁନିଗୁଡ଼ା, କେସିଙ୍ଗା, ଟିଟଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ରାଉରକେଲା ଓ ଓଡ଼ିଶାର ଅନେକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଦେଇ ଯାତାୟାତ କରିବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା, ତାମିଲନାଡୁ ଓ ଝାଡ଼ଖଣ୍ଡ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ବ୍ୟବସାୟ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ➪ପୃଷ୍ଠା-୬

## ହୁସିଆର୍! ଚାକିରି ନାଁରେ ୧୪ ଲକ୍ଷ ଚଳୁ



### ଜୟଦେବ ଭବନ ପାଖେ ବୁଲୁଛନ୍ତି ଦଲାଲ
### ଫତେଇ ପିନ୍ଧି ଭୁତେଇ ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା
### ସିଣ୍ଡିକେଟକୁ ଧରିବାକୁ କ୍ୟାପିଟାଲ ଥାନା ପୁଲିସର ଛାନଭିନ

ଯୋଗ୍ୟତା ନାହିଁ, କିନ୍ତୁ ଆପଣଙ୍କ ପାଖରେ ଟଙ୍କା ଅଛି। ଆଉ ଟଙ୍କା ଥିଲେ ମାସକ ମଧ୍ୟରେ ଆପଣଙ୍କୁ ମିଳିଯିବ ସରକାରୀ ଚାକିରି। ଧବୋଧବଳିଆ ପୋଷାକ ପିନ୍ଧି ଲୋକସେବା ଭବନ ସମ୍ମୁଖ ଜୟଦେବ ଭବନ ଆଖପାଖରେ ବୁଲୁଛନ୍ତି ଏଭଳି କିଛି ଦଲାଲ। ଇୟେ ଚିହ୍ନା ସିଏ ଚିହ୍ନା କହି ବଡ଼ ଗାଡ଼ିରେ ବସି ଲୋକଙ୍କ ଝାଳବୁହା ଧନକୁ ଚଳୁ କରିଦେଉଛନ୍ତି। ଏଭଳି ଏକ ଘଟଣାକ୍ରମରେ ସରକାରୀ ଚାକିରି ଦେବା ନାଁରେ ୧୪ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଜଣେ ଠକକୁ ଗିରଫ କରାଯାଇଛି। ଉକ୍ତ ଠକର ନାଁ ବୁଲୁ ଗୌଡ଼। ଖଲ୍ଲିକୋଟର ବୁଲୁ ଗୌଡ଼କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ସୁଶାନ୍ତ ପାଢ଼ୀ ନାମକ ଯୁବକ ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ସ୍ତ୍ରୀ ଓ ଭଉଣୀଙ୍କଠାରୁ ଭିନ୍ନ ଭିନ୍ନ ଆଳରେ ଟଙ୍କା ଠକି ନେଇଥିଲା ଅଭିଯୁକ୍ତ। ପରେ ଆଉ ଧରାଛୁଆଁ ଦେଇନଥିଲା ସେ। ଏନେଇ ଅଭିଯୋଗ ହେବା ପରେ ପାତ୍ରପଡ଼ା ଅଞ୍ଚଳରୁ ଅଭିଯୁକ୍ତ ବୁଲୁକୁ କାବୁ କରାଯାଇଛି। ପୂର୍ବରୁ ତା' ନାଁରେ ବିଭିନ୍ନ ଥାନାରେ ୬ଟି ମାମଲା ଥିବା ଜଣାପଡ଼ିଛି। ରାଜଧାନୀରେ ଏଭଳି ଠକଙ୍କ ସଂଖ୍ୟା ଏବେ କ୍ରମାଗତ ଭାବେ ବଢ଼ି ଚାଲିଛି। ଗତବର୍ଷ ମେ' ୧୬ ତାରିଖରେ କନ୍‌ସଲ୍‌ଟାନ୍ସି ନାଁରେ ୬୦ ଲକ୍ଷ ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୁଲିସ ଶୋଭନ ବେହେରାକୁ ଗିରଫ କରିଥିଲା। ପରେ ପରେ ନରେଶ ବାରିକ ଓରଫ ବୁଟୁ ନାମକ ଠକକୁ ମଧ୍ୟ ଗିରଫ ➪ପୃଷ୍ଠା-୬

## ରବି ଗଲେ, ବବି କେବେ ?

### ଘର ଭିତରେ ଏକଘରିକିଆ
### ଆଜି ସମର୍ଥକଙ୍କ ସହ ଧରିବେ ପଦ୍ମ!



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ବିଜେଡିକୁ ପୁଣି ଏକ ଝଟକା ଲାଗିଛି। ଦଳରୁ ଇସ୍ତଫା ଦେଇଛନ୍ତି ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା। ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀ ଜେନା ଆଜି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏଥିସହ ଏବେ ଚର୍ଚ୍ଚା ହେଉଛି ଯେ ଆସନ୍ତାକାଲି ନିଜର ପାଖାପାଖି ୫୦୦ ସମର୍ଥକଙ୍କ ସହ ବିଜେପିରେ ଯୋଗଦେବେ। ଗତକାଲି ରାଜ୍ୟସଭା ଭୋଟକୁ ନେଇ ତାଙ୍କ ପତ୍ନୀ ସୁବାସିନୀ ଜେନାଙ୍କ ବକ୍ତବ୍ୟରୁ ବାଲେଶ୍ୱର ବିଜେଡିରେ ସବୁକିଛି ଠିକଠାକ ନାହିଁ ବୋଲି ସଙ୍କେତ ମିଳିଥିଲା। ଶ୍ରୀ ଜେନା ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି ଯେ ଦୀର୍ଘ ଦିନ ଧରି ସେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାମ କରି ଦଳୀୟ ସଂଗଠନକୁ ମଜବୁତ କରିଛନ୍ତି। କିନ୍ତୁ ବ୍ୟକ୍ତିଗତ କାରଣ ଓ ପରିସ୍ଥିତି ପାଇଁ ସେ ଦଳ ଛାଡ଼ିଥିବା ନିଜ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ହେଲେ ଚର୍ଚ୍ଚା ହେଉଛି ସେ ଦଳୀୟ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଦଳ ଛାଡ଼ିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରୁ ସେ ଦଳରେ ଅସନ୍ତୁଷ୍ଟ ରହିଥିଲେ। କାରଣ ଗତ ନିର୍ବାଚନରେ ତାଙ୍କ ବଦଳରେ ବିଜେପିରୁ ଆସି ବିଜେଡି ଯୋଗଦେଇଥିବା ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦଳ ପ୍ରାର୍ଥୀ କରିଥିଲା।

ସେହିଭଳି ନିର୍ବାଚନ ପରେ ସେ ବାଲେଶ୍ୱର ଜିଲ୍ଲା ସଭାପତି ଆସନ ପାଇଁ ଲବି କରୁଥିଲେ। ଦଳ ପକ୍ଷରୁ ସବୁ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା ସରିଥିଲେ ବି ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲା ସଭାପତି ଚୂଡ଼ାନ୍ତ ହୋଇପାରିନାହିଁ। ବାଲେଶ୍ୱରରେ ଜିଲ୍ଲା ସଭାପତି ଘୋଷଣା ହୋଇ ନ ଥିବା ବେଳେ ଶ୍ରୀ ଜେନାଙ୍କ ବିରୋଧୀମାନଙ୍କୁ ବ୍ଲକ ସଭାପତି ଭାବେ ଦାୟିତ୍ୱ ଦିଆଯାଇସାରିଛି।

ଗତ ୨୦୧୪ରେ ବିଜେଡିର ତତ୍କାଳୀନ ଆତ୍ମଘୋଷିତ ସର୍ବେସର୍ବା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ପ୍ରଚଣ୍ଡ ଲବି ଫଳରେ ରବୀନ୍ଦ୍ର ବିଜେଡି ପ୍ରାର୍ଥୀ ଭାବେ ➪ପୃଷ୍ଠା-୬

### ଇସ୍ତଫା ଦେଲେ ଅଞ୍ଜଳି

ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ରବୀନ୍ଦ୍ର ଜେନା ବିଜେଡି ଛାଡିବା ପରେ ଇସ୍ତଫା ଦେଇଛନ୍ତି ବସ୍ତା ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସେ ବସ୍ତା ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ଆସନ୍ତାକାଲି ସେ ରବୀନ୍ଦ୍ରଙ୍କ ସହ ବିଜେପିରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଛି। ଅଞ୍ଜଳି ରବୀନ୍ଦ୍ରଙ୍କ ଏକାନ୍ତ ଅନୁଗତ ଥିଲେ। ତାଙ୍କ ସହ ବାଲେଶ୍ୱର ଜିଲ୍ଲାର ଆଉ କିଛି ପଞ୍ଚାୟତ ପ୍ରତିନିଧି ମଧ୍ୟ ବିଜେଡି ଛାଡ଼ିବେ ବୋଲି ଚର୍ଚ୍ଚା ହେଉଛି। ରବୀନ୍ଦ୍ର ୨୦୧୯ରେ ଲୋକସଭା ନିର୍ବାଚନ ହାରିଯାଇଥିଲେ ମଧ୍ୟ ପଞ୍ଚାୟତ ଟିକେଟ ତାଙ୍କ ନେତୃତ୍ୱରେ ବଣ୍ଟାଯାଇଥିଲା। ତେଣୁ ବାଲେଶ୍ୱରରେ ଅଞ୍ଜଳିଙ୍କ ପରି ବହୁ ପଞ୍ଚାୟତ ପ୍ରତିନିଧି ତାଙ୍କ ସମର୍ଥନରେ ଅଛନ୍ତି।

## ପାନୀୟ ଜଳ ପ୍ରକଳ୍ପରେ ଅବହେଳା କଲେ ଆକ୍ସନ

### ବିଧାନସଭାରେ ଚେତାଇ ଦେଲେ ପଞ୍ଚାୟତିରାଜ ମନ୍ତ୍ରୀ
### ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଘରେ ପହଞ୍ଚିବ ଟ୍ୟାପ ପାଣି



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ମେଗା ପାନୀୟ ଜଳ ପ୍ରକଳ୍ପରେ ନିମ୍ନମାନର କାମ କିମ୍ବା ଅବହେଳାର ଅଭିଯୋଗ ଆସିଲେ ତାକୁ ବରଦାସ୍ତ କରାଯିବନି। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ। ଆଜି ବିଧାନସଭାରେ ରାଜ୍ୟର ପାନୀୟ ଜଳ ସମସ୍ୟା ନେଇ ବିଧାୟକଙ୍କ ଉଦବେଗ ଦେଖି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଏହି ଚେତାବନୀ ଦେଇଛନ୍ତି। ବିଜେପି ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟଙ୍କ ମୂଳ ପ୍ରଶ୍ନ ଉପରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସଦସ୍ୟ ଦୁର୍ଗା ପ୍ରସନ୍ନ ନାୟକ, ପ୍ରମିଳା ମଲ୍ଲିକ, ଲକ୍ଷ୍ମଣ ବାଗ, ସିଦ୍ଧାନ୍ତ ମହାପାତ୍ର, ସାରଦା ପ୍ରସନ୍ନ ଜେନା, ଅଶୋକ ଦାସ, ସଞ୍ଜଳି ମୁର୍ମୁ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଅତିରିକ୍ତ ପ୍ରଶ୍ନମାନ ପଚାରିଥିଲେ। ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି ଯେ ଆସନ୍ତା ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ➪ପୃଷ୍ଠା-୬

## ଦିଲ୍ଲୀରୁ ଚାଲୁଛି ଦିଲ୍ଲୀପଙ୍କ ରାଜ୍ୟସଭା ଗୋଟି

### ନବୀନ ନିବାସରେ ହଲଚଲ
### କାମ ଦେଉନି ନିର୍ମାଲ୍ୟଛୁଆଁ



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଦିଲ୍ଲୀ ଗୋଟି ଚାଳନା ଏବେ ରାଜ୍ୟ ରାଜନୀତି ବିଶେଷକରି ବିଜେଡି ରାଜନୀତିକୁ ଦୋହଲାଇଦେଇଛି। ଏହି ଗୋଟି ଚାଳନାର ପ୍ରଭାବରେ ଆଜି ବିଜେଡିର ପୂର୍ବତନ ସାଂସଦ ତଥା ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ସ୍ୱାମୀ ରବୀନ୍ଦ୍ର ଜେନା ବିଜେଡି ଛାଡ଼ିଛନ୍ତି। ତାଙ୍କର ଆଗାମୀ ରଣନୀତି ଉପରେ ସମସ୍ତଙ୍କ ନଜର ଥିବା ବେଳେ ନବୀନ ନିବାସରେ ଦଳୀୟ ବିଧାୟକଙ୍କୁ ଡାକି ଘନ ଘନ ବୈଠକ ଚାଲିଛି।

ମିଳିଥିବା ସୂଚନାନୁଯାୟୀ, ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ବିଧାୟକମାନଙ୍କୁ ଜଣ ଜଣ କରି ନବୀନ ନିବାସ ଡାକି ଆଲୋଚନା କରୁଛନ୍ତି। ଦଳୀୟ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ମିଳିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଭୋଟ୍ ଦେବାକୁ ସେମାନଙ୍କୁ ବୁଝାଉଛନ୍ତି। କାଳେ କିଏ ଅବୁଝା ହୋଇ ଶେଷ ମୁହୂର୍ତ୍ତରେ ବାଟ କାଟିବ, ସେଥିପାଇଁ ନବୀନ ନିବାସରେ ନିର୍ମାଲ୍ୟଛୁଆଁ ବି ଆରମ୍ଭ ହୋଇଯାଇଛି। ବିଧାୟକମାନେ ସେଠାରେ ଜଗନ୍ନାଥଙ୍କ ନିର୍ମାଲ୍ୟ ଛୁଇଁ ନବୀନଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ହଲପ କରୁଥିବା ନେଇ ଆଲୋଚନା ହେଉଛି। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟଙ୍କ ଗୋଟି ଚାଳନା ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ରାଜ୍ୟସଭା ଯିବା ପାଇଁ ଦିଲ୍ଲୀପ ଏବେ ଭୋଟ ଯୋଗାଡ଼ରେ ଲାଗିଛନ୍ତି। ଏଥିପାଇଁ ଦିଲ୍ଲୀରୁ ଗୋଟି ଚାଳନା କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଦିଲ୍ଲୀପଙ୍କୁ ଭେଟି ଆଲୋଚନା କରିଥିଲେ। ଏହାପରେ ଦିଲ୍ଲୀପ ସକ୍ରିୟ ହୋଇଥିବା ବେଳେ ଆଜି ତାଙ୍କ ରଣନୀତି ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

HOTEL MANAGEMENT PROGRAMMES
- BHMCT (Bachelor of Hotel Management and Catering Technology)
- MBA (Hospitality Management)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 25th Best in Overall Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

## ଅଗ୍ନିକାଣ୍ଡରେ ଜଳିଗଲା ୭ ବଖରା ଘର



ଗରଦପୁର,୧୦।୩(ସଂଚାର ବ୍ୟୁରୋ):କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ତେଣ୍ଡାକୁଡା ଗ୍ରାମ ପଂଚାୟତ ଅନ୍ତର୍ଗତ ବସନ୍ତପୁର ଗ୍ରାମରେ ବିଗତ ରାତିରେ ଭୟାବହ ଅଗ୍ନିକାଣ୍ଡ । ଜଳିଗଲା କୁଳମଣି ମଲ୍ଲିକ ଓ ଧୂଳି ମଲ୍ଲିକ ଦୁଇଟି ପରିବାରର ପ୍ରାୟ ୭ ବଖରା ଚାଳଛପର ଘର। ନିଆଁରେ ପୋଡି ପାଉଁଶ ହୋଇଯାଇଛି ଘରର ଆସବାବପତ୍ର,ଧାନ ଚାଉଳ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ଖବରପାଇବା ପରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର ତିବ୍ରତା ଅଧିକ ଥିବାରୁ ଚାହୁଁ ଚାହୁଁ ଘରଗୁଡିକ ଖୁବ କମ ସମୟ ମଧ୍ୟରେ ପୋଡି ପାଉଁଶ ହୋଇ ଯାଇଥିଲା। ଅଗ୍ନିକାଣ୍ଡ କାଣ୍ଡରେ ସର୍ବସ୍ୱ ହରାଇ ବିପନ୍ନ ପରିବାର ଏବେ ଖୋଲା ଆକାଶତଳେ ପଡିରହିଛନ୍ତି। ପରେ ପରେ ବିପନ୍ନ ପରିବାରଙ୍କୁ ତହସିଲଦାର ନିଜେ ପହଞ୍ଚି କିଛି ପାଲ ଦେବା ସହ ତାଙ୍କୁ କିଭଳି ସହାୟତା ରାଶି ପ୍ରଦାନ କରାଯିବ ସେଥିପ୍ରତି ଦୃଷ୍ଟି ଦେଉଛନ୍ତି। ଅଧିକରୁ ଅଧିକ କିଭଳି ଏହି ପରିବାର ସରକାରୀ ସୁବିଧା ସହଯୋଗ ପାଇ ପାରିବେ ଗ୍ରାମବାସୀ ମାନେ ଜିଲ୍ଲା ପ୍ରଶାସନ ନିକଟରେ ଦାବି ରଖିଛନ୍ତି।

## ତାଳଦଣ୍ଡା କେନାଲରେ ମାଛ ମଡକ



ପାରାଦୀପ,୧୦।୩ (ସଂଚାର ବ୍ୟୁରୋ): ତାଳଦଣ୍ଡା କେନାଲ୍ ରେ ମାଛମଡକ। କେନାଲ୍ ଉପରେ ପୋଲ ନିର୍ମାଣ କାର୍ଯ୍ୟ ରେ ଜିପସମ୍ ଗୁଣ୍ଡ ବ୍ୟବହାର ଯୋଗୁ ଜଳ ଦୂଷିତ ହେବା ସହ ଅସଂଖ୍ୟ ମାଛ ମରି ଭାଷୁଥିବା ଅଭିଯୋଗ ହେଉଛି। କୁହାଯାଏ କଟକ-ପାରାଦୀପ ତାଳଦଣ୍ଡା କେନାଲ୍ ପାରାଦୀପ ର ଜୀବନରେଖା। ଏହି ଜଳ ପାରାଦୀପ ବନ୍ଦର ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ ବ୍ୟବହାର କରୁଥିବା ବେଳେ ଏବେ ଏହି କେନାଲ ଦିନକୁ ଦିନ ସଙ୍କୁଚିତ ହେବା ସହ ପୋଲ ନିର୍ମାଣ କାର୍ଯ୍ୟ ରେ ଜିପସମ୍ ବ୍ୟବହାର କରା ଯାଉଛି। ଯାହା ଫଳରେ କେନାଲ୍ ରେ ଜିପସମ୍ ଗୁଣ୍ଡ ମିଶି ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏହି କେନାଲ ଜଳ ଲୋକେ ବ୍ୟବହାର କରୁଥିବା ବେଳେ ଏବେ କେନାଲ୍ ଜଳ ପ୍ରଦ୍ୟୁଷଣ ହେବାରେ ଲାଗୁଛି।ଭୂତମୁଣ୍ଡାଇ ପୋଲ ନିର୍ମାଣ କରୁଥିବା କମ୍ପାନୀ ଉପରେ ଦୃଷ୍ଟି ଦେବାପାଇଁ ପ୍ରଶାସନ କୁ ଅନୁରୋଧ କରିଛନ୍ତି ସ୍ଥାନୀୟ ଲୋକେ। ନଚେତ ଆଗକୁ ତାଳଦଣ୍ଡା କେନାଲ୍ ପୋତି ହୋଇ ପଡିବା ସହ ମାଛ ସଂଖ୍ୟା ହ୍ରାସ ପାଇବ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ବାପାଙ୍କ ଜନ୍ମଦିନରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନ ମେସିନ ଯୋଗାଇଦେଲେ ଝିଅ




ଆଳି,୧୦।୩(ସଂଚାର ବ୍ୟୁରୋ): ଆଳିର ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ୬୮ତମ ଜନ୍ମ ଜୟନ୍ତୀ ଅବସରରେ ଦେବେନ୍ଦ୍ର ଶର୍ମା ସ୍ମୃତି କମିଟି ପକ୍ଷରୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ବିଦ୍ୟୁତ ଚାଳିତ ଅକ୍ସିଜେନ ମେସିନ ଯୋଗାଇ ଦିଆଯାଇଛି । ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ । ବିଭିନ୍ନ ସମୟରେ ରୋଗୀ ମାନଙ୍କୁ ଅକ୍ସିଜେନ ଦେବାରେ ସମସ୍ୟା ଦେଖାଦେଉଥିବାରୁ ବାପାଙ୍କ ଜନ୍ମ ଦିନ ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅକ୍ସିଜେନ ମେସିନ ପ୍ରଦାନ କରିଛନ୍ତି । ଅନ୍ୟପଟେ ଏହି ଅବସରରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ରହିଥିଲେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ପ୍ରଣବ ଶୁକ୍ଲା ଓ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରି । ଏହିଭଳି କାର୍ଯ୍ୟ ପାଇଁ ଡାକ୍ତର ଦେବସ୍ମିତା ଶର୍ମାଙ୍କୁ ପ୍ରଶଂସା କରାଯିବା ସହ ଧନ୍ୟବାଦ ଜଣାଇଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ।

## ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା



ଡେରାବିଶ, ୧୦।୩ (ସଂଚାର ବ୍ୟୁରୋ):ଡେରାବିଶ ବ୍ଲକ କୁଶିଆପାଳ ଓ ଗୁଆଲସିଂ ପଞ୍ଚାୟତ ମଧ୍ୟସ୍ଥଳୀରେ ଅବସ୍ଥିତ 'ଦି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟ୍‌ନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ତରଫରୁ ଦୁଇ ପ୍ରସୁତୀ ମାଙ୍କୁ ରକ୍ତଦାନ କରି ଉଭୟ ମା' ଓ ଶିଶୁର ଜୀବନ ବଞ୍ଚାଇଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଆଜି ଅନୁଷ୍ଠାନର ପ୍ରତିଷ୍ଠାତା ଓ ପରିଚାଳକ ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ କସ୍ତୁରୀ ଚରଣ ପାତ୍ର, ମୁଖ୍ୟବକ୍ତା ଭାବେ କାଙ୍ଗାଳି ଚରଣ ବାରିକ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଦିବାକର ନାୟକ, ଅଭୟ କୁମାର ଲେଙ୍କା, ସୁରେନ୍ଦ୍ର କୁମାର ସାହୁ, ନାରାୟଣ ଚନ୍ଦ୍ର ଜେନା, ପ୍ରଦିପ କୁମାର ପାତ୍ର, ଅକ୍ଷୟ କୁମାର ସାହୁ, ସୁଶାନ୍ତ କୁମାର ସ୍ୱାଇଁ, ଆଦିକନ୍ଦ ସ୍ୱାଇଁ, ଦିଲ୍ଲିପ ବେହେରା, ସସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନର ଉପକାରିତା ସମ୍ପର୍କରେ ବୁଝାଇଥିଲେ।

## ଅସହାୟ ମହାକାଳପଡ଼ା ପ୍ରଶାସନ

# ଅଗ୍ରୀମ ଭତ୍ତା ଟଙ୍କା ଫେରାଉନାହାନ୍ତି କର୍ମଚାରୀ



ମହାକାଳପଡ଼ା, ୧୦।୩ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ରେ ଅଗ୍ରୀମ ଭତ୍ତା ଟଙ୍କା ୪,୫୫,୨୧୮ ସ୍ୱାହା ହୋଇଛି। ପଞ୍ଚାୟତର ହିତାଧିକାରୀ ମାନଙ୍କୁ ଭତ୍ତା ଟଙ୍କା ପ୍ରଦାନ ପାଇଁ ସରପଞ୍ଚ, ପିଇଓ, ଜିଆରଏସ ଆଦି ବ୍ଲକ୍ ରୁ ଯେଉଁ ଟଙ୍କା ନେଇଥିଲେ, ଭତ୍ତା ବାଣ୍ଟିବା ପରେ ବଳକା ଅର୍ଥ ନଫେରାଇ ନିଜ ନିଜ ପାଖରେ ରଖିଛନ୍ତି। ଏନେଇ କିନ୍ତୁ ପ୍ରଶାସନ ଅସହାୟ ବୋଲି ଖୋଦ୍ ନିଜେ ଲେଖିଥିବା ଚିଠିରେ ଜଣାପଡ଼ିଛି।

ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ରେ ୧୩ ପଞ୍ଚାୟତର ପୂର୍ବତନ ସରପଞ୍ଚ, ପିଇଓ ଓ ଜିଆରଏସ ମାନେ ଭତ୍ତା ବାଣ୍ଟିବା ପାଇଁ ଉଠାଇଥିବା ଟଙ୍କା ହିତାଧିକାରୀଙ୍କୁ ବାଣ୍ଟିବା ପରେ ଅବଶିଷ୍ଟ ୪,୫୫,୨୧୮ ଟଙ୍କା ବ୍ଲକ୍‌ରେ ଦାଖଲ ନକରି ନିଜ ନିଜ ପାଖରେ ରଖିଛନ୍ତି।

ମଙ୍ଗଳପୁର ପଞ୍ଚାୟତର ତତ୍କାଳୀନ ଜିଆରଏସ କାର୍ତ୍ତିକ ମହାନ୍ତି ୧,୨୪,୫୦୦ ଅଗ୍ରୀମ ନେଇଥିବା ଭତ୍ତା ଟଙ୍କା ଏଯାଏଁ ସରକାରୀ ଖାତାକୁ ନଫେରାଇ ନିଜ ପାଖରେ ରଖିଛନ୍ତି। ଏ ଘଟଣା ସୂଚନା ଅଧିକାର ଆଇନ ବଳରେ ଜଣା ପଡିବା ପରେ ସାରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଘଟଣାରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବା ପାଇଁ ସୂଚନା ଅଧିକାର କର୍ମୀ ସୁବ୍ରତ ସେଠୀ ଅଭିଯୋଗ କରିଥିଲେ। ହେଲେ ସୁବ୍ରତଙ୍କ ଅଭିଯୋଗରେ ମହାକାଳପଡ଼ା ପ୍ରଶାସନ ଯେଉଁ ଚିଠି ଲେଖିଛି ତାହା ପ୍ରଶାସନର ପାରିବା ପଣିଆକୁ ପଦାରେ ପକାଇଛି।

### ପ୍ରଶାସନର ଚିଠିକୁ ବି ଖାତିର କଲେନି
### ଚିଠି ଖୋଲୁଛି ନିଜର ଗୁମର

କାର୍ତ୍ତିକ ମହାନ୍ତିଙ୍କୁ ସେ ସମୟରେ ବ୍ଲକ୍ ପ୍ରଶାସନ ତରଫରୁ ବହୁତ ଥର ଅଗ୍ରୀମ ଭତ୍ତା ଟଙ୍କା ଫେରାଇବାକୁ ଚିଠି କରାଯାଇଛି ବୋଲି ୭ ମାର୍ଚ୍ଚରେ ପ୍ରଶାସନ ଚିଠିରେ ଉଲ୍ଲେଖ କରିଛି। ହେଲେ ସବୁଠାରୁ ବଡ଼ କଥା ହେଉଛି କାର୍ତ୍ତିକ ମହାକାଳପଡ଼ା ବ୍ଲକ ରୁ ବଦଳି ହୋଇ ଗରଦପୁର ବ୍ଲକ କୁ ବଦଳି ହୋଇ ସାରିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଟଙ୍କା ଫେରାଇବା ପାଇଁ ହୋଇଥିବା ଏକାଧିକ ଚିଠି ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନି। ପ୍ରଶାସନ କେବଳ ଚିଠି ଲେଖି ନିଜର କାମ ସାରି ଦେଉଛି ବୋଲି ଖୋଦ୍ ପ୍ରଶାସନ ଲେଖିଥିବା ଚିଠି ମହାକାଳପଡ଼ା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜଣେ ସରକାରୀ କର୍ମଚାରୀ ସରକାରଙ୍କ ଅର୍ଥକୁ ପାଖରେ ରଖି ନ ଫେରାଇବା ଓ ପ୍ରଶାସନର ଚିଠିକୁ ବେଖାତିର କରିବା ଉପରେ ପ୍ରଶାସନ ଆଗକୁ କଣ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଅପ୍ରେଲ ୧ ଅଗ୍ନିପଥ ଯୋଜନା ପାଇଁ ଆବେଦନର ଶେଷ ତାରିଖ

କେନ୍ଦ୍ରାପଡ଼ା,୧୦।୩ (ସଂଚାର ବ୍ୟୁରୋ): ଭାରତୀୟ ସେନାର ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ଅଧୀନରେ ୨୦୨୭ ନିଯୁକ୍ତି ବର୍ଷ ପାଇଁ ଅନଲାଇନ୍ କମନ୍ ଏ୍ରାନ୍ସ ପରୀକ୍ଷା (ସିଇଇ) ନିମନ୍ତେ ଆବେଦନ ପ୍ରକ୍ରିୟା ୧୩ ଫେବୃଆରୀ ୨୦୨୬ ଠାରୁ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଚାଲିବ । ଯୋଗ୍ୟ ପ୍ରାର୍ଥୀମାନେ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ । ପ୍ରାର୍ଥୀମାନେ ପ୍ରଥମେ କମ୍ପ୍ୟୁଟର ଆଧାରିତ ଅନଲାଇନ୍ କମନ୍ ଏ୍ରାନ୍ସ ପରୀକ୍ଷା (ସିଇଇ) ଦେବାକୁ ପଡିବ । ଏହି ପରୀକ୍ଷା ପାଇଁ ୨୫୦ ଟଙ୍କା ପରୀକ୍ଷା ଶୁଳ୍କ ନିର୍ଦ୍ଧାରିତ ହୋଇଛି । ଏହି ପରୀକ୍ଷା ଆସନ୍ତା ଜୁନ୍ ମାସରେ ଆୟୋଜିତ ହେବାର ସମ୍ଭାବନା ରହିଛି ଏବଂ ନିଶ୍ଚିତ ତାରିଖ ପରେ ଘୋଷଣା କରାଯିବ । ଏହା ସଂପର୍କରେ କୌଣସି ପ୍ରଶ୍ନ ଥିଲେ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲ୍ଲାର ପ୍ରାର୍ଥୀମାନେ ଆର୍ମି ରିକ୍ରୁଟିଂ ଅଫିସ, କଟକ ସହ ମୋବାଇଲ୍ ନମ୍ବର ୯୪୩୭୧୬୨୨୮୦ କିମ୍ବା ଟେଲିଫୋନ୍ ନମ୍ବର ୦୬୭୧-୨୩୦୫୮୮୦ ରେ ଯୋଗାଯୋଗ କରିପାରିବେ ବୋଲି ଆର୍ମି ରିକ୍ରୁଟିଂ ଅଫିସ, କଟକ ପକ୍ଷରୁ ସୂଚନା ଦିଆଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ଅଧିକରୁ ଅଧିକ ଯୁବକ ଓ ଯୁବତୀମାନେ ଏହି ନିଯୁକ୍ତି ପାଇଁ ପଞ୍ଜିକରଣ କରିବେ ବୋଲି ଲକ୍ଷ୍ୟ ରଖି ଆଜି ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଓସ୍ୱାନ ହଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଇନ୍ଦ୍ରାଣୀ ମଲ୍ଲିକ ଉପସ୍ଥିତ ଥିଲେ । ଏହାଛଡ଼ା ଅନଲାଇନ୍ ମାଧ୍ୟମରେ ଡାଇରେକ୍ଟର, ଆର୍ମି ରିକ୍ରୁଟିଂ କଟକଙ୍କ ପକ୍ଷରୁ ରିକ୍ରୁଟିଂ ଅଫିସର ପି.ଏସ. ପ୍ରସନ୍ନାଙ୍କ ସହିତ ଜିଲ୍ଲାର ସମସ୍ତ ଜୁନିୟର ଓ ଡିଗ୍ରୀ କଲେଜ, ଆଇଟିଆଇ ଏବଂ ଡିପ୍ଲୋମା କଲେଜର ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଯୋଗ ଦେଇଥିଲେ । ବୈଠକରେ କଲେଜ ମାନଙ୍କରେ ସଚେତନତା ସୃଷ୍ଟି କରି ଅଧିକରୁ ଅଧିକ ଯୁବକ ଓ ଯବତୀମାନେ ପଞ୍ଜିକରଣ କରିବା ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।

## ମାହାଙ୍ଗା ବିଧାୟକଙ୍କ ପ୍ରସ୍ତୁତି ବୈଠକ



ନିଶ୍ଚିନ୍ତକୋଇଲି,୧୦।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କୂଳିଆ ଠାରେ ବ୍ଲକ୍ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର ଙ୍କ ସଭାପତିତ୍ୟ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି, ଆଗାମୀ 14ତାରିଖ ମାର୍ଚ୍ଚ ଅପରାହ୍ନ 4ଘଟିକା ସମୟ ରେ ମାନ୍ୟବର୍ ଉପ ମୁଖ୍ୟମନ୍ତ୍ରୀ , ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ,ଓଡ଼ିଶା ର ଆଇନ ତଥା ପୂର୍ତ୍ତ ମନ୍ତ୍ରୀ ଶ୍ରୀଯୁକ୍ତ ପୃଥିରାଜ ହରିଚନ୍ଦନ, ତଥା ମାହାଙ୍ଗା ର ଜନ ପ୍ରିୟ ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ ପ୍ରମୁଖ ନିଶ୍ଚିନ୍ତ କୋଇଲି ନରେନ୍ଦ୍ରପୁର୍ ଓ କଟିକଟା ଜଇ ପୁର ପୂର୍ତ୍ତ ବିଭାଗ ରାସ୍ତା1ସହ ଆସୁରେଶ୍ୱର୍ ଠାରେ ଥିବା ପୁବଂଶ ସେତୁ ର ଶୁଭଶିଳାନ୍ୟାସ କରିବା ସହ ଅସୁରେଶ୍ୱର୍ ଖେଳପଡିଆ ରେ ଏକ ବିଶାଳ ସମାବେଶ ରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି, ଏହାକୁ ସଫଳ ହେବାକୁ ସମସ୍ତେ ପଞ୍ଚାୟତ ସ୍ତରୀୟ ବୈଠକ କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା, ଏହି ବୈଠକ ରେ ମାନ୍ୟବର୍ ବିଧାୟକ ଶ୍ରୀଯୁକ୍ତ ଶାରଦା ପ୍ରସାଦ ପ୍ରଧାନ,ଯୋଗ ଦେଇ ଏହି ଜନ ସଭା ର ସଫଳତା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ, ଏଥିରେ ପ୍ରାକ୍ତନ ଅଧ୍ୟକ୍ଷା କମଳା ବସ୍ତିଆ, ପ୍ରାକ୍ତନ ଉପା ଧ୍ୟକ୍ଷ ଅଶୋକ କୁମାର ଓଝା ଦେବେନ୍ଦ୍ର କୁମାର ସାହୁ, ଅଶୋକ କୁମାର ସାହୁ, ୱିନୋଦ କୁମାର ସାମଲ, ସଂଜୟ କୁମାର ବେହେରା, କୈଳାସ ଚନ୍ଦ୍ର ବେହେରା, ପିତାମ୍ବର ମହାନ୍ତି, ରବିନ୍ଦ୍ର ନାଥ ତ୍ରିପାଠୀ, ପ୍ରଦୀପ୍ତ ପରିଡ଼ା, ରମେଶ ଚନ୍ଦ୍ର ସ୍ୱାଇଁ ସମେତ ବହୁ ଲୋକ ପ୍ରତିନିଧି, ପଞ୍ଚାୟତ ସଭାପତି ଓ ଜନ ସାଧାରଣ ଯୋଗ ଦେଇଥିଲେ।

## ଛାତ୍ରୀ ବଳାତ୍କାର ଘଟଣା: ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ସମୀକ୍ଷା



କେନ୍ଦ୍ରାପଡ଼ା, ୧୦।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ରାଜକନିକାର ଏକ ପବ୍ଲିକ୍ ସ୍କୁଲ୍‌ରେ ଘଟିଥିବା ନାବାଳିକା ଛାତ୍ରୀ ଦୁଷ୍କର୍ମ ଘଟଣାର ତଦନ୍ତ ପାଇଁ ଆଜି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଜଜାଙ୍ଗସ୍ଥିତ ଜିଲ୍ଲା ପ୍ରଦକ୍ଷଣ ଭବନରେ ସମୀକ୍ଷା କରିଛନ୍ତି । ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ପୀଡିତା ପରିବାରକୁ ଭେଟି ଘଟଣା ସମ୍ପର୍କରେ ଟିକିନିଖି ପଚାରି ବୁଝିବା ପରେ ଆୟୋଗ ସ୍କୁଲ ରେ ପହି ପ୍ରିନ୍ସିପାଲଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

ସେଠାରୁ ଫେରି ଜିଲ୍ଲା ସର୍କିଟ ହାଉସରେ ଆୟୋଗ ଅଧ୍ୟକ୍ଷା ଜିଲ୍ଲାପାଳ ରଘୁରାମ ଆର. ଆୟର, ଏସପି ସିଦ୍ଧାର୍ଥ କଟାରିଆ, କେନ୍ଦ୍ରାପଡା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ପୀଡିତା ଛାତ୍ରୀଙ୍କୁ ଥଇଥାନ କରିବା ସମ୍ପର୍କରେ ଆଲୋଚନା କରିଥିଲେ । ଛାତ୍ରୀଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ଆୟୋଗ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆୟୋଗ ସଦସ୍ୟା ସୁଜାତା ନାୟକ, ଲିଗାଲ ଅଫିସର ଓମ୍ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ । ରାଜକନିକା ସ୍ଥିତ ପବ୍ଲିକ୍ ସ୍କୁଲ୍‌ର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଗତ ଫେବୃଆରୀ ୧୭ ତାରିଖରେ ଶିଶୁ ମଙ୍ଗଳ କମିଟିକୁ ଭେଟି ତାଙ୍କ ସହ ଶିକ୍ଷକ ମାନେ ଦୁଷ୍କର୍ମ କରିଥିବା ଅଭିଯୋଗ କରିଥିଲେ। ପରେ ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ୩ ଶିକ୍ଷକ ଓ ଜଣେ ପିଅନକୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ, ଜିଲ୍ଲାପାଳଙ୍କୁ ଅଭିଯୋଗ



କେନ୍ଦ୍ରାପଡ଼ା,୧୦।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ଅଧିନ ରାଜନଗର ସମବାୟ ସମିତି ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ସେହି ଧାନମଣ୍ଡିରେ ସମିତି ସମ୍ପାଦକ ବାରମ୍ବାର ଅନୁପସ୍ଥିତ ରହୁଥିବା ବେଳେ ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଟୋକନ ଦିଆନଯିବା, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷୀଙ୍କ ଆଖି ସ୍କାନ କରାନଯିବା, ମଣ୍ଡିରେ ଧାନ ଦେବା ପରେ ଚାଷୀଙ୍କ ଆଖି ସ୍କାନ କରିବାକୁ ଅର୍ଥ ଉତ୍କଚ ମାଗିବା, ଧାନଦେବା ପାଇଁ ଟିପି ନକରିବା, ଟୋକନ ପ୍ରଦାନ ପାଇଁ ଚାନ୍ଦା ମାଗିବା, ଚାନ୍ଦା ନଦେଲେ ଚାଷୀଙ୍କୁ ଧମକ ଦେବା, ବାରମ୍ବାର ଚାଷୀଙ୍କୁ ମିଥ୍ୟା ପ୍ରତିଶୃତି ଦେବା ଓ ଧାନ ଆଜି ଦେବ କାଲି ଦେବ କହି ପ୍ରତାରଣା କରିବା ପ୍ରଭୃତି ଅଭିଯୋଗ ହୋଇଛି । ଏସମ୍ପର୍କରେ ଚାଷୀମାନେ ରାଜନଗର ତହସିଲଦାର ଓ ବିଡିଓଙ୍କ ସମେତ ବେଷାମରିକ ଯୋଗାଣ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଚାଷୀମାନଙ୍କ ପକ୍ଷରୁ ସୁକାନ୍ତ କୁମାର ସାହୁ, ସତ୍ୟଭାମା ଜେନା, ସୁବାସ ଚନ୍ଦ୍ର ସେଠୀ, କଳାକାର ସେଠୀ ଓ ରଶ୍ମୀରଞ୍ଜନ ସେଠୀ ପ୍ରମୁଖ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବେଷାମରିକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ଇଡ଼କୋ ଜମିରୁ ବେଆଇନ ମାଟି ଉଠାଣକୁ ବିରୋଧ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପାରାଦୀପ, ୧୦।୩ (ସଂଚାର ବ୍ୟୁରୋ): ପାରାଦୀପ ତୈଳ ବିଶୋଧନାଗାର ଅଧୀନରେ ନାଫତା କ୍ରାକର ଶିଳ୍ପ ପାଇଁ ଇଡ଼କୋ ପକ୍ଷରୁ ଫତେପୁର ମୌଜାର ଜଳଧରପୁର ଓ ପ୍ରତାପପୁର ମୌଜାରୁ ଜମି ଅଧିଗୃହୀତ ହୋଇସାରିଛି। ଅଧିକ କ୍ଷତି ପୂରଣ ପାଇଁ ଚାଷୀମାନେ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଛନ୍ତି। ଏଭଳି ସ୍ଥିତିରେ ଅଧିଗୃହୀତ ଜମିରୁ ମାଟି ମାଫିଆମାନେ ବେଆଇନ ଭାବେ ମାଟି ଉଠାଇ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏଭଳି କାର୍ଯ୍ୟକୁ ବିରୋଧ କରି ଆଜି ଚାଷୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ରାତି ସାରା ମାଟି ମାଫିଆମାନେ ଶହ ଶହ ଟ୍ରିପ ମାଟି ନେଇ ଜମିକୁ ଖାଲ କରିଦେଉଥିବା ଅଭିଯୋଗ ହେଉଛି। ଏହି ଭଳି ବେଆଇନ କାର୍ଯ୍ୟ ର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଫତେପୁର ପଂଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ତଥା ଚାଷୀ ନେତା ବିକ୍ରମ କେଶରୀ ରାଉତରାୟ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଡାକ ଯୋଗେ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ସାଂସଦ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତି ନିମନ୍ତେ ପଠାଇଛନ୍ତି।

## ମଣ୍ଡିରେ ଧାନ ସଂଗ୍ରହ ପାଇଁ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୧୦।୩ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦୨୫- ୨୬ ଖରିଫ ବର୍ଷର ଧାନ ସଂଗ୍ରହ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ମୋଟ ୧୬,୧୨,୦୦୦ କୁଇାଲ ଧାନ ସଂଗ୍ରହର ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିବା ବେଳେ ଆଜି ସୁଦ୍ଧା ୧୨, ୬୧, ୪୭୩ କୁଇାଲ ଧାନ କ୍ରୟ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାର ୩୭,୩୧୯ ଜଣ ଚାଷୀ ଧାନ ବିକ୍ରୟ କରିସାରିଛନ୍ତି । ଏହି ବର୍ଷ ଜିଲ୍ଲାର ୧୧୮ଟି ସେବା ସମବାୟ ସମିତି ଅଧୀନରେ ୧୨୨ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି ଏବଂ ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଜିଲ୍ଲାର ୨୯ ଜଣ କଷ୍ଟମ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଛନ୍ତି । ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି ।

## ମହିଳାଙ୍କ ବେକରୁ ସୁନାହାର ଲୁଟ୍

ସାଲେପୁର, ୧୦।୩ (ସଂଚାର ବ୍ୟୁରୋ):ସାଲେପୁର ବଜାରରେ ଲୋକ ଗହଳି ଲାଗି ରହିଥିବାବେଳେ ଏହି ସମୟରେ ବିକଳାନନ୍ଦ କରଙ୍କ ଦୋକାନ ଆଗରେ କାର ରଖି ଘର ଲୋକ ମିଠା କିଣିବାକୁ ଯାଇଥିବାବେଳେ କାରରେ ବସିଥିବା ସ୍ଥାନୀୟ ଅଞ୍ଚଳର ଅନ୍ନପୂର୍ଣ୍ଣା ଦାଶଙ୍କ ବେକରୁ ଏକ ଦାମୀ ସୁନାହାରକୁ ୨ଜଣ ଦୁର୍ବୃତ୍ତ ହଠାତ୍ ବାଇକ୍‌ରେ ଆସି ଝାମ୍ପିନେଇ ପଳାଇଥିବା ଦେଖିବାକୁ ମିଳିଥିଲା। କାର୍‌ର କାଚ ଖୋଲା ଥିଲାବେଳେ ମହିଳା ଜଣକ ପଛ ସିଟ୍‌ରେ ବସିଥିବାବେଳେ ଏହି ସୁଯୋଗରେ ଦୁର୍ବୃତ୍ତମାନେ ତାଙ୍କ ସ୍ୱାମୀ ସଚ୍ଚିଦାନନ୍ଦ ଦାଶଙ୍କ ଅନୁପସ୍ଥିତିରେ ସୁନାହାରଟିକୁ ଝାମ୍ପିନେଇଯାଇଥିବାବେଳେ ମହିଳା ଜଣକ ଚିତ୍କାର କଲାବେଳକୁ ଦୁର୍ବୃତ୍ତମାନେ ରାସ୍ତା ପାର ହୋଇ କଟକ ଆଡକୁ ପଳାଇ ଯାଇଥିଲେ। ସି.ସି.ଟି.ଭି.ରେ ଏହା କଏଦ୍ ଥିବା ନେଇ ସାଲେପୁର ପୁଲିସ ତଦନ୍ତ କରୁଛି। ସାଲେପୁର ପୁଲିସ ଏହି ଘଟଣାରେ ସାଲେପୁର ଥାନାରେ ୧୪୯/୨୦୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ଖୁବ୍ ଶୀଘ୍ର ଦୁର୍ବୃତ୍ତ ଧରାପଡ଼ିବେ ବୋଲି ସାଲେପୁର ଆଇ.ଆଇ.ସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ଶ୍ରୀସ୍ୱୟଂପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଆଦର୍ଶ ବିବାହ କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୧୦।୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଅଂଚଳର ସମାଜସେବା ଅନୁଷ୍ଠାନ ଶ୍ରୀ ସ୍ୱୟଂ ପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଗରିବ ପୁଅ ଝିଅଙ୍କୁ ସହାୟତା କରି ଆଦର୍ଶ ବିବାହ ଆୟୋଜନ ପାଇଁ ପଦକ୍ଷେପ ନିଆଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ଠାରେଏକ ଆଦର୍ଶ ବିବାହ ଆୟୋଜନ କରାଯାଇଥିଲା । ପୁରୀ ଗୋବର୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ବିବାହ କାର୍ଯ୍ୟକ୍ରମ ଶୁଭା ରମ୍ଭ କରିଥିଲେ। ଏଥିରେ ରାଜନଗର ଥାନା ଦାଣ୍ଡି ଗ୍ରାମର ବାବାଜୀ ସେଠୀଙ୍କ ପୁତ୍ର ଅଶୋକ ସେଠୀଙ୍କ ସହିତ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ସର୍ବେଶ୍ୱର ସେଠୀଙ୍କ ଝିଅ ସସ୍ମିତା ସେଠୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା ।

ଶ୍ରୀ ସ୍ୱୟଂପ୍ରଭା ଗଣ ବିବାହ ସେବା ସମିତି ସଭାପତି ସଞ୍ଜୟ ସ୍ୱାଇଁ ଓ ସମ୍ପାଦକ ମିଟୁ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଦର୍ଶ ବିବାହ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା,ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ସାମଲ , ବରିଷ୍ଠ ସାମ୍ବାଦିକ ଅନିଲ ଚୌଧୁରୀ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ବ୍ଲକ ଅଧକ୍ଷ ନିଶିକାନ୍ତ ପ୍ରଧାନ ଓ ଉପାଧକ୍ଷ ସୁଶାନ୍ତ ଦାସ, ପଟ୍ଟାମୁଣ୍ଡାଇ ନଗର ମଣ୍ଡଳ ପୂର୍ବତନ ବିଜେପି ସଭାପତି ଉପେନ୍ଦ୍ର କୁମାର ନାୟକ, ୧୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ, ଯୁବନେତା ଜ୍ୟୋତି ପ୍ରକାଶ ପ୍ରଧାନ, ଭାନୁ ପ୍ରକାଶ ପରିଡା, ପିତାମ୍ବର କର, ସୁନାକାର ପ୍ରଧାନ, ଅନ୍ତର୍ଯ୍ୟାମୀ ମଲିକ,ସୁକାନ୍ତ ଦାସ ଆଡ଼ଭୋକେଟ ଶିଶିର ମଲିକ ଓ ଭବାନୀଶଙ୍କର ପଣ୍ଡା, ଶାରଦା ପ୍ରସାଦ ମହାନ୍ତି, ଟୁଟୁ ମିଶ୍ର ତୁଷାର ସ୍ୱାଇଁ ଶର୍ମିଷ୍ଠା ପାତ୍ର, ଅମ୍ବୁଜ ଭୂଷଣ ନାୟକ, ଲକ୍ଷ୍ମୀପ୍ରିୟା ପାଢ଼ୀ ସଂଜୀବ ନାୟକ ପ୍ରମୁଖ ଯୋଗ ଦେଇ ବର କନ୍ୟାଙ୍କୁ ଆଶୀର୍ବାଦ କରିଥିଲେ । ଏହି ଆଦର୍ଶ ବିବାହ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରକାରୀ ପଦାଧିକାରୀ ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଯୋଗ ଦେଇଥିଲେ।

## ବ୍ୟାସନଗର ପୌରାଞ୍ଚଳରେ ଦେଖାଦେଲାଣି ପାନୀୟ ଜଳ ସଂକଟ



ଯାଜପୁର ରୋଡ଼,୧୦।୩(ସଂଚାର ବ୍ୟୁରୋ): ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୨୬ ଗୋଟି ୱାର୍ଡ ମଧ୍ୟରୁ ଅଧିକାଂଶ ୱାର୍ଡରେ ଏବେ ପାନୀୟ ଜଳର ସମସ୍ୱା ବଢ଼ିବାରେ ଲାଗିଛି । ଏହି ପୌର ଅଂଚଳର ଉମାପଦା, ଚୋରଦା ଡିଗିସାହି, ହାଉସିଂବୋର୍ଡ କଲୋନୀ, ଶ୍ରୀ ବିହାର, ମଙ୍ଗଳା ବିହାର, ଗାୟତ୍ରୀ ବିହାର, ସାପଗଡିଆ, ପନାସିଆ, ବଙ୍ଗାଳୀସାହି, ରାଧାନାଥ ମାର୍ଗରୋଡ଼, ବସଷ୍ଟାଣ୍ଡ, ଧବଳଗିରି, ଷ୍ଟାଡିୟମ ରୋଡ଼, ଲକ୍ଷ୍ମୀନଗର ହୁଡ଼ିସାହି, ପ୍ରିୟଦର୍ଶିନୀ ରୋଡ଼, କଲେଜ ଛକ, କାଟହୁଡି ସାହିଭଳି ଅନେକ ସ୍ଥାନରେ ପାନୀୟ ଜଳ ସଂକଟ ଦେଖା ଦେବା ଆରମ୍ଭ କରିଥିବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।

ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କାର ବ୍ୟୟବରାଦରେ ନିର୍ମାଣ କରାଯାଇଥିବା ପାଣି ଟାଙ୍କି ଗୁଡିକରେ କାଳେ ଏବେ ଯୋକଡିଆ ନଦୀ ପଠାରେ ନିର୍ମାଣ କରାହୋଇଥିବା ପାନୀୟ ଜଳ ପମ୍ପ ହାଉସଠାରୁ ଆସୁଥିବା ପାଣି କୌଣସି ଅସୁବିଧା କାରଣରୁ ସେଠାକାର ପାଣିଟାଙ୍କିରୁ ପାଣି ଆସି ଏଠାକାର ପାଣିଟାଙ୍କିରେ ପାଣି ପହଁଚି ପାରୁନଥିବା ଯୋଗୁଁ ଏଠାରେ ପାନୀୟ ଜଳ ସଂକଟ ଦେଖାଦେଇଛି, ବୋଲି ଏଠାକାର ୱାରହାଉସ ଷ୍ଟାଡିୟମ ରୋଡ଼ ତଥା ଭିଆଇପି ରୋଡରେ ଥିବା ପାଣିଟାଙ୍କି କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଠାରୁ ଶୁଣିବାକୁ ମିଳୁଛି। କିନ୍ତୁ ଏଠାକାର ପାନୀୟ ଜଳବିଭାଗ ପକ୍ଷରୁ ପ୍ରତ୍ୟେକ ଦିନ ଦୁଇ ଟାଇମ୍ ପାଣି ପାଇପରେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ତାହା କିନ୍ତୁ ଖୁବ୍ କମ୍ ସମୟ ପାଇଁ। ଆଗଭଳି ସ୍ପେସରରେ ଆଉ ପାଇପରେ ପାଣି ଏବେ ଆସୁନାହିଁ। ଯାହାକୁ ନେଇ ଏବେ ଜନସାଧାରଣ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବର୍ତ୍ତମାନ ଗ୍ରୀଷ୍ମତାପ ବଢିବାରୁ ଭୂତଳ ଜଳ ନିମ୍ନଗାମୀ ହେବାକୁ ଯାଉଛି। ତେଣୁ ଆଗାମୀ ଦିନରେ ଆହୁରି ଜଳ ସଂକଟ ଦେଖା ଦେବ ବୋଲି ଅଂଚଳର ବୁଦ୍ଧିଜୀବୀମାନେ ଆଶଙ୍କା କରୁଛନ୍ତି। ଆଗକୁ ଜୋରସୋରରେ ପାନୀୟ ଜଳ ଅଭାବ ଦେଖା ହେବା ପୂର୍ବରୁ ଏପରି ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପାନୀୟ ଜଳ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଜନସାଧାରଣ ମାନଙ୍କ ପକ୍ଷରୁ ଦାବି ହେଉଛି।


ବିଧାନସଭା ପରିଭ୍ରମଣରେ ଆସିଥିବା ୟୁନିଭର୍ସିଟି ଲ' କଲେଜର ଛାତ୍ରଛାତ୍ରୀଙ୍କୁ ଭେଟୁଛନ୍ତି ବାଚସ୍ପତି ସୁରମା ପାଢ଼ୀ

### ନିମ୍ନ ଅଦାଲତଙ୍କ ରାୟ କାଏମ ରଖିଲେ ଜିଲ୍ଲା କୋର୍ଟ

## ବିନା ବାଧାରେ ଅଭିନୟ କରିବେ ପୀୟୂଷ ତ୍ରିପାଠୀ



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଏଣିକି ନିର୍ଦ୍ୱନ୍ଦ୍ୱରେ ଯାତ୍ରା ଜାରି ରଖିବେ ବ୍ୟାଡ୍ ବୟ ପୀୟୂଷ ତ୍ରିପାଠୀ। ପିୟୀଷଙ୍କ ଅଭିନୟ ଉପରେ ଲାଗିବନି କିଛି ବି କଟକଣା। କାରଣ ଅପେରା ସୂର୍ଯ୍ୟମନ୍ଦିର ପକ୍ଷରୁ ପୀୟୂଷଙ୍କ ବିରୋଧରେ ହୋଇଥିବା ଆବେଦନକୁ ଆଜି ଜିଲ୍ଲା ଅଦାଲତ ଖାରଜ କରିଛନ୍ତି। ଏଥିସହ ତଳ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି ଭୁବନେଶ୍ୱର ଜିଲ୍ଲା କୋର୍ଟ। ମିଳିଥିବା ସୂଚନାନୁଯାୟୀ, ଯାତ୍ରା ଜଗତର ସେନ୍‌ସେସନ୍ ପୀୟୂଷ ଚୁକ୍ତି ଖିଲାପ କରିଥିବା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଅପେରା ସୂର୍ଯ୍ୟମନ୍ଦିର ମାଲିକ। ତଳ କୋର୍ଟ ଏହି ମାମଲାର ଶୁଣାଣି କରି ପୀୟୂଷଙ୍କ ସପକ୍ଷରେ ରାୟ ଦେଇଥିଲେ। ମାତ୍ର ଅପେରା ସୂର୍ଯ୍ୟମନ୍ଦିର ମାଲିକ ଏହାକୁ ଭୁବନେଶ୍ୱର ଜିଲ୍ଲା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ଆଜି ଅଦାଲତ ଏହି ଚ୍ୟାଲେଞ୍ଜ ଆବେଦନକୁ ଖାରଜ କରିବା ସହିତ ନିମ୍ନ ଅଦାଲତଙ୍କ ରାୟକୁ କାଏମ ରଖିଛନ୍ତି। ଫଳରେ ପୀୟୂଷଙ୍କୁ ମିଳିଛି ଆଶ୍ୱସ୍ତି। ଏବେ ସେ ବିନା ବାଧାରେ ଯାତ୍ରା ମଞ୍ଚରେ ଅଭିନୟ କରିପାରିବେ। କୋର୍ଟଙ୍କ ଏହି ରାୟରେ ପୀୟୂଷଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି।

# ଟାଟା ପାୱାରର ମନମାନୀକୁ ନେଇ ବର୍ଷିଲେ ବିରୋଧୀ

### ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜକୁ ଅସ୍ୱୀକାର



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ରାଜ୍ୟରେ ବିଦ୍ୟୁତ୍ ସେବାରେ ବିଭ୍ରାଟ, ସ୍ମାର୍ଟ ମିଟର ଏବଂ ଦର ବୃଦ୍ଧି ପ୍ରସଙ୍ଗକୁ ନେଇ ରାଜ୍ୟ ବିଧାନସଭାରେ ଶାସକ ବିଜେପି ଓ ବିରୋଧୀ କଂଗ୍ରେସ ତଥା ବିଜେଡି ମଧ୍ୟରେ ବାକ୍ୟୁଦ୍ଧ ଦେଖିବାକୁ ମିଳିଛି। ବିରୋଧୀ ସଦସ୍ୟମାନେ ସରକାରଙ୍କ ବିଦ୍ୟୁତ୍ ବିତରକ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇବା ଅଭିଯୋଗ କରି ବିଦ୍ୟୁତ୍ ଦର ହ୍ରାସ, ସ୍ମାର୍ଟ ମିଟର ଉଚ୍ଛେଦ ଏବଂ କୃଷକଙ୍କୁ ସ୍ୱତନ୍ତ୍ର ରିହାତି ଦାବି କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ପୂର୍ବ ସରକାରଙ୍କ ସମୟରେ ବିଦ୍ୟୁତ୍ ସେବାର ଅବସ୍ଥା ଖରାପ ଥିବା କହି ବିଜେପି ସଂସ୍କାରଗୁଡ଼ିକର ପ୍ରଶଂସା କରିଛନ୍ତି। ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅନୁପସ୍ଥିତିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଲତବୀ ଆଲୋଚନାର ଉତ୍ତର ଦେଇଥିଲେ।

କଂଗ୍ରେସ ପକ୍ଷରୁ ଆଗତ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ପବିତ୍ର ସାଉନ୍ତା କହିଥିଲେ ଯେ ବିଜୁଳି ବିଲ୍ ବୋଝ, ଅଘୋଷିତ ବିଦ୍ୟୁତ୍ କାଟ ବର୍ତ୍ତମାନ ଜନସାଧାରଣଙ୍କୁ ବିଚଳିତ କରୁଛି। ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନରେ ବଳକା ରାଜ୍ୟ, ହେଲେ ଏବେ ବି ବହୁ ଗାଁରେ ବିଦ୍ୟୁତ୍ ସେବା ପହଞ୍ଚିପାରିନାହିଁ। ପୁଣି ବର୍ତ୍ତମାନ ଉପଭୋକ୍ତାଙ୍କ ଉପରେ ସ୍ମାର୍ଟ ମିଟର ବୋଝ ଲଦି ଦିଆଯାଉଛି। ଓଡ଼ିଶା ସରକାର ଶିଳ୍ପ ସଂସ୍ଥାକୁ କୋଟି କୋଟି ଟଙ୍କାର ଶୁଳ୍କ ଛାଡ଼ କରୁଛନ୍ତି, କିନ୍ତୁ କୃଷି କ୍ଷେତ୍ରକୁ ରିହାତି ଦେଉନାହାଁନ୍ତି। ଶିଳ୍ପ ସଂସ୍ଥାକୁ ମହାରାଷ୍ଟ୍ର ସରକାର ୟୁନିଟ୍ ପିଛା ୯ ଟଙ୍କା, କର୍ଣ୍ଣାଟକ ସରକାର ୭ ଟଙ୍କାରେ ଦେଉଛନ୍ତି। ହେଲେ ଓଡ଼ିଶାରେ ୬ ଟଙ୍କାରେ ଦିଆଯାଉଛି। ଶିଳ୍ପ ସଂସ୍ଥା ଉପରେ ୧ ଟଙ୍କା ଓଡ଼ିଶା ସରକାର ବଢ଼ାଇଲେ, ସାଧାରଣ ଉପଭୋକ୍ତାଙ୍କୁ ରିହାତିରେ ବିଜୁଳି ଦିଆଯାଇପାରନ୍ତା। ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର ହ୍ରାସ, ଭିତ୍ତିଭୂମି ବିକାଶ, କୃଷକଙ୍କୁ ବିଦ୍ୟୁତ୍ ଦରରେ ସ୍ୱତନ୍ତ୍ର ରିହାତି, ନିରବିଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ସେ ଦାବି କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସିଏସ ରାଜନ୍ ଏକ୍କା କହିଛନ୍ତି ଯେ ଝାଡ଼ଖଣ୍ଡ ସରକାର ୨୦୦ ୟୁନିଟ୍, ହିମାଚଳ ପ୍ରଦେଶ ୧୨୫ ୟୁନିଟ୍, ପଞ୍ଜାବ ସରକାର ୩୦୦ ୟୁନିଟ୍, ଦିଲ୍ଲୀ ସରକାର ୨୦୦ ୟୁନିଟ୍ ମାଗଣା ବିଜୁଳି ଦେଉଛନ୍ତି। ବିଜେପି ସରକାର ୩୦୦ ୟୁନିଟ୍ ମାଗଣା ବିଜୁଳି ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ, କିନ୍ତୁ ଏବେ ବି ଏହି ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଆମ ରାଜ୍ୟ ବିଜୁଳି ବଳକା ରାଜ୍ୟ ହେବା ସତ୍ତ୍ୱେ ମାଗଣା ବିଜୁଳି ଦିଆଯାଇନାହିଁ। ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ ଯେ କର୍ଣ୍ଣାଟକ ସରକାର ପୁରୁଣା ମିଟରରେ ଅତିରିକ୍ତ ଉପକରଣ ବ୍ୟବହାର କରି ମିଟର ପିଛା ୮୦୦ ଟଙ୍କା ଖର୍ଚ୍ଚ କରି ବ୍ୟବସ୍ଥା କରିଛନ୍ତି। ହେଲେ ଓଡ଼ିଶାରେ ୫୦୦୦ ଟଙ୍କା ବ୍ୟୟରେ ସ୍ମାର୍ଟ ମିଟର ବ୍ୟବସ୍ଥା ଲାଗୁ କରାଯାଉଛି। ସରକାର ବଜେଟରେ ଏଥିପାଇଁ ୭୩୫ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି।

ଗୃହରେ ଶକ୍ତି ମନ୍ତ୍ରୀଙ୍କ ବଦଳରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଆମ ସରକାର ଆସିବା ପରେ ବିଜୁଳି କ୍ଷେତ୍ରରେ ଅନେକ ସଂସ୍କାର ଆସିଛି। ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲିଂ ପ୍ରକ୍ରିୟା ତ୍ରୁଟିଶୂନ୍ୟ ହୋଇପାରିଛି। ଯାହା ଫଳରେ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି। ରାଜ୍ୟରେ ପ୍ରାଇମେରୀ ସବ୍-ଷ୍ଟେସନ ସଂଖ୍ୟା ୧୦୧୭ରୁ ୧୧୯୫କୁ ବୃଦ୍ଧି ପାଇଛି। ସେହିପରି ଟ୍ରାନ୍ସଫର୍ମର ସଂଖ୍ୟା ୧୧,୫୬୨ରୁ ୧୪,୭୩୩କୁ ବୃଦ୍ଧି ପାଇଛି। ଗତ ୫ ବର୍ଷରେ ବୈଷୟିକ ଓ ବାଣିଜ୍ୟିକ କ୍ଷତି ୨୯.୪୮ ପ୍ରତିଶତରୁ ୧୬.୫୫ ପ୍ରତିଶତକୁ ହ୍ରାସ ପାଇଛି। ସୌଭାଗ୍ୟ ଯୋଜନାରେ ୯.୫୭ ଲକ୍ଷ ପରିବାରକୁ ମାଗଣାରେ ବିଜୁଳି ସଂଯୋଗ ବ୍ୟବସ୍ଥା ସରକାର କରିଛନ୍ତି। ରାଜ୍ୟରେ ଆଉ ଲୋ-ଭୋଲଟେଜ ସମସ୍ୟା ନାହିଁ। ଚାଷୀଙ୍କ ପାଇଁ ୟୁନିଟ୍ ପିଛା ସର୍ବନିମ୍ନ ୧.୨୫ ବିଦ୍ୟୁତ୍ ଦର ରହିଛି।



## ଓଡ଼ିଶା ଯାତ୍ରୀ ଆପ୍‌ର ପ୍ରଚାର ପାଇଁ ଖର୍ଚ୍ଚ ହେଲାଣି ୧ କୋଟି ୬୫ଲକ୍ଷରୁ ଅଧିକ

ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): 'ଓଡ଼ିଶା ଯାତ୍ରୀ' ଆପ୍‌ର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ୧ କୋଟି ୬୫ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ଖର୍ଚ୍ଚ କଲେଣି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଯାତ୍ରୀ ଗତ ବର୍ଷ ଜାନୁଆରୀ ୪ ତାରିଖରେ ରାଜଧାନୀରେ ଶୁଭାରମ୍ଭ ହୋଇଥିଲା। ବର୍ତ୍ତମାନ ଏହା ଭୁବନେଶ୍ୱର, କଟକ ଓ ପୁରୀ ଅଞ୍ଚଳରେ କାର୍ଯ୍ୟ କରୁଛି। କୁଟ୍ ଦ୍ୱାରା ଏହି ସଂସ୍ଥାର ପରିଚାଳନା ମୁଭିଂ ଟେକ୍ ଇନୋଭେସନ୍ସ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା ଦ୍ୱାରା କରାଯାଉଛି। 'ଓଡ଼ିଶା ଯାତ୍ରୀ' ଆପ୍ ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସୁଲଭ, ନିରାପଦ ଓ ଦକ୍ଷ ପରିବହନ ପ୍ରଦାନ କରିବା ସହ ଡ୍ରାଇଭରମାନଙ୍କୁ ସେମାନଙ୍କ ରୋଜଗାରର ଶତପ୍ରତିଶତ ଦେଇ ସଶକ୍ତ କରିଥାଏ। 'ଓଡ଼ିଶା ଯାତ୍ରୀ' ଆପ୍ ଶୁଭାରମ୍ଭ ପରଠାରୁ ଏପର୍ଯ୍ୟନ୍ତ ୬.୬୪ ଲକ୍ଷ ଟ୍ରିପରେ ୧୦ କୋଟି ୪୦ ଲକ୍ଷ ଟଙ୍କାର ବ୍ୟବସାୟ ଚାଳକଙ୍କ ଦ୍ୱାରା କରାଯାଇଛି ଓ ଏଥିରୁ କୁଟ୍‌କୁ ୪ କୋଟି ୬ ଲକ୍ଷ ଟଙ୍କା ମିଳିଛି। ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ସେବା ଲୋକଲୋଚନକୁ ଆଣିବା ତଥା ଏହାର ସମ୍ପୂର୍ଣ୍ଣ ଲାଭ ଲୋକମାନଙ୍କୁ ଯୋଗାଇବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚାରପ୍ରସାର ପାଇଁ ମୋଟ୍ ୧,୬୫,୨୨,୭୦୨ ଟଙ୍କା ଖର୍ଚ୍ଚ କରିଛନ୍ତି। ଏଥିମଧ୍ୟରେ ଡିଜିଟାଲ ମାର୍କେଟିଂ ପାଇଁ ସର୍ବାଧିକ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବେଳେ କିଓସ୍କ ନିର୍ମାଣ ପାଇଁ ୧୫ ଲକ୍ଷ ୮୧ ହଜାର, ଭିଡିଓ ବିଜ୍ଞାପନ ପାଇଁ ୬ ଲକ୍ଷ ୬୬ ହଜାର ଓ ବ୍ରାଣ୍ଡ ପ୍ରମୋସନ ପାଇଁ ୩ ଲକ୍ଷ ୧୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ୨ ବର୍ଷରେ ବିଦେଶରୁ ୧୫୮ ଶ୍ରମିକ ଉଦ୍ଧାର

ଗତ ୨ ବର୍ଷ ମଧ୍ୟରେ ବିଭିନ୍ନ ସୂତ୍ରରୁ ସୂଚନା ପାଇ ଓଡ଼ିଶା ସରକାର ବିଦେଶରୁ ୧୫୮ ଜଣ ଶ୍ରମିକଙ୍କୁ ଭାରତ ସରକାରଙ୍କ ସହଯୋଗରେ ଉଦ୍ଧାର କରିଛନ୍ତି। ଶ୍ରମିକ ଉଦ୍ଧାର ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ବିଦେଶରୁ ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଧିକ ୫୦ ଜଣ। ଏହାଛଡ଼ା ଏଥି ମଧ୍ୟରେ ଭଦ୍ରକର ଜଣେ, କଟକର ୬ ଜଣ, ଢେଙ୍କାନାଳର ୧୭ ଜଣ, ଗଞ୍ଜାମର ୧୭ ଜଣ, ଜଗତ୍‌ସିଂହପୁରର ୨ ଜଣ, ଖୋର୍ଦ୍ଧାର ୨୦ ଜଣ, ମୟୂରଭଞ୍ଜର ଜଣେ, ପୁରୀର ୪ ଜଣ ଓ ଅନ୍ୟ ଜିଲ୍ଲାର ୪୦ ଜଣ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନେ ମ୍ୟାଁମାର, ଦୁବାଇ, ଲୋଆସ, ନାଇଜେରିଆ, ଆବୁଧାବୀ, କାମ୍ବୋଡ଼ିଆ, ସୁଦାନ, ଦୁବାଇ, ସାରଜା, ଥାଇଲାଣ୍ଡ, ଓମାନ, ସାଉଦି ଆରବ, ବାଂଲାଦେଶ, ଲିବେରିଆ ଓ ମାଳଦ୍ୱୀପ ଆଦିରେ ଫସି ରହିଥିବା ବେଳେ ସେମାନଙ୍କୁ ରାଜ୍ୟ ସରକାର ଉଦ୍ଧାର କରିଥିବା ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ଉଲ୍ଲେଖ କରିଛନ୍ତି।

## ଇଏସ୍‌ଆଇ ଡାକ୍ତରଖାନା ପାଇଁ ସରକାର ଦେଇଛନ୍ତି ୫ ଏକର ଜମି

ଝାରସୁଗୁଡ଼ାଠାରେ ଇଏସ୍‌ଆଇ ଡାକ୍ତରଖାନା ନିର୍ମାଣ ପାଇଁ ରାଜ୍ୟ ସରକାର ୫ ଏକର ସରକାରୀ ଜମି ଯୋଗାଇ ଦେଇଛନ୍ତି। ଏହି ଡାକ୍ତରଖାନାର ନିର୍ମାଣ କାର୍ଯ୍ୟ ଏବେ ଇଏସଆଇ ମହାନିର୍ଦ୍ଦେଶକଙ୍କ ନିକଟରେ ବିଚାରାଧୀନ ରହିଛି। ଝାରସୁଗୁଡ଼ା ଜିଲ୍ଲାରେ ଇଏସ୍‌ଆଇ ଡାକ୍ତରଖାନା ନିର୍ମାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଉପରୋକ୍ତ ସୂଚନା ଦେଇଛନ୍ତି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଇଏସଆଇ ପକ୍ଷରୁ ଗତ ୨୦୨୨ରେ ଝାରସୁଗୁଡ଼ା ଜିଲ୍ଲାରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ ମିଳିଥିଲା। କର୍ମଚାରୀ ରାଜ୍ୟ ବୀମା ନିଗମର ୧୯୧ତମ ବୈଠକରେ ଝାରସୁଗୁଡ଼ା ଜିଲ୍ଲାରେ ୧୦୦ ଶଯ୍ୟା ଡାକ୍ତରଖାନା ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ତଦନୁଯାୟୀ ରାଜ୍ୟ ସରକାର ଝାରସୁଗୁଡ଼ା ତହସିଲରେ ୫ଏକର ବିଶିଷ୍ଟ ସରକାରୀ ଜମି ଯୋଗାଇ ଦେଇଛନ୍ତି।

## ଦୁଇ ବାନ୍ଧବୀଙ୍କୁ ଅପହରଣ!

ରେଢ଼ାଖୋଲ,୧୦।୩(ସଂଚାର ବ୍ୟୁରୋ): ଗୋଟିଏ ଗାଁର ଦୁଇ ଜଣଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଥାନାର ଦ୍ୱାରସ୍ଥ ହେଲେ ପରିବାର। ସମ୍ବଲପୁର ରେଢ଼ାଖୋଲ ଥାନା କଦଳୀଗଡ଼ ପଞ୍ଚାୟତର ଜଣେ ଯୁବତୀ ଓ ଜଣେ ନାବାଳିକାଙ୍କୁ ଅପହରଣ ହୋଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣଙ୍କ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ। ଅପହୃତଦ୍ୱୟଙ୍କ ମଧ୍ୟରୁ ଯୁବତୀଙ୍କ ବୟସ ୨୧ ହୋଇଥିବା ବେଳେ ନାବାଳିକାଙ୍କ ବୟସ ୧୩ ବର୍ଷ। ଯୁବତୀଙ୍କ ସହ ନାବାଳିକାଙ୍କର ଘନିଷ୍ଠ ବନ୍ଧୁତା ଥିଲା। ଦୁହେଁ ସାଙ୍ଗହୋଇ ପ୍ରତିଦିନ ଗାଁ ମୁଣ୍ଡ ନଳକୂପକୁ ଗାଧୋଇବାକୁ ଯାଆନ୍ତି। ଆଜି ନାବାଳିକା ଜଣଙ୍କ ସ୍କୁଲରୁ ପରୀକ୍ଷା ଦେଇ ଫେରିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଯୁବତୀଙ୍କ ସହ ସେଠାକୁ ଯାଇଥିଲେ। କିନ୍ତୁ ସେଠାରୁ ଦୁହେଁ ଆଉ ଘରକୁ ଫେରି ନଥିଲେ। ପରେ ଉଭୟଙ୍କ ପରିବାର ନଳକୂପ ନିକଟକୁ ଯାଇ ଖୋଜାଖୋଜି କରିଥିଲେ ହେଁ ସେମାନଙ୍କ ପତ୍ତା ପାଇନଥିଲେ। ଶେଷରେ ସେମାନଙ୍କୁ କେହି ଅପହରଣ କରିନେଇଥିବା ପରିବାର ଲୋକେ ସନ୍ଦେହ କରି ରେଢ଼ାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ୍ ତଦନ୍ତ ଆରମ୍ଭ କରିଛି।

### କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମହିଳା କଂଗ୍ରେସର ସ୍ମାରକପତ୍ର




ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଆଜି ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଏଡିଏମଙ୍କ ଜରିଆରେ କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ରାଷ୍ଟ୍ରପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ପୂର୍ବରୁ ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକ ଓ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୁରୀଙ୍କ ଇସ୍ତଫା ଦାବି କରି ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ଅବସରରେ ଶ୍ରୀମତୀ ବାହିନୀପତି କହିଛନ୍ତି ଯେ କେନ୍ଦ୍ରର ବିଜେପି ସରକାର ନୈତିକତା ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଶ୍ରୀ ପୁରୀ ଜେଫରୀ ଇପିଷ୍ଟିନର ଅପରାଧ ଦୁନିଆର ଅଂଶୀଦାର ଥିଲେ ମଧ୍ୟ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଉନାହିଁ। ପୃଥିବୀର ବିଭିନ୍ନ ରାଜନେତା ବିଭିନ୍ନ ଦେଶରେ ସରକାରୀ ବ୍ୟବସ୍ଥାରେ ଅଂଶୀଦାର ଥିବା ବେଳେ ସେମାନଙ୍କ ନାମ ଇପିଷ୍ଟିନ ଫାଇଲରେ ବାହାରିବା ପରେ ସେମାନେ ନିଜ ପଦପଦବୀରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ଶ୍ରୀ ପୁରୀଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଦେଶରେ ଆଲୋଚନା କରାଯାଏ। ତେଣୁ ତାଙ୍କର ବ୍ୟକ୍ତିତ୍ୱ ଓ ଚରିତ୍ର ସ୍ୱଚ୍ଛ ରହିବା ଉଚିତ। ଜେଫରି ଇପିଷ୍ଟିନ ଯେଉଁଭଳି ଭାବେ ନାବାଳିକାମାନଙ୍କର ଯୌନଶୋଷଣ, ରକ୍ତ ଶୋଷଣ କରିଥିଲା ଓ ସେମାନଙ୍କୁ ହତ୍ୟା କରିଥିଲା, ଏଥିରୁ ସ୍ପଷ୍ଟ ଯେ ସେ ଜଣେ ରକ୍ତପିପାସୁ ପିଶାଚ। ଏଣୁ ଶ୍ରୀ ପୁରୀଙ୍କୁ ତୁରନ୍ତ ବହିଷ୍କାର କରାଯିବା ସହ ତାଙ୍କ ବିରୋଧରେ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ଶ୍ରୀମତୀ ବାହିନୀପତି ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ପ୍ରଣତୀ ମିଶ୍ର, ବିଶ୍ୱକଲ୍ୟାଣୀ କର, ସୁନିତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ସିଲି ସେଠୀ ଅଂଶଗ୍ରହଣ କରିଥିଲେ।

## ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

● ତଥ୍ୟରେ ତାଳମେଳ ନ ଥିବାରୁ ଉତ୍ତେଜନା

ସୁନାବେଡ଼ା,୧୦।୩(ସଂଚାର ବ୍ୟୁରୋ): ଜବାହର ନବୋଦୟ ବିଦ୍ୟାଳୟର ୩ ଛାତ୍ରଙ୍କ ମୃତ୍ୟୁ ଘଟଣାର ମାତ୍ର ୩ ଦିନ ପରେ ପୁଣି ଜଣେ ଆଶ୍ରମ ବିଦ୍ୟାଳୟ ଛାତ୍ରଙ୍କ ମୃତ୍ୟୁକୁ ନେଇ କୋରାପୁଟ ଜିଲ୍ଲାରେ ଶୋକାକୁଳ ପରିବେଶ ସହ ତୀବ୍ର ଉତ୍ତେଜନା ଦେଖାଦେଇଛି। ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ରେଙ୍ଗା ଆଶ୍ରମ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସୁହାନ ଖରାଙ୍କ ମୃତ୍ୟୁ ଏବେ ରହସ୍ୟଘେରରେ। ସୁହାନଙ୍କ ମୃତ୍ୟୁକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷକଙ୍କ ବୟାନରେ ତାଳମେଳ ରହୁ ନ ଥିବା ଅଭିଯୋଗ ହୋଇଛି। ଶିକ୍ଷକ ଓ ପିଅନଙ୍କ କହିବାନୁସାରେ, ପରୀକ୍ଷା ପରେ ସୁହାନ ଓ ତାଙ୍କ ୩ ସାଙ୍ଗ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସୁହାନ ଅଚେତ ହେବାରୁ ସାଙ୍ଗମାନେ ତାଙ୍କୁ ସ୍କୁଲକୁ ଆଣିଥିଲେ। ହେଲେ ପ୍ରଧାନଶିକ୍ଷକ ଛାତ୍ର ଜଣଙ୍କ ବାଥରୁମ୍‌ରେ ପଡ଼ି ଅଚେତ ହୋଇଥିବା କହିଥିଲେ। କିନ୍ତୁ ଡାକ୍ତରୀ ରିପୋର୍ଟରେ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପୂର୍ବରୁ ହିଁ ସୁହାନଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ତଥ୍ୟରେ ଏପରି ବିଭ୍ରାଟ ଯୋଗୁ ଛାତ୍ରଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେହିପରି ସମ୍ପର୍କୀୟଙ୍କ ପ୍ରଶ୍ନବାଣରେ ପ୍ରଧାନଶିକ୍ଷକ ଚେତାଶୂନ୍ୟ ହୋଇପଡ଼ିବାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଖବର ପାଇ ପଟ୍ଟାଙ୍ଗି ପୁଲିସର ଏସଆଇ ଓ ଏଏସଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ବିଦ୍ୟାଳୟର ଶିକ୍ଷକ, ପିଅନ ଓ ୩ ଜଣ ସାଙ୍ଗଙ୍କୁ ପଚରାଉଚରା କରୁଛି। ଘଟଣାର ତଦନ୍ତ ଚାଲିଛି ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡ କହିଛନ୍ତି।

## ନବନିଯୁକ୍ତ ଏଏଲ୍‌ଓଙ୍କ ତାଲିମ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଗୋପବନ୍ଧୁ ପ୍ରଶାସନ ଏକାଡେମୀ ପରିସରରେ ରାଜ୍ୟ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଅଧୀନରେ ନବନିଯୁକ୍ତ ସହକାରୀ ଶ୍ରମ ଅଧିକାରୀ (ଏଏଲ୍‌ଓ)ମାନଙ୍କ ପାଇଁ ଏକ ତିନିମାସିଆ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସେ ନବନିଯୁକ୍ତ ଅଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ପ୍ରତିଷ୍ଠିତ ଅନୁଷ୍ଠାନରୁ ଉପଯୁକ୍ତ ତାଲିମ୍ ଗ୍ରହଣ କରି ଆଗାମୀ ଦିନରେ ନିଷ୍ଠା ଓ ସମର୍ପଣର ସହ ଜନସାଧାରଣଙ୍କ ସେବା କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋପବନ୍ଧୁ ପ୍ରଶାସନ ଏକାଡେମୀର ମହାନିର୍ଦ୍ଦେଶକ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମ୍ ଯୋଗଦେଇ ଅଧିକାରୀମାନଙ୍କୁ ସମ୍ବୋଧନ କରିଥିଲେ। ଉପମହାନିର୍ଦ୍ଦେଶକ ମୋନାଲିସା ଲେଙ୍କା, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମଧୁମିତା ନାଏକ, ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ଅତିରିକ୍ତ ଶ୍ରମ କମିଶନର ମଦନ ମୋହନ ପାଇକ ଉପସ୍ଥିତ ଥିଲେ।

### ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡ଼ିଶା ତଳକୁ ଖସିବା ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରିତାରେ ଓଡ଼ିଶା ପଛରେ ପଡ଼ିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ଆଇନ ଶୃଙ୍ଖଳା ଦିନକୁ ଦିନ ଅଧିକ ବିପର୍ଯ୍ୟସ୍ତ ହୋଇପଡୁଥିବା ବେଳେ ନ୍ୟାୟ ସଂହିତା କାର୍ଯ୍ୟକାରିତା କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ଢେର ପଛରେ ରହିବା ରାଜ୍ୟ ସରକାରଙ୍କ ବିଫଳତା ଜଳ ଜଳ ଦିଶୁଛି ବୋଲି ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ନ୍ୟାୟ ସଂହିତା କାର୍ଯ୍ୟକାରୀ କ୍ଷେତ୍ରରେ ଜାତୀୟ ର୍ୟାଙ୍କିଙ୍ଗ୍‌ରେ ଗତବର୍ଷ ନଭେମ୍ବରରେ ଓଡ଼ିଶା ୧୪ଶ ସ୍ଥାନରେ ଥିବା ବେଳେ ଗତ ୩ ମାସ ଭିତରେ ୨୮ତମ ସ୍ଥାନକୁ ଖସିଆସିଛି। ଗତ ଫେବ୍ରୁଆରୀର ରିପୋର୍ଟ ଅନୁଯାୟୀ, ଜାତୀୟ ହାର ୬୦.୩୫ ଥିବା ବେଳେ ଓଡ଼ିଶା ଏହାଠାରୁ ୮ ପଏଣ୍ଟ ପଛରେ ରହିଛି। ପୂର୍ବରୁ ୧୪ଶ ସ୍ଥାନରେ ଥିବା ଓଡ଼ିଶା ଉପରକୁ ଉଠିବା ପରିବର୍ତ୍ତେ ତଳକୁ ଖସିବା ରାଜ୍ୟ ପୁଲିସ୍ ବିଭାଗର ଅପାରଗତା ସହ ସରକାରଙ୍କ ଗୃହ ବିଭାଗର ବିଫଳତାକୁ ପଦାରେ ପକାଇଛି। ଓଡ଼ିଶାକୁ ଏକ ନମ୍ବର ରାଜ୍ୟ କରିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଅମଳରେ ସବୁ କ୍ଷେତ୍ରରେ ଓଡ଼ିଶା ନିମ୍ନଗାମୀ ହୋଇଛି। ତେଣୁ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଡ. ମହାନ୍ତି କହିଛନ୍ତି।

### ବେଦାନ୍ତ ଆଲୁମିନିୟମରେ ମହିଳା ନେତୃତ୍ୱକୁ ଗୁରୁତ୍ୱ

## କମାଣ୍ଡ କଣ୍ଟ୍ରୋଲ୍ ରୁମ୍ ପରିଚାଳନାରେ ୪୦ ମହିଳା ନିୟୋଜିତ



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ପ୍ରମୁଖ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ସ୍ଥିତ ଏହାର ଆଲୁମିନା ରିଫାଇନାରୀରେ ବିତରିତ ନିୟନ୍ତ୍ରଣ ପ୍ରଣାଳୀର ନେତୃତ୍ୱ ନେବା ସକାଶେ ଏକ ମହିଳା ଦଳକୁ ନିୟୋଜିତ କରିଛି। ୪୦ ଜଣ ପ୍ରଶିକ୍ଷିତ ମହିଳା ପେସାଦାରଙ୍କ ଏକ ଦଳ ଏବେ ରିଫାଇନାରିର ପରିଚାଳନା କରିବେ, ଯାହାକି ପ୍ଲାଣ୍ଟ୍ ପରିଚାଳନା କ୍ଷେତ୍ରରେ ସବୁଠାରୁ ଜଟିଳ ଓ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ମଧ୍ୟରୁ ଅନ୍ୟତମ। ଅନ୍ତର୍ଜାତୀୟ ମହିଳା ଦିବସରେ ନିଆଯାଇଥିବା ଏହି ପଦକ୍ଷେପ ମୁଖ୍ୟ ଶିଳ୍ପ ଓ ପ୍ରକ୍ରିୟା ନିୟନ୍ତ୍ରଣ ଭୂମିକାରେ ମହିଳା ପ୍ରତିନିଧିତ୍ୱ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଉତ୍ପାଦନ କାର୍ଯ୍ୟପ୍ରବାହ ଉପରେ ନିର୍ବିଘ୍ନ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଶହ ଶହ ଡାଟା ଷ୍ଟ୍ରିମକୁ ଏକୀକୃତ କରିବା ପାଇଁ ଡିସିଏସ ରିଫାଇନାରୀର କେନ୍ଦ୍ରସ୍ଥଳ। ଏହି କାର୍ଯ୍ୟରେ ମହିଳାମାନଙ୍କୁ ସ୍ଥାନିତ କରି ବେଦାନ୍ତ ଆଲୁମିନିୟମ୍ ଏକ ଅନ୍ତର୍ଭୁକ୍ତ ଶିଳ୍ପ କର୍ମଶକ୍ତି ଗଠନ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେମାନଙ୍କ ଭୂମିକାରେ ପ୍ରକ୍ରିୟା ପାରାମିଟରଗୁଡ଼ିକର ବାସ୍ତବ-ସମୟ ତଦାରଖ, କାର୍ଯ୍ୟକ୍ଷମ ଧାରା ବିଶ୍ଳେଷଣ, ସୁରକ୍ଷା ଆଲାର୍ମ ମୂଲ୍ୟାଙ୍କନ ତଥା ସ୍ଥିର, ଦକ୍ଷ ଓ ସୁରକ୍ଷିତ ରିଫାଇନାରୀ କାର୍ଯ୍ୟ ବଜାୟ ରଖିବା ପାଇଁ ଶୀଘ୍ର ନିଷ୍ପତ୍ତି ନେବା ଏଥିରେ ଅନ୍ତର୍ଭୁକ୍ତ। ଏନେଇ ବେଦାନ୍ତ ଆଲୁମିନିୟମ୍ ସିଇଓ ରାଜୀବ କୁମାର କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମ୍‌ରେ ଉଚ୍ଚ-ଦକ୍ଷ ଶିଳ୍ପ ଭୂମିକାର ନେତୃତ୍ୱ ନେବା ପାଇଁ ମହିଳାଙ୍କୁ ସଶକ୍ତ କରିବା ଏକ ପ୍ରମୁଖ ପଦକ୍ଷେପ। ଅଧିକ ମହିଳା କମାଣ୍ଡ ସେଣ୍ଟର, ସ୍ମେଲଟର, ଲୋକୋମୋଟିଭ୍ ଓ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରୁଥିବାରୁ ଆମେ ଏକ ଉତ୍ପାଦନ ଇକୋସିଷ୍ଟମ ଗଠନ କରୁଛୁ।

## ଆଜିଠୁ ବଢ଼ିବ ଦିନ ତାପମାତ୍ରା

● ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ଆସନ୍ତାକାଲିଠାରୁ ରାଜ୍ୟରେ ବଢ଼ିବ ଦିନ ତାପମାତ୍ରା। ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ ଦିନ ତାପମାତ୍ରା। ଏନେଇ ଆଜି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ। କିନ୍ତୁ ଗ୍ରୀଷ୍ମ ଆରମ୍ଭରୁ ଅସମ୍ଭାଳ ତାତି ସହ୍ୟ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟା ମଧ୍ୟରେ ୩୭.୬ ଡିଗ୍ରୀ ସେଲସିୟସ ସହ ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ରହିଛି। ସେହିଭଳି ରାୟଗଡ଼ାରେ ସର୍ବନିମ୍ନ ତାପମାତ୍ରା ୧୭.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେପଟେ ଆଗାମୀ ୨୪ ଘଣ୍ଟାରେ ବର୍ଷା ପାଇଁ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ମଧ୍ୟ ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ବିଜୁଳି ଘଡଘଡି ସହ ଘଣ୍ଟା ପ୍ରତି ୩୦ ରୁ ୪୦ କିମି ବେଗରେ ପବନ ମଧ୍ୟ ବହିପାରେ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାଛଡ଼ା ପବନ ବହିବା ସହ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ଝଡ଼ତୋଫାନ ହେବାର ସମ୍ଭାବନା ରହିଛି। କିନ୍ତୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ମୁଖ୍ୟତଃ ଦିନ ବେଳାର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି।

### ଜାତୀୟ ୱେବିନାରରେ ଓଡ଼ିଶାର ପ୍ରସ୍ତାବ

# ଅର୍ଥନୈତିକ କରିଡର୍ ସହ ଯୋଡ଼ିହେବ 'ବିଶ୍ୱବିଦ୍ୟାଳୟ ଟାଉନସିପ୍'




ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ବଜେଟ୍ ପରବର୍ତ୍ତୀ ଏକ ଜାତୀୟ ସ୍ତରୀୟ ୱେବିନାରରେ ଓଡ଼ିଶା ଅଂଶଗ୍ରହଣ କରି ପ୍ରମୁଖ ଶିଳ୍ପ ତଥା ଅର୍ଥନୈତିକ କରିଡର ନିକଟରେ 'ବିଶ୍ୱବିଦ୍ୟାଳୟ ଟାଉନସିପ୍' ପ୍ରତିଷ୍ଠା କରିବାକୁ ଦୃଢ଼ ଯୁକ୍ତି ବାଢ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ୱେବିନାରରେ ଯୋଗଦେଇଥିଲେ। ଓଡ଼ିଶାର ରଣନୈତିକ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ ଉଚ୍ଚଶିକ୍ଷା, ଗବେଷଣା, ନୂତନତା ଓ ସହରୀ ବିକାଶକୁ ସମନ୍ୱିତ କରି ଏହି ଟାଉନସିପ୍‌ଗୁଡ଼ିକ ଗଠନ କରାଯିବା ଉଚିତ।

ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ରେ ଦେଶର ପ୍ରମୁଖ ଶିଳ୍ପ ଏବଂ ଲଜିଷ୍ଟିକ୍ କରିଡରରେ ୫ଟି ସ୍ୱତନ୍ତ୍ର 'ବିଶ୍ୱବିଦ୍ୟାଳୟ ଟାଉନସିପ୍' ସ୍ଥାପନ ପାଇଁ ପ୍ରସ୍ତାବ ଦିଆଯାଇଛି। ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଛନ୍ତି ଯେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ଅର୍ଥନୈତିକ ଅଞ୍ଚଳ ବିସିପିପିଇଆର ଅଞ୍ଚଳ ଏବଂ ପଶ୍ଚିମ ଓ ଉତ୍ତର ଓଡ଼ିଶାର ସହରୀ ଅର୍ଥନୈତିକ ଜୋନ୍‌ଗୁଡ଼ିକୁ ଆଧାର କରି ଏହି ଟାଉନସିପ୍ ନିର୍ମାଣ କରାଯାଇପାରିବ। ବିଶେଷକରି ରାଉରକେଲା, ସମ୍ବଲପୁର ଓ କୋରାପୁଟ ଭଳି ସହରକୁ କେନ୍ଦ୍ର କରି ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଗଲେ ଆଞ୍ଚଳିକ ବିକାଶ ସନ୍ତୁଳିତ ହୋଇପାରିବ।

ଏହି ଟାଉନସିପ୍‌ଗୁଡ଼ିକୁ ଆଧୁନିକ ଭିତ୍ତିଭୂମି, ଗବେଷଣା କେନ୍ଦ୍ର, ଛାତ୍ରାବାସ ଓ ଉନ୍ନତ ପରିବହନ ସେବା ସହ ଏକ ସାଟେଲାଇଟ୍ ସିଟି ଭାବେ ବିକଶିତ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ବିଶ୍ୱସ୍ତରୀୟ ପ୍ରତିଭାମାନେ ଆକୃଷ୍ଟ ହେବେ। ଏଥିସହ କ୍ୟାମ୍ପସ ମଧ୍ୟରେ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ ଆବାସିକ ବ୍ୟବସ୍ଥା ଓ ଏକ ଅନ୍ତର୍ଭୁକ୍ତିକରଣ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ସମ୍ପ୍ରସାରିତ ଶିଳ୍ପ କରିଡର୍‌ଗୁଡ଼ିକରେ ଏହି ବିଶ୍ୱବିଦ୍ୟାଳୟ ଟାଉନସିପ୍‌ଗୁଡ଼ିକ 'ଇନୋଭେସନ କ୍ଲଷ୍ଟର' ଭାବେ କାର୍ଯ୍ୟ କରିବ। ଏଠାରେ ବିଶ୍ୱବିଦ୍ୟାଳୟ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ସହ ଦକ୍ଷତା ବିକାଶ ଓ ପ୍ରଯୁକ୍ତିଭିତ୍ତିକ ଉଦ୍ୟୋଗୀକରଣକୁ ପ୍ରୋତ୍ସାହନ ମିଳିବ।



# ବଡ଼ ଆକ୍ରମଣ ଆଶଙ୍କା, ବିଶ୍ୱବ୍ୟାପୀ ରେଡ୍ ଆଲର୍ଟ

## ସ୍ଲିପର ସେଲ୍‌କୁ ସକ୍ରିୟ କଲା ଇରାନ



ତେହେରାନ, ୧୦।୩: ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ ମଧ୍ୟପ୍ରାଚ୍ୟ ସମେତ ସମଗ୍ର ବିଶ୍ୱରେ ଉତ୍ତେଜନା ହ୍ରାସ ପାଇବା ପରିବର୍ତ୍ତେ ଏକ ଭୟଙ୍କର ମୋଡ଼ ନେଇଛି । ଗୁଇନ୍ଦା ରିପୋର୍ଟ ଅନୁଯାୟୀ, ଖେମିନିଙ୍କ ବିଦାୟ ପରେ ଇରାନ ନିଜର ବିଶ୍ୱବ୍ୟାପୀ ଗୁପ୍ତ ନେଟୱାର୍କ ବା 'ସ୍ଲିପର୍ ସେଲ୍ସ'କୁ ସକ୍ରିୟ କରିବା ପାଇଁ ଏକ ରହସ୍ୟମୟ ସଙ୍କେତ ପଠାଇଛି। ଏହି ଘଟଣା ଆମେରିକା ଓ ଇସ୍ରାଏଲ୍ ଭଳି ଦେଶଗୁଡ଼ିକର ଚିନ୍ତା ବଢ଼ାଇ ଦେଇଛି। ଜାତୀୟ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଅନୁଯାୟୀ, ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ଏକ ଏନକ୍ରିପ୍ଟେଡ୍ ବାର୍ତ୍ତାକୁ ଧରିବାରେ ସଫଳ ହୋଇଛନ୍ତି। ଦାବି କରାଯାଇଛି ଯେ, ଫେବୃଆରୀ ୨୮ ତାରିଖରେ ଖେମିନିଙ୍କ ମୃତ୍ୟୁର କିଛି ସମୟ ପରେ ଏହି ସଙ୍କେତ ଇରାନରୁ ପଠାଯାଇଥିଲା। ଏହି ବାର୍ତ୍ତାଟି ଏପରି ଏକ ଜଟିଳ କୋଡରେ ଥିଲା, ଯାହାକୁ କେବଳ ନିର୍ଦ୍ଦିଷ୍ଟ 'ଡିକ୍ରିପ୍ସନ୍ କୀ' ଥିବା ବ୍ୟକ୍ତି ବା ଏଜେଣ୍ଟମାନେ ହିଁ ପଢ଼ିପାରିବେ ।

ବିଶେଷଜ୍ଞମାନଙ୍କ ମତରେ, ଏହି ସଙ୍କେତ କୌଣସି ସାଧାରଣ ସୂଚନା ନୁହେଁ, ବରଂ ଏହା ଏକ 'ସକ୍ରିୟକରଣ କୋଡ୍'। ସାଧାରଣତଃ ସ୍ଲିପର୍ ସେଲ୍ସଗୁଡ଼ିକ ବିଭିନ୍ନ ଦେଶରେ ସାଧାରଣ ନାଗରିକଙ୍କ ଭଳି ରୁହନ୍ତି ଏବଂ ଏଭଳି କୌଣସି ବିଶେଷ ସଙ୍କେତ ପାଇବା ପରେ ହିଁ ସେମାନେ ନିଜର ଆକ୍ରମଣାତ୍ମକ ଅଭିଯାନ ଆରମ୍ଭ କରନ୍ତି। ଗୁଇନ୍ଦା ବିଭାଗ ଭୟ କରୁଛି ଯେ ଇରାନ ନିଜର ଶୀର୍ଷ ନେତୃତ୍ୱଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏହି 'ଡେଥ୍ ୱାରେଣ୍ଟ' ଜାରି କରିଥାଇପାରେ ।

ଆମେରିକାର ଫେଡେରାଲ୍ ଆଲର୍ଟ ଅନୁଯାୟୀ, ଏହି ସଙ୍କେତକୁ ଅତି ଅସାଧାରଣ ଭାବେ ଅନେକ ଦେଶରେ ପୁନଃ-ପ୍ରସାରଣ କରାଯାଇଛି। ଏହାର ଅର୍ଥ ହେଉଛି, ଇରାନୀ ଏଜେଣ୍ଟମାନେ ବିଶ୍ୱର କୋଣ ଅନୁକୋଣରେ ବିଛାଇ ହୋଇ ରହିଛନ୍ତି। ଗୁଇନ୍ଦା ସଂସ୍ଥାଗୁଡ଼ିକର ଆଶଙ୍କା ଯେ ଇସ୍ରାଏଲୀ ଓ ଆମେରିକୀୟ ପ୍ରତିଷ୍ଠାନଗୁଡ଼ିକ ଉପରେ ବଡ଼ ଧରଣର ବୋମା ବିସ୍ଫୋରଣ ହୋଇପାରେ। ବିଦେଶରେ ଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କୁ ଟାର୍ଗେଟ୍ କରାଯାଇପାରେ। 'ଲୋନ୍ ୱୁଲ୍ଫ ଆଟାକ୍' କରାଯାଇପାରେ। ଯଦିଓ ଇରାନ ବାହାରକୁ ଶାନ୍ତ ଦେଖାଯାଉଛି, କିନ୍ତୁ ଏହି ଗୁପ୍ତ ସଙ୍କେତରୁ ସ୍ପଷ୍ଟ ଜଣାପଡୁଛି ଯେ ପରଦା ପଛରେ ଏକ ବଡ଼ ଧରଣର ପ୍ରତିଶୋଧମୂଳକ ଯୋଜନା ପ୍ରସ୍ତୁତ ହେଉଛି। ବର୍ତ୍ତମାନ ସମଗ୍ର ବିଶ୍ୱର ସୁରକ୍ଷା ସଂସ୍ଥାଗୁଡ଼ିକ ଏହି ଏନକ୍ରିପ୍ଟେଡ୍ ବାର୍ତ୍ତାକୁ ଡିକୋଡ୍ କରିବାକୁ ଚେଷ୍ଟା କରୁଛନ୍ତି, ଯାହାଦ୍ୱାରା ସମ୍ଭାବ୍ୟ ଆକ୍ରମଣକୁ ରୋକାଯାଇପାରିବ।

## ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପଙ୍କ ସହ କଥା ହେଲେ ପୁଟିନ



ରୁଷ, ୧୦।୩: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ଚାରି ବର୍ଷ ଧରି ୟୁକ୍ରେନ ସହିତ ଯୁଦ୍ଧରେ ଫସି ରହିଛନ୍ତି। ଏବେ ସେ ପଶ୍ଚିମ ଏସିଆରେ ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଥିବା ଦେଖାଯାଉଛି । ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଟେଲିଫୋନ୍ ଆଲୋଚନାରେ ପୁଟିନ ଇରାନ ଏବଂ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧକୁ ବନ୍ଦ କରିବା ପାଇଁ ଏକ ଠୋସ୍ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ମଧ୍ୟପ୍ରାଚ୍ୟ ପାଇଁ କୂଟନୈତିକ ସମାଧାନ ଉପରେ ଏହି ଆଲୋଚନା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି କାରଣ ଇରାନକୁ ରୁଷର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ପୁରୁଣା ସହଯୋଗୀ ଭାବରେ ବିବେଚନା କରାଯାଏ। ୧୧ ଦିନ ଧରି ଜାରି ରହିଥିବା ଏହି ମହାଯୁଦ୍ଧ ମଧ୍ୟରେ, ଦୁଇ ଶୀର୍ଷ ନେତାଙ୍କ ମଧ୍ୟରେ ଆଲୋଚନା ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଏକ ନୂତନ ଆଶା ଭାବରେ ଉଭା ହୋଇଛି।

ପୁଟିନ ଓ ଟ୍ରମ୍ପଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିବା ଏହି ଆଲୋଚନା ଆମେରିକା ଦ୍ୱାରା ଆରମ୍ଭ ହୋଇଥିଲା। ଦୁଇ ନେତା ପଶ୍ଚିମ ଏସିଆର ଗମ୍ଭୀର ପରିସ୍ଥିତି ଏବଂ ଫେବୃଆରି ୨୮ରେ ଆରମ୍ଭ ହୋଇଥିବା ଯୁଦ୍ଧର ଅନ୍ତ କିପରି ହେବ ସେ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସାମରିକ ଅଭିଯାନକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜନୈତିକ ଏବଂ କୂଟନୈତିକ ଉପାୟ ଖୋଜିବା ହେଉଛି ସମୟର ଆବଶ୍ୟକତା ବୋଲି ପୁଟିନ କହିଛନ୍ତି। ପୁଟିନ ସ୍ପଷ୍ଟ କରିଛନ୍ତି ଯେ ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ ଏବଂ ଏହା କେବଳ ବିଶ୍ୱ ଅସ୍ଥିରତା ବୃଦ୍ଧି କରିବ, ତେଣୁ ଏହାର ତୁରନ୍ତ ସମାଧାନ ଜରୁରୀ। ଭବିଷ୍ୟତରେ ଆହୁରି କ୍ଷତି ଏଡାଇବା ପାଇଁ ଆଲୋଚନାର ଦ୍ୱାର ଖୋଲା ରଖିବା ଉଭୟ ଦେଶର ସ୍ୱାର୍ଥରେ ବୋଲି ଦୁଇ ନେତା ସହମତ ହୋଇଛନ୍ତି। ଇରାନ ପ୍ରସଙ୍ଗ ବ୍ୟତୀତ, ରାଷ୍ଟ୍ରପତି ପୁଟିନ ଟ୍ରମ୍ପଙ୍କୁ ୟୁକ୍ରେନୀୟ ଯୁଦ୍ଧର ସ୍ଥିତି ଏବଂ ରୁଷୀୟ ସାମରିକ ବାହିନୀର ସାମ୍ପ୍ରତିକ ସଫଳତା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଛନ୍ତି। ସେ କହିଛନ୍ତି, ଫ୍ରଣ୍ଟଲାଇନ୍ସରେ ରୁଷୀୟ ସୈନ୍ୟମାନେ ସ୍ଥିର ଭାବରେ ଆଗକୁ ବଢୁଛନ୍ତି ଏବଂ ଅନେକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବଡ଼ ସଫଳତା ହାସଲ କରୁଛନ୍ତି। ଡିସେମ୍ବର ପରେ ଏହା ଦୁଇ ନେତାଙ୍କ ମଧ୍ୟରେ ପ୍ରଥମ ଆନୁଷ୍ଠାନିକ ଆଲୋଚନା ଏବଂ ଏହା ୟୁକ୍ରେନୀୟ ଏବଂ ଇରାନୀୟ ଉଭୟ ସମ୍ମୁଖର ଭବିଷ୍ୟତର ଗତିପଥ ନିର୍ଣ୍ଣୟ କରିପାରେ ବୋଲି ଚର୍ଚ୍ଚା ହେଉଛି।

ୟୁକ୍ରେନରେ ସାମରିକ ଅଭିଯାନ ଚାରି ବର୍ଷ ପୂରଣ କରିବାକୁ ଯାଉଛି ଏବଂ ପୁଟିନଙ୍କ ଶାନ୍ତି ସ୍ଥାପନକାରୀ ଭୂମିକା ଅନ୍ତର୍ଜାତୀୟ କୂଟନୀତିରେ ଏକ ପ୍ରମୁଖ ପରିବର୍ତ୍ତନ ଭାବରେ ଦେଖାଯାଉଛି। ସେ ଟ୍ରମ୍ପଙ୍କୁ ଆଶ୍ୱାସନା ଦେଇଛନ୍ତି, ରୁଷ ଏହି ଅଞ୍ଚଳରେ ଶାନ୍ତି ଚାହୁଁଛି କିନ୍ତୁ ନିଜର ସୁରକ୍ଷା ଏବଂ ସ୍ୱାର୍ଥ ସହିତ କୌଣସି ପ୍ରକାରର ସାଲିସ କରିବ ନାହିଁ।

ଟ୍ରମ୍ପଙ୍କୁ କଡ଼ା ଜବାବ ଦେଲା ଆଇଆର୍‌ଜିସି

## ହର୍ମୁଜ୍‌ରୁ ଟୋପେ ବି ତେଲ ଛଡ଼ାଯିବନି




ତେହେରାନ, ୧୦।୩: ତେଲ ଯୋଗାଣ ବାଧାପ୍ରାପ୍ତ ହେଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ବଡ଼ ଧରଣର ଆକ୍ରମଣ କରିବାକୁ ଧମକ ଦେଇଥିଲେ। ଏହାର ଏବେ ଜବାବ ଦେଇଛି ଇରାନ। ଇରାନର ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ଟ୍ରମ୍ପଙ୍କୁ କଡ଼ା ଜବାବ ଦେଇ କହିଛି, ତେଲ ଯୋଗାଣ ତ ଦୂରର କଥା, ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ତେଲ ମଧ୍ୟ ଯିବାକୁ ଦିଆଯିବ ନାହିଁ। ବିଶେଷଜ୍ଞମାନେ ହର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ପାଇଁ ଆଇଆର୍‌ଜିସିର ଘୋଷଣାକୁ ବିଶ୍ୱ ପାଇଁ ଏକ ଚେତାବନୀ ବୋଲି ବିଚାର କରୁଛନ୍ତି। ଏହା ଯୋଗୁଁ ଆଗାମୀ ଦିନରେ ଇନ୍ଧନ ମୂଲ୍ୟ ବୃଦ୍ଧି କରିବାର ଆଶଙ୍କା ରହିଛି। ହର୍ମୁଜ ପ୍ରଣାଳୀ ଦେଇ ତେଲ ପ୍ରବାହ ବନ୍ଦ ହେଲେ ଡୋନାଲ୍ଡ ଟ୍ରମ୍ପ ଇରାନକୁ ବିନାଶର ଧମକ ଦେଇଥିଲେ। ମାତ୍ର କିଛି ଘଣ୍ଟା ପରେ, ଆଇଆର୍‌ଜିସି ପାଞ୍ଚଟି ଶବ୍ଦରେ ଉତ୍ତର ଦେଇଛି ଏକ ଲିଟର ମଧ୍ୟ ତେଲ ନୁହେଁ। ବିଶେଷଜ୍ଞ ଶାନାକା ଆନ୍ସଲେମ୍ ପେରେରା କହିଛନ୍ତି, ଏହା ବଢୁଥିବା ବିଶ୍ୱରେ ସମ୍ଭାବ୍ୟ ଶକ୍ତି ସଙ୍କଟ ପାଇଁ ଏକ ସୂଚନା। ଆଇଆର୍‌ଜିସି କହିଛି ଯେ ଯଦି ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଜାରି ରହେ, ତେବେ ସେମାନେ ହର୍ମୁଜ୍ ପ୍ରଣାଳୀ ଦେଇ ଗୋଟିଏ ଲିଟର ମଧ୍ୟ ତେଲ ରପ୍ତାନି କରିବାକୁ ଦେବେ ନାହିଁ। କେବଳ ହର୍ମୁଜ୍ ପ୍ରଣାଳୀ ଦେଇ ନୁହେଁ ବରଂ ସମଗ୍ର ଅଞ୍ଚଳରେ ତୈଳ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ।



## ବାଂଲାଦେଶକୁ ୫ ହଜାର ଟନ୍ ଡିଜେଲ ଯୋଗାଇଲା ଭାରତ

ନୂଆଦିଲ୍ଲୀ, ୧୦।୩: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ବାଂଲାଦେଶ ପାଇଁ ବିପଦର ବନ୍ଧୁ ପାଲଟିଛି ଭାରତ। ମଙ୍ଗଳବାର ଭାରତରୁ ବାଂଲାଦେଶକୁ ପାଇପ୍‌ଲାଇନ୍ ମାଧ୍ୟମରେ ୫,୦୦୦ ଟନ୍ ଡିଜେଲ ପଠାଯାଇଛି। ଏହି ଡିଜେଲ ପାର୍ବତୀପୁର ସୀମା ଦେଇ ବାଂଲାଦେଶରେ ପ୍ରବେଶ କରିବ। ବାଂଲାଦେଶ ପେଟ୍ରୋଲିୟମ କର୍ପୋରେସନ (ବିପିସି)ର ଅଧ୍ୟକ୍ଷ ମହମ୍ମଦ ରେଜାନୁର ରହମାନ ଏହା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆମର ଭାରତ ସହିତ ଏକ ଚୁକ୍ତି ଅଛି, ଏବଂ ସେହି ଚୁକ୍ତି ଅନୁଯାୟୀ, ଭାରତ ପ୍ରତିବର୍ଷ ପାଇପ୍‌ଲାଇନ୍ ମାଧ୍ୟମରେ ବାଂଲାଦେଶକୁ ୧୮୦,୦୦୦ ଟନ୍ ଡିଜେଲ ଯୋଗାଇବ। ବର୍ତ୍ତମାନ ଆସୁଥିବା ୫,୦୦୦ ଟନ୍ ଡିଜେଲ ସେହି ଚୁକ୍ତିର ଏକ ଅଂଶ। ଚୁକ୍ତି ଅନୁଯାୟୀ, ଛଅ ମାସ ମଧ୍ୟରେ ବାଂଲାଦେଶକୁ ଅତି କମରେ ୯୦,୦୦୦ ଟନ୍ ଡିଜେଲ୍ ପଠାଯିବ। ମଙ୍ଗଳବାର ଆସୁଥିବା କନସାଇନମେଣ୍ଟ ୫,୦୦୦ ଟନ୍ ଏବଂ ଆମେ ଆଶା କରୁଛୁ ଯେ, ଆଗାମୀ ଦୁଇ ମାସ ମଧ୍ୟରେ, ଆମେ ସମ୍ପୂର୍ଣ୍ଣ ଛଅ ମାସ ପାଇଁ ମୋଟ ଡିଜେଲ ପରିମାଣ ପାଇବୁ ବୋଲି ବିପିସି ଅଧ୍ୟକ୍ଷ କହିଛନ୍ତି ।

ସପ୍ତାହର ଆରମ୍ଭରେ, ବାଂଲାଦେଶ ରବିବାର ଇନ୍ଧନ ଷ୍ଟକ୍ ସ୍ଥିତି ଯାଞ୍ଚ କରିବା ପାଇଁ ଅଭିଯାନ ଚଳାଇଥିଲା ବୋଲି ଶକ୍ତି ମନ୍ତ୍ରଣାଳୟ କହିଛି। ବର୍ତ୍ତମାନର ସଙ୍କଟକାଳୀନ ପରିସ୍ଥିତିରେ, ବିଭିନ୍ନ ଗଣମାଧ୍ୟମ ରିପୋର୍ଟ କରିଛନ୍ତି ଯେ କିଛି ଅସାଧୁ ବ୍ୟବସାୟୀ ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା ପାଇଁ ବେଆଇନ ଭାବରେ ଇନ୍ଧନ ଗଚ୍ଛିତ କରୁଛନ୍ତି। ବାଂଲାଦେଶ ଶକ୍ତି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ସଙ୍କଟର ସମାଧାନ ପାଇଁ, ସରକାର ଯାନବାହାନ ଉପରେ ଆଧାର କରି ଇନ୍ଧନ ଯୋଗାଣ ସୀମା ସ୍ଥିର କରିସାରିଛନ୍ତି ।

ଏହା ଦେଖାଯାଉଛି ଯେ ବିଭିନ୍ନ ପେଟ୍ରୋଲ ପମ୍ପ ଓ ଫିଲିଂ ଷ୍ଟେସନରେ ସରକାର ଦ୍ୱାରା ଅନୁମୋଦିତ ସୀମାଠାରୁ ଅଧିକ ପରିମାଣରେ ଇନ୍ଧନ ବିକ୍ରି କରାଯାଉଛି। ଅତ୍ୟଧିକ ଲାଭ ପାଇଁ ଅତିରିକ୍ତ ଷ୍ଟକ୍ ଗଚ୍ଛିତ ରଖାଯାଉଛି। ଖୋଲା ବଜାରରେ ଇନ୍ଧନ ବିକ୍ରୟ ଓ ଚୋରାଚାଲାଣ ହେବାର ଆଶଙ୍କା ରହିଛି ବୋଲି ମନ୍ତ୍ରଣାଳୟ କହିଛି।

## ଭାରତଠାରୁ ବ୍ରହ୍ମୋସ କିଣିବ ଇଣ୍ଡୋନେସିଆ

ଜକାର୍ତ୍ତା, ୧୦।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସମୟରେ ଇଣ୍ଡୋନେସିଆର ବଡ଼ ଘୋଷଣା। ଭାରତ ଠାରୁ ବ୍ରହ୍ମୋସ ମିସାଇଲ କିଣିବ ଇଣ୍ଡୋନେସିଆ। ଏନେଇ ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରବକ୍ତା ରିକୋ ରିକାର୍ଡୋ ସାଇରାତ ସୋମବାର ରୟଟର୍ସକୁ ସୂଚନା ଦେଇଛନ୍ତି। ମିସାଇଲ କିଣିବା ନେଇ କମ୍ପାନୀ ଇଣ୍ଡୋନେସିଆ ସହ ଆଲୋଚନା




କରୁଛି ବୋଲି କହିଥିଲା। ଆଉ ସୋମବାର ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଛି। ଭାରତ ଏବଂ ରୁଷ ସରକାରଙ୍କ ଜଏଣ୍ଟ ଭେଞ୍ଚରେ ସ୍ଥାପନ ହୋଇଥିବା କମ୍ପାନୀ ଦୁଇ ଦେଶର ଟେକ୍ନୋଲୋଜି ବ୍ୟବହାର କରି ମିସାଇଲ୍ ତିଆରି କରୁଛି। ଯାହାର ନାଁ ବ୍ରହ୍ମୋସ ରଖାଯାଇଛି। ଏହି କମ୍ପାନୀ ୨୦୨୩ରେ ମସିହାରେ ଇଣ୍ଡୋନେସିଆ ସହ ଚୁକ୍ତି କରିବାକୁ ଆଲୋଚନା ଚାଲିଛି ବୋଲି ରଏଟର୍ସକୁ ସୂଚନା ଦେଇଥିଲା ଏବଂ କହିଥିଲା ଜାକର୍ତ୍ତା ସହିତ ୨୦୦ରୁ ୩୫୦ ମିଲିଅନ ଡଲାରରୁ ଏକ ଚୁକ୍ତି ପାଇଁ ଆଲୋଚନା ଜାରି ରହିଛି। ଇଣ୍ଡୋନେସିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରବକ୍ତା ରିକୋ କହିଛନ୍ତି ଏହି ଚୁକ୍ତି ମିଲିଟାରୀ ହାର୍ଡୱେୟାର ଏବଂ ବିଶେଷ କରି ସାମୁଦ୍ରିକ କ୍ଷେତ୍ରରେ ପ୍ରତିରକ୍ଷା କ୍ଷମତାର ଆଧୁନିକୀକରଣ କରିବା ପାଇଁ କରାଯାଉଛି। ତେବେ ଭାରତ ସହିତ ହୋଇଥିବା ଏହି ଚୁକ୍ତିର ମୂଲ୍ୟ ବିଷୟରେ ସେ କୌଣସି ସୂଚନା ଦେଇ ନାହାନ୍ତି।

## ସିନ୍ଦୂର ଇଫେକ୍ଟ: ଅଣ୍ଟା ସଳଖିପାରୁନି ପାକିସ୍ତାନ

ନୂଆଦିଲ୍ଲୀ, ୧୦।୩: ଅପରେସନ୍ ସିନ୍ଦୂରର ପ୍ରଚଣ୍ଡ ପ୍ରହାର ପରେ ଅଣ୍ଟା ସଳଖି ପାରୁନି ପାକିସ୍ତାନ । ଭାରତୀୟ ବାୟୁସେନାର କାର୍ଯ୍ୟାନୁଷ୍ଠାନ ପରେ ପାକିସ୍ତାନ ନିଜକୁ ଏବେ ବି ସଜାଡ଼ି ପାରୁନି । ଭାରତ ପଟୁ ହୋଇଥିବା ମିସାଇଲ ମାଡ଼ର କ୍ଷତ ଚିହ୍ନ ବି ଏବେ ଜଳଜଳ ହୋଇ ଦେଖାଯାଉଛି। ଏହାର ଏକ ସାଟେଲାଇଟ୍ ଚିତ୍ର ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି । ଭାରତୀୟ ବାୟୁସେନାର ମିସାଇଲ୍ ମାଡ଼ରେ ଧ୍ୱଂସ ହୋଇଥିବା ପାକିସ୍ତାନର ମୁରିଦ ଏୟାରବେସ୍ ଏବେ ବି ସେମିତି ଭଗ୍ନ ଅବସ୍ଥାରେ ଛିଡ଼ା ହୋଇଛି । ବିଲ୍ଡିଂ ତିଆରି କରିପାରି ନାହିଁ ପାକିସ୍ତାନ। ଅପରେସନ ସିନ୍ଦୂର ସମୟରେ, ଭାରତୀୟ ସେନା ପାକିସ୍ତାନର ମୁରିଦ ବାୟୁସେନା ଘାଟିକୁ ଧ୍ୱଂସ କରିଥିଲା। ସାଟେଲାଇଟ୍ ଚିତ୍ର ଦର୍ଶାଉଛି



ଯେ ଚକୱାଲ-ସ୍ଥିତ ଏହି ଘାଟିକୁ ମରାମତି ଏବଂ ପୁନଃ ପରିଚାଳନା ପାଇଁ ପାକିସ୍ତାନୀ ସେନାର ପ୍ରୟାସ ବିଫଳ ହୋଇଛି। ଫେବୃଆରୀ ୨୮ ତାରିଖର ଏକ ଫଟୋ ଏନଡିଟିଭିରେ ପ୍ରକାଶ ପାଇଛି। ଏଥିରୁ ସ୍ପଷ୍ଟ ଜଣାପୁଡ଼ି ଯେ ମୁରିଦ ବାୟୁସେନା ଘାଟିର ମରାମତି କାର୍ଯ୍ୟ ସଫଳ ହୋଇନାହିଁ। ଆକ୍ରମଣ ପରେ ତାରପୋଲିନ୍ ଦ୍ୱାରା ଆଚ୍ଛାଦିତ ହୋଇଥିବା କୋଠା ଏବେ ବି ସେମିତି ପଡ଼ି ରହିଛି। ଏହାର ମୁଖ୍ୟ ଅଂଶ ଏବେ ଭଗ୍ନ ଅବସ୍ଥାରେ ରହିଛି। ଏହାର ଆଖପାଖରେ ଖାଲି ମାଟି ଥିବା ଦେଖିବାକୁ ମିଳିଛି। ପାକିସ୍ତାନ ସେଠାରେ କୌଣସି ନିର୍ମାଣ କାର୍ଯ୍ୟ କରିନାହିଁ। ଏହା ବ୍ୟତୀତ ଫଟୋଗୁଡ଼ିକ ଦର୍ଶାଉଛି ଯେ ସେଠାରେ ଯାହା ନିର୍ମାଣ ହୋଇଥିଲା, ତାହା ଭାଙ୍ଗି ଦିଆଯାଇଛି କିମ୍ବା ଭୁଶୁଡ଼ି ପଡ଼ିଛି। ଭାରତର ମେ' ୨୦୨୫ ଆକ୍ରମଣର ପ୍ରଭାବ ପାକିସ୍ତାନର ଏହି ମୁରିଦ ବାୟୁସେନା ଘାଟିରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଭାରତୀୟ ବାୟୁସେନା ୧୦ ମେ' ୨୦୨୫ରେ ୧୦ଟି ପାକିସ୍ତାନୀ ଟାର୍ଗେଟ ଉପରେ ଆକ୍ରମଣ କରିଥିଲା। ମୁରିଦ ଏୟାରବେସ୍ ଏହି ଟାର୍ଗେଟଗୁଡ଼ିକ ମଧ୍ୟରୁ ଗୋଟିଏ ଥିଲା। ଆକ୍ରମଣର କିଛି ସମୟ ପରେ ପାକିସ୍ତାନ ଭାରତକୁ ଯୁଦ୍ଧବିରତି ପାଇଁ ଅନୁରୋଧ କରିଥିଲା। ମୁରିଦ ଏୟାରବେସକୁ ଏକ କମାଣ୍ଡ ସେଣ୍ଟର ଭାବରେ ବ୍ୟବହାର କରୁଥିବା ପାକିସ୍ତାନ । ଭାରତୀୟ ବାୟୁସେନା ଏହି ଘାଟିର ଏକ ଭୂତଳ ଗଠନକୁ ଟାର୍ଗେଟ କରିଥିଲା।

ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା

## ଗୌରବ ଗୋଗୋଇ ଉଠାଇଲେ ନରଭାଣେଙ୍କ ପୁସ୍ତକ ପ୍ରସଙ୍ଗ

ନୂଆଦିଲ୍ଲୀ, ୧୦।୩: ଲୋକସଭାରେ ବାଚସ୍ପତି ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ସମୟରେ ବିରୋଧୀ ସାଂସଦମାନେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେମାନେ ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଆଣିଛନ୍ତି। ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ବାଚସ୍ପତିଙ୍କୁ ନେଇ ଗୌରବ ଗୋଗେଇ ଏହି ପ୍ରସଙ୍ଗର ଭୁଲ୍ ବ୍ୟାଖ୍ୟା କରୁଛନ୍ତି। ଆଲୋଚନା ସମୟରେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ନାରଭାଣେଙ୍କ ପୁସ୍ତକ ପ୍ରସଙ୍ଗ ଉଠାଇଥିଲେ, ଯାହାକୁ ନେଇ ସଂସଦରେ ହଙ୍ଗାମା ସୃଷ୍ଟି ହୋଇଥିଲା। ହଙ୍ଗାମା ବୃଦ୍ଧି ପାଇବା ଦେଖି ବାଚସ୍ପତିଙ୍କ ଚୌକିରେ ବସିଥିବା ବିଜେପି ସାଂସଦ ଜଗଦମ୍ବିକା ପାଲ ସଂସଦକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ମଙ୍ଗଳବାର ବିରୋଧୀ ଦଳ ଲୋକସଭାରେ ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଆରମ୍ଭ କରିଛନ୍ତି। କଂଗ୍ରେସ ସାଂସଦ ଗୌରବ ଗୋଗୋଇ ତାଙ୍କ ଭାଷଣ ସମୟରେ ସରକାରଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ଆଣି କହିଛନ୍ତି, ବାଚସ୍ପତି ନିରପେକ୍ଷ ହେବା ଉଚିତ। ତାଙ୍କ ପାଇଁ ସପକ୍ଷ ଅବା ବିପକ୍ଷ କିଛି ନ ହେବା ଆବଶ୍ୟକ।



କିନ୍ତୁ ବାଚସ୍ପତି ନିରପେକ୍ଷ ନୁହଁନ୍ତି। ଏହି ପ୍ରସ୍ତାବ କୌଣସି ବ୍ୟକ୍ତିଙ୍କ ବିରୋଧରେ ନୁହେଁ। ପ୍ରସ୍ତାବ ଆଣି ଆମେ ଖୁସି ନୁହେଁ ବରଂ ଦୁଃଖିତ। ଏହି ପ୍ରସ୍ତାବ ଆଣିବାକୁ ଆମକୁ ବାଧ୍ୟ କରାଯାଇଛି। ଗୌରବ ଗୋଗୋଇ ଅଭିଯୋଗ କରିଛନ୍ତି, ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ ସଂସଦରେ କହିବାକୁ ଦିଆଯାଉନାହିଁ। ତାଙ୍କ ସହିତ ପ୍ରାୟ ୨୦ ଥର ଏପରି କରାଯାଇଛି। ବିରୋଧୀ ଦଳ ନେତାଙ୍କୁ କହିବା ପାଇଁ ମାଇକ୍ରୋଫୋନ୍ ଦିଆଯାଇନାହିଁ। ଏବେ ମାଇକ୍ରୋଫୋନ୍‌କୁ ମଧ୍ୟ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି।

ପଶ୍ଚିମବଙ୍ଗରେ ମୁଖ୍ୟ ନିର୍ବାଚନ କମିଶନର

## ଜଣେ ବି ଯୋଗ୍ୟ ଭୋଟର ବାଦ ପଡିବେନି

 କୋଲକାତା, ୧୦।୩: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବେ ପଶ୍ଚିମବଙ୍ଗ ଗସ୍ତରେ ଅଛନ୍ତି। ଏହି ଗସ୍ତ ଅବସରରେ ସେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀ କରିଥିବା ବେଳେ ଭୋଟର ଲିଷ୍ଟରୁ ଜଣେବି ଯୋଗ୍ୟ ମତଦାତାଙ୍କ ନାମ କଟାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି ଯେ ବେଙ୍ଗଲରେ ଜନତା ସର୍ବଦା ନିରପେକ୍ଷ, ନିର୍ବାଧ, ଶାନ୍ତିପୂର୍ଣ୍ଣ ଓ ସହଭାଗୀ ଗଣତନ୍ତ୍ର ଉପରେ ବିଶ୍ୱାସ କରନ୍ତି। ସେହିପରି ସେ ସରକାରୀ କର୍ମଚାରୀଙ୍କୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପାଳନ କରିବେ ଓ ଏଥିରେ ସାମାନ୍ୟତମ ଅବହେଳାକୁ ମଧ୍ୟ ବରଦାସ୍ତ କରାଯିବ ନାହିଁ ବୋଲି ଚେତାଇ ଦେଇଛନ୍ତି। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟାର ପରିସର ବ୍ୟାଖ୍ୟା କରି ଜ୍ଞାନେଶ କୁମାର କହିଛନ୍ତି ପଶ୍ଚିମବଙ୍ଗରେ ପାଖାପାଖି ୮୦ ହଜାର ମତଦାନ କେନ୍ଦ୍ର ରହିଛି। ଏଥିରେ ପାଖାପାଖି ୬୧ ହଜାର ମତଦାନ କେନ୍ଦ୍ର ଗ୍ରାମାଞ୍ଚଳରେ ରହିଛି। ସେ କହିଛନ୍ତି ଆମର ଉଦ୍ଦେଶ୍ୟ ପଶ୍ଚିମବଙ୍ଗରେ ମୁକ୍ତ ଓ ନିର୍ବାଧ ନିର୍ବାଚନ ହେଉ। ସେ ଏହା ବି କହିଛନ୍ତି ଯେ ପ୍ରତ୍ୟେକ



ପାତ୍ର ମତଦାତାଙ୍କୁ ମତଦାନର ଅଧିକାର ନିଶ୍ଚିତ ମିଳିବ। ଜ୍ଞାନେଶ କୁମାର କହିଛନ୍ତି ଯେ ନିର୍ବାଚନ ଆୟୋଗ ଭୋଟ ଗ୍ରହଣ ପ୍ରକ୍ରିୟାରେ ପାରଦର୍ଶିତା ପାଇଁ ସାରା ରାଜ୍ୟର ଭୋଟଗ୍ରହଣ କେନ୍ଦ୍ରମାନଙ୍କରେ ୧୦୦ ପ୍ରତିଶତ ୱେବକାଷ୍ଟିଂ କରିବେ। ସେ କହିଛନ୍ତି ଯେ ଏସଆଇଆର ପ୍ରକ୍ରିୟା ସମ୍ବିଧାନ ଅନୁସାରେ ସଞ୍ଚାଳିତ ହୋଇଥାଏ ଓ ଏହା ସମ୍ପୂର୍ଣ୍ଣ ନିରପେକ୍ଷ। ଏହା ଛଡା ନିର୍ବାଚନ କମିଶନର ଦିଲ୍ଲୀ ଫେରିବା ପରେ ଏକ ସମୀକ୍ଷା ବୈଠକ କରିବେ ବୋଲି ମଧ୍ୟ କହିଛନ୍ତି।

ମଙ୍ଗଳବାର ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପଶ୍ଚିମବଙ୍ଗରେ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଜ୍ଞାନେଶ କୁମାର ଦକ୍ଷିଣେଶ୍ୱରରେ ମନ୍ଦିର ଦର୍ଶନରେ ଯିବା ବେଳେ ତାଙ୍କୁ ବିରୋଧ କରାଯାଇଥିଲା।

କୋଭିଡ୍ ଟିକା ପାର୍ଶ୍ୱପ୍ରତିକ୍ରିୟାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଆଶ୍ୱସ୍ତି

## କ୍ଷତିପୂରଣ ଦେବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୦।୩: କୋଭିଡ୍ ଟିକାର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାର ପାଇଁ ଏକ ଦୋଷହୀନ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ପ୍ରଭାବିତ ପରିବାରକୁ ଆଶ୍ୱସ୍ତି ମିଳିବ । କୋଭିଡ୍-୧୯ ସମୟରେ ଟିକାକରଣ ଏକ ସୁରକ୍ଷା କବଚ ଥିଲା, କିନ୍ତୁ କିଛି ପରିବାର ପାଇଁ ଏହି ସୁରକ୍ଷା ଏକ ଗଭୀର କ୍ଷତ ଛାଡ଼ିଯାଇଥିଲା। ବହୁ ଦିନ ଧରି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଏହା ଫଳରେ ମୃତ୍ୟୁ ସମ୍ପର୍କରେ ଆଇନଗତ ମହଲରେ ଏକ ବିତର୍କ ଚାଲିଛି। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ସମ୍ବେଦନଶୀଳ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଦେଇଛନ୍ତି। ଯାହା ସିଧାସଳଖ ପ୍ରିୟଜନଙ୍କୁ ହରାଇଥିବା ସାଧାରଣ ନାଗରିକଙ୍କୁ ସହାୟତା ପ୍ରଦାନ କରିବ।

ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଟିକାକରଣ ଦ୍ୱାରା ହେଥିବା କ୍ଷତି ପାଇଁ ଏକ କ୍ଷତିପୂରଣ ନୀତି ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଆଇନଗତ ଲଢ଼େଇ ସେହି ପିତାମାତାଙ୍କ ସଂଘର୍ଷର କାହାଣୀ ବଖାଣୁଛି ଯେଉଁମାନଙ୍କର ଦୁଇ ଝିଅଙ୍କର କୋଭିଡ୍ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟିଥିଲା। ପିଲାମାନଙ୍କୁ ହରାଇବା ପରେ ପିତାମାତା କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରି ମୃତ୍ୟୁର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ ଦାବି କରିଥିଲେ । ସେମାନଙ୍କ ଆବେଦନର ଏକ ଅତ୍ୟନ୍ତ ମାନବିକ ଦିଗ ଥିଲା । ସେମାନେ ଚାହୁଁଥିଲେ ଯେ ସରକାର ଏପରି ନିର୍ଦ୍ଦେଶାବଳୀ ବିକଶିତ କରନ୍ତୁ ଯାହା ଭବିଷ୍ୟତରେ ପାର୍ଶ୍ୱ ପ୍ରତିକ୍ରିୟାର ସମୟସୀମା ଚିହ୍ନଟ କରିପାରିବ ଏବଂ ପୀଡିତମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାକୁ ନିଶ୍ଚିତ କରିବ। ସୁପ୍ରିମକୋର୍ଟ ସେମାନଙ୍କ ଯନ୍ତ୍ରଣା ବୁଝି ସ୍ୱୀକାର କରିଛନ୍ତି, ଯେଉଁ ପରିବାରଗୁଡ଼ିକ ଟିକା ଯୋଗୁଁ ସଦସ୍ୟମାନଙ୍କୁ ହରାଇଛନ୍ତି ସେମାନଙ୍କୁ ଏକା ଛାଡି ଦିଆଯାଇପାରିବ ନାହିଁ । ଆଦେଶରେ ସୁପ୍ରିମକୋର୍ଟ ନୋ-ଫଲ୍ଟ ଆଧାର ବା କାହାର ଦୋଷ ତାହା ନ ପଚାରି କ୍ଷତିପୂରଣ ଦିଆଯିବାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ନୀତିକୁ ପ୍ରବର୍ତ୍ତନ କରିଛନ୍ତି। ଏହାର ସରଳ ଅର୍ଥ ହେଉଛି



କ୍ଷତିପୂରଣ ପ୍ରଦାନ କରିବା ସମୟରେ, କିଏ ଦୋଷୀ ଥିଲା ସେ ବିଷୟରେ କୌଣସି ବିତର୍କ ହେବ ନାହିଁ, ଟିକା ନିର୍ମାତା କି ସରକାର। ପ୍ରଭାବିତ ପରିବାରକୁ କେବଳ ଟିକା ଯୋଗୁଁ କ୍ଷତି ସହିଥିବାରୁ ସେମାନଙ୍କୁ ସହାୟତା ଦିଆଯିବ। କୋର୍ଟ ଏକ ସନ୍ତୁଳନ ବଜାୟ ରଖି ସ୍ପଷ୍ଟ କରିଛନ୍ତି, ଏହି କ୍ଷତିପୂରଣକୁ ସରକାରଙ୍କ ପକ୍ଷରୁ କୌଣସି ବିଫଳତା କିମ୍ବା ଦୋଷ ସ୍ୱୀକାର ଭାବରେ ଦେଖାଯିବା ଉଚିତ ନୁହେଁ।

# ଏସ୍ଆଇଆର୍ ପାଇଁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଆରମ୍ଭ

## ଚାରିଦିନିଆ ପ୍ରଶିକ୍ଷଣରେ ଦୈନିକ ଦୁଇଟି ସେସନ୍



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ସୁଚାରୁ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀମାନଙ୍କ ପାଇଁ ଆଜିଠାରୁ ଏକ ଚାରିଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗୋଠପାଟଣାସ୍ଥିତ ରେଭିନ୍ୟୁ ଅଫିସର୍ସ ଟ୍ରେନିଂ ଇନଷ୍ଟିଚ୍ୟୁଟ (ଆର୍ଓଟିଆଇ) ଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ପ୍ରତିଦିନ ଦୁଇଟି ସେସନ୍‌ରେ ପ୍ରଶିକ୍ଷଣ ପ୍ରଦାନ କରାଯିବ।

ଆଜି ପ୍ରଥମ ଦିନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପଲନ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର ପ୍ରଶିକ୍ଷଣରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେଉଁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଆଦି ଜିଲ୍ଲାର ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ), ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଓ ଡେପୁଟି କଲେକ୍ଟର (ନିର୍ବାଚନ)ମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ସମୟରେ ଏସ୍ଆଇଆର୍ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହ ମତଦାତାଙ୍କ ମ୍ୟାପିଙ୍ଗ୍, ତଥ୍ୟ ସଂଗ୍ରହ ଓ କ୍ଷେତ୍ର ସ୍ତରରେ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀମାନଙ୍କୁ ଅବଗତ କରାଯାଇଥିଲା।

ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳମାନଙ୍କ ଦ୍ୱାରା ବୁଥ୍ ଲେବଲ୍ ଏଜେଣ୍ଟ (ବିଏଲଏ) ନିଯୁକ୍ତି, ବିଏଲଏମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତି ପୋଲିଂ ବୁଥ୍‌ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ର ଭୋଟର ତାଲିକା ସହ ମତଦାତାଙ୍କ ମ୍ୟାପିଙ୍ଗ୍ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଆହୁରି ପରିଗଣନା (ଏନ୍ୟୁମେରେସନ) ଫର୍ମଗୁଡ଼ିକର ଡିଜିଟାଇଜେସନ୍ ପାଇଁ ଉପଯୁକ୍ତ ସ୍ଥାନ ଓ ଆବଶ୍ୟକ ସୁବିଧା ଚିହ୍ନଟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଫର୍ମଗୁଡ଼ିକର ସ୍କାନିଂ, ଡାଟା ଏଣ୍ଟ୍ରି ଓ ସତ୍ୟାପନ ପାଇଁ ପ୍ରଶିକ୍ଷିତ କର୍ମଚାରୀମାନଙ୍କୁ ନିୟୋଜିତ କରାଯିବ। ଭୋଟରମାନଙ୍କର ଦାବି ଓ ଆପତ୍ତି ଶୁଣାଣି ପାଇଁ ବିଭିନ୍ନ ସ୍ଥାନରେ ଶିବିରମାନ ଆୟୋଜିତ ହେବ ଓ ଏହା ମାଧ୍ୟମରେ ସହଜ ପହଞ୍ଚ ସହ ସମୟୋପଯୋଗୀ ଅଭିଯୋଗ ନିରାକରଣକୁ ସୁନିଶ୍ଚିତ କରାଯିବ। ଏହି ଶିବିରଗୁଡ଼ିକର ତାରିଖ, ସମୟ ଓ ସ୍ଥାନ ସମ୍ବନ୍ଧରେ ଭୋଟର ଓ ସମ୍ପୃକ୍ତ ହିତଧାରୀକାରୀମାନଙ୍କୁ ଯଥେଷ୍ଟ ପୂର୍ବରୁ ସୂଚନା ଦିଆଯିବ ବୋଲି କୁହାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ୍ ସହ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ ଉପସ୍ଥିତ ଥିଲେ।

# ‘ପଶ୍ଚିମବଙ୍ଗରେ ଭୋଟଦାନ ହିଂସା ଓ ଚାପମୁକ୍ତ ହେବ’



ଆଶ୍ୱାସନା ଦେଲେ ଜ୍ଞାନେଶ କୁମାର

**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗରେ ହିଂସା ଓ ଚାପମୁକ୍ତ ଭୋଟ ହେବ। ମଙ୍ଗଳବାର ଦିନ ବେଲୁଡରେ ଜ୍ଞାନେଶ କୁମାର ଏମିତି କହିଛନ୍ତି। ଭାରତର ମୁଖ୍ୟ ନିର୍ବାଚନ କମିଶନର ଏଦିନ ବେଲୁଡ ମଠ ପରିଦର୍ଶନ କରିଥିଲେ। ମଠ ଛାଡିବା ସମୟରେ ସେ ସାମ୍ବାଦିକମାନଙ୍କୁ କହିଥିଲେ, ପଶ୍ଚିମବଙ୍ଗର ସମସ୍ତ ଭାଇଭଉଣୀଙ୍କୁ ନମସ୍କାର। ଦେଶର ନିର୍ବାଚନ କମିଶନ ରାମକୃଷ୍ଣ, ମାତା ସାରଦା ଏବଂ ସ୍ୱାମୀ ବିବେକାନନ୍ଦଙ୍କ ବାସସ୍ଥାନ ବେଲୁଡ ମଠକୁ ଯାଇ ଘୋଷଣା କରିଛନ୍ତି ଯେ ରାଜ୍ୟରେ ଭୋଟ ହିଂସାମୁକ୍ତ ହେବ। କମିଶନ ରାଜ୍ୟର ଆଇନ ଶୃଙ୍ଖଳା ଉପରେ ନଜର ରଖିବେ। ଆମର ମୁଖ୍ୟ ଲକ୍ଷ୍ୟ ହେଉଛି ମୁକ୍ତ ଏବଂ ନିରପେକ୍ଷ ଭୋଟ।’ ବେଲୁଡ ମଠ ଛାଡିବା ପରେ ଜ୍ଞାନେଶ କୁମାର ଦକ୍ଷିଣେଶ୍ୱର ଏବଂ ଆଦ୍ୟପୀଠ ମଧ୍ୟ ଯାଇଥିଲେ। ସେ ମନ୍ଦିରରେ ପୂଜା ଦେଇଥିଲେ। ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ନିର୍ବାଚନ କମିଶନଙ୍କ ପୂର୍ଣ୍ଣାଙ୍ଗ ବେଞ୍ଚ ରବିବାର ରାତିରେ ଦୁଇ ଦିନିଆ ଗସ୍ତରେ ରାଜ୍ୟରେ ପହଞ୍ଚିଥିଲେ। ଜ୍ଞାନେଶ କୁମାରଙ୍କ ସହିତ ଅନ୍ୟ ଦୁଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଜୋଶୀ ମଧ୍ୟ ପହଞ୍ଚିଥିଲେ। ସେମାନେ ପୂର୍ବରୁ ଭୋଟ ହେବାକୁ ଯାଉଥିବା ଅନ୍ୟ ଚାରୋଟି ରାଜ୍ୟ ଗସ୍ତ କରିସାରିଛନ୍ତି। ସୋମବାର ସକାଳେ କମିଶନର ପରିଦର୍ଶକ ସଦସ୍ୟମାନେ କୋଲକାତାରେ ବଙ୍ଗଳାର ରାଜନୈତିକ ଦଳଗୁଡ଼ିକ ସହିତ ଏକ ବୈଠକ କରିଥିଲେ। ମଙ୍ଗଳବାର ସେମାନେ ମୁଖ୍ୟ ସଚିବ ଏବଂ ରାଜ୍ୟ ପ୍ରଶାସନର ଅନ୍ୟାନ୍ୟ ଉଚ୍ଚ ପଦାଧିକାରୀଙ୍କ ସହ ସାକ୍ଷାତ କରିଥିଲେ।

# ବୁଲଡୋଜରରେ ଚଢ଼ିଲେ ସୁକାନ୍ତ

**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥଙ୍କ ପରି ବଙ୍ଗଳାକୁ ମଧ୍ୟ ଏକ ବୁଲଡୋଜର ସରକାରର ଆବଶ୍ୟକତା ଅଛି। ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପ୍ରାୟ ଏମିତି କହୁଥିବାର ଶୁଣିବାକୁ ମିଳିଛି। ଏଥର ପୂର୍ବତନ ରାଜ୍ୟ ବିଜେପି ସଭାପତି ତଥା କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ବୁଲଡୋଜର ଚଢ଼ି ପରିବର୍ତ୍ତନ ଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିଲେ। ଗତକାଲି ସନ୍ଧ୍ୟାରେ ସୁକାନ୍ତ ମଜୁମଦାରଙ୍କ ନେତୃତ୍ୱରେ ପରିବର୍ତ୍ତନ ଯାତ୍ରା ନେଇ ବିଜେପି କର୍ମୀ ଏବଂ ସମର୍ଥକମାନେ ବାଙ୍କୁଡ଼ାର ରାଣୀବନ୍ଧ ନିର୍ବାଚନମଣ୍ଡଳୀର ସୁପୁର ଅଞ୍ଚଳରେ ପହଞ୍ଚିଥିଲେ। ସୁପୁରରେ ପରିବର୍ତ୍ତନ ଯାତ୍ରା ପାଇଁ ଏକ ବୁଲଡୋଜର ପୂର୍ବରୁ ପ୍ରସ୍ତୁତ ଥିଲା। ସୁପୁରରେ ପହଞ୍ଚିବା ପରେ ପରିବର୍ତ୍ତନ ଯାତ୍ରାର ସ୍ୱତନ୍ତ୍ର ଗାଡ଼ିରେ ସୁକାନ୍ତ ମଜୁମଦାରଙ୍କ ସମେତ ଦଳର ଜିଲ୍ଲା ନେତୃତ୍ୱ ବୁଲଡୋଜରରେ ଚଢ଼ିଥିଲେ। ତାଙ୍କ ସହିତ ବାଙ୍କୁଡାର ପୂର୍ବତନ ବିଜେପି ସାଂସଦ ସୁଭାଷ ସରକାର ମଧ୍ୟ ଥିଲେ।

# ଗ୍ରୁପ୍-ଡି’ ପରୀକ୍ଷାରେ କପି, ୬ ଜଣ ଗିରଫ



**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ଏସ୍ଏସ୍‌ସି ଗ୍ରୁପ୍ ଡି ପରୀକ୍ଷା ସମୟରେ ପରୀକ୍ଷା ହଲ୍ ଭିତରକୁ ମୋବାଇଲ ଫୋନ୍ ନେଇ ପ୍ରବେଶ କରିବା ଏବଂ କପି କରିବା ଅଭିଯୋଗରେ ଶାନ୍ତିପୁର ଥାନାର ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଶାନ୍ତିପୁର କଲେଜ, ଫୁଲିଆ ବାଳିକା ବିଦ୍ୟାଳୟ ଏବଂ ଶାନ୍ତିପୁର ରବୀନ୍ଦ୍ର ବିଦ୍ୟାପୀଠରେ ଡ୍ୟୁଟିରେ ଥିବା ଶିକ୍ଷକମାନେ ଦେଖିଥିଲେ ଯେ ଅଭିଯୁକ୍ତ ପରୀକ୍ଷାର୍ଥୀମାନେ ହଲ୍ ଭିତରେ କପି ସାହାଯ୍ୟରେ ଲେଖୁଥିଲେ। ସେମାନେ ଏ ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ଏହା ପରେ, ସେମାନଙ୍କୁ ଧରି ଶାନ୍ତିପୁର ଥାନାକୁ ଖବର ଦିଆଯାଇଥିଲା। ଅନ୍ୟପକ୍ଷରେ, ଫୁଲିଆ ବିଦ୍ୟାମନ୍ଦିର ସ୍କୁଲରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ମୋବାଇଲ ଫୋନ୍ ମଧ୍ୟ ଲକ୍ଷ୍ୟ କରାଯାଇଥିଲା। ସ୍କୁଲରୁ ଏକ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ, ପୋଲିସ ଜଣେ ମହିଳା ଏବଂ ୬ ଜଣ ଯୁବକଙ୍କୁ ଗିରଫ କରିଥିଲା।

## ଷ୍ଟେସନ ନିକଟ ବଜାରରେ ଭୟାବହ ଅଗ୍ନିକାଣ୍ଡ

**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ମଙ୍ଗଳବାର ସକାଳେ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଗୋବରଡାଙ୍ଗା ରେଳ ଷ୍ଟେସନ ନିକଟରେ ଥିବା ବଜାରରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଗଲା, ଯାହା ଫଳରେ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପ୍ରାଥମିକ ସୂଚନା ଅନୁଯାୟୀ, ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମ ନିକଟରେ ଥିବା ଏକ ହୋଟେଲରେ ନିଆଁ ଲାଗିବା ପରେ ଏହା ଶୀଘ୍ର ନିକଟସ୍ଥ ଦୋକାନଗୁଡ଼ିକୁ ବ୍ୟାପି ଯାଇଥିଲା। ଜାଣିବାକୁ ମିଳିଛି ଯେ ହୋଟେଲରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ନିଆଁ ଅଳ୍ପ ସମୟ ମଧ୍ୟରେ ଗୁରୁତର ରୂପ ନେଇଥିଲା। ବଜାର ଅଞ୍ଚଳଟି ଜନବସତିପୂର୍ଣ୍ଣ ହୋଇଥିବାରୁ ନିଆଁ ବ୍ୟାପିବା ପରେ ପାଖରେ ଥିବା ଦୋକାନୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଦୁଇଟି ଦମକଳ ବାହିନୀ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ଦମକଳ ବାହିନୀ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ବାସିନ୍ଦା ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଅଗ୍ନିକାଣ୍ଡର ଖବର ବ୍ୟାପିବା ମାତ୍ରେ ନିକଟସ୍ଥ ଦୋକାନୀମାନେ ସେମାନଙ୍କ ଦୋକାନକୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ଅନେକ ତୁରନ୍ତ ସେମାନଙ୍କ ଦୋକାନ ବନ୍ଦ କରି ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ।

## ମୁଖ୍ୟସଚିବ, ସ୍ୱରାଷ୍ଟ୍ର ସଚିବ ଓ ଏସ୍‌ପିଙ୍କ ବଦଳି ଦାବି

**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ନିର୍ବାଚନ କାର୍ଯ୍ୟସୂଚୀ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ। ତେବେ, ରାଜନୈତିକ ପାରଦ ବଢ଼ୁଛି। ପୁଣିଥରେ ଏସ୍ଆଇଆର୍ ପ୍ରକ୍ରିୟାକୁ ନେଇ ଚାପ ବୃଦ୍ଧି ପାଉଛି। ଏହି ପରିବେଶରେ, ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି। ସେ ରାଜ୍ୟରୁ ଆଇନ ଶୃଙ୍ଖଳା ଦାୟିତ୍ୱ କାଢ଼ି ନେବାକୁ ଦାବି କରିଛନ୍ତି। ସେ କହିଛନ୍ତି, ‘ଏସ୍ଆଇଆର୍ ତାଲିକା ପ୍ରକାଶିତ ହୋଇଛି। ଆମେ ଚାହୁଁଛୁ ଯେ ନିର୍ବାଚନ ଶୀଘ୍ର ଘୋଷଣା ହେଉ। ଏବଂ ପୋଲିସ କମିଶନ ଅଧୀନରେ ଆସୁ।’ ବିଧାନସଭାରେ ବିରୋଧୀ ଦଳ ନେତା ଏଠାରେ ଚୁପ୍ ରହିନଥିଲେ। ସେ ମୁଖ୍ୟ ସଚିବ, ସ୍ୱରାଷ୍ଟ୍ରସଚିବ, ଡିଜିପି ଏବଂ ସମସ୍ତ ଏସ୍‌ପିଙ୍କୁ ବଦଳି କରିବାକୁ ମଧ୍ୟ ଦାବି କରିଛନ୍ତି। ଶୁଭେନ୍ଦୁଙ୍କ ଏହି ଦାବିକୁ ନେଇ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି।

## ବିରୋଧ ସତ୍ତ୍ୱେ ଗୃହୀତ ହେଲା ଯୋଗାଣ ବିଭାଗ ଖର୍ଚ୍ଚ ଦାବି

# ୨୦୨୬-୨୭ ପାଇଁ ୬୫୩୮.୨୭ କୋଟିର ବଜେଟ୍



**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ମୋଟ ୬୫୩୮ କୋଟି ୨୭ ଲକ୍ଷ ୬୪ ହଜାର ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏଥିମଧ୍ୟରୁ ପ୍ରଶାସନିକ ଖର୍ଚ୍ଚ ପାଇଁ ୧୦୨ କୋଟି ୫୨ ଲକ୍ଷ ୯୨ ହଜାର ଟଙ୍କା ଓ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ୬୪୩୫ କୋଟି ୭୪ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟ ବରାଦ କରିଅଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ଇନପୁଟ୍ ସହାୟତା ପରେ ଚାଷୀ ପଞ୍ଜୀକରଣରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ଅନ୍ୟ ଫସଲ ପରିବର୍ତ୍ତେ ଧାନ ଉତ୍ପାଦନ ବୃଦ୍ଧି ହେବା ଫଳରେ କେତେକ ପ୍ରାରମ୍ଭିକ ଚାପ ସୃଷ୍ଟି ହୋଇଥିଲା। ତେବେ ସରକାର ଯୋଜନାବଦ୍ଧ ଭାବେ ଏହି ସମସ୍ୟାର ସମାଧାନ କରିବାକୁ ସଫଳ ହୋଇଛନ୍ତି ବୋଲି ଆଜି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚଦାବି ଉପସ୍ଥାପନ କରିବା ଅବସରରେ କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

ରାଜ୍ୟରେ ନୂଆ ସରକାର ଆସିବା ପରେ ୨୦୨୪-୨୫ ଖରିଫରେ ଧାନ ସଂଗ୍ରହରେ ଐତିହାସିକ ସଫଳତା ହାସଲ ହୋଇଛି। ପ୍ରାୟ ୧୯ ଲକ୍ଷ ୭୩ ହଜାରରୁ ଅଧିକ ଚାଷୀଙ୍କଠାରୁ ୯୨ ଲକ୍ଷ ୬୪ ହଜାର ମେଟ୍ରିକ ଟନରୁ ଅଧିକ ଧାନ ସଂଗ୍ରହ କରାଯାଇଛି, ଯାହା ରାଜ୍ୟ ଇତିହାସରେ ପ୍ରଥମ। ଏମଏସପି ସହ ଅତିରିକ୍ତ ସହାୟତା ମିଶାଇ ପ୍ରାୟ ୨୮,୭୧୯ କୋଟି ଟଙ୍କା ଚାଷୀମାନଙ୍କୁ ପ୍ରଦାନ କରାଯାଇଛି। ଚଳିତ ୨୦୨୫-୨୬ ଖରିଫରେ ଆଜି ପର୍ଯ୍ୟନ୍ତ ୧୬ ଲକ୍ଷ ୫୧ ହଜାର ଚାଷୀଙ୍କଠାରୁ ୭୦ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ ହୋଇ ୩୧୦୦ ଟଙ୍କା ହାରରେ ମୋଟ ୨୦ ହଜାର ୫୧୯ କୋଟି ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

ମଣ୍ଡିରେ ସ୍ୱଚ୍ଛତା ଓ ପାରଦର୍ଶିତା ପାଇଁ ସରକାର ଏକାଧିକ ପଦକ୍ଷେପ ନେଇଥିବା ସେ କହିଛନ୍ତି। ଆଧାର ସଂଯୋଜିତ କେୱାଇସି ଜରିଆରେ ସିଧାସଳଖ ଚାଷୀଙ୍କ ଆକାଉଣ୍ଟକୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଧାନ ସଂଗ୍ରହ ଟଙ୍କା ଯାଉଛି। ମଣ୍ଡିରେ ସିସିଟିଭି ନିରୀକ୍ଷଣ ଓ ଟୋଲ୍ ଫ୍ରି ନମ୍ବର ଜରିଆରେ ସିଧାସଳଖ ଅଭିଯୋଗ ଶୁଣାଣି କରାଯାଉଛି। ଜିଲ୍ଲାପାଳମାନଙ୍କୁ ଟୋକନ ଅବଧି ୧୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବାର କ୍ଷମତା ଦିଆଯାଇଛି, ଯାହା ଫଳରେ କୌଣସି ଯୋଗ୍ୟ ଚାଷୀ କ୍ଷତିଗ୍ରସ୍ତ ହେବେ ନାହିଁ। ପୂର୍ବରୁ ଚାଷୀ ଟୋକନ ପାଇଁ ଅନିଶ୍ଚିତତାରେ ଅପେକ୍ଷା କରୁଥିଲେ, ଆଜି ସେ ସ୍ୱାଭିମାନ ଓ ବିଶ୍ୱାସର ସହ ମଣ୍ଡିକୁ ଧାନ ଆଣୁଛନ୍ତି। ଅନିଶ୍ଚିତତା ସ୍ଥାନରେ ଆଜି ପ୍ରଯୁକ୍ତି, ପାରଦର୍ଶିତା ରହିଥିବା ସେ କହିଛନ୍ତି। ଧାନ କ୍ରୟ ପ୍ରକ୍ରିୟାକୁ ସୁସଙ୍ଗଠିତ ଓ ସମୟୋଚିତ କରିବା ସହ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ନିଶ୍ଚିତ କରିବାକୁ ୫ ହଜାର କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଗଠନ କରାଯାଇଛି। ରାଜ୍ୟ ଯୋଗାଣ ନିଗମ ଦ୍ୱାରା ୫ ବର୍ଷ ପାଇଁ ନୂତନ ଋଣ ନିମନ୍ତେ ସରକାର ୧୭,୫୦୦ କୋଟି ଟଙ୍କାର ଗ୍ୟାରେଣ୍ଟି ପ୍ରଦାନ କରିଛନ୍ତି, ଯାହା ଫଳରେ କମ ସୁଧ ହାରରେ ଋଣ ମିଳିପାରିବା ସହ ଚାଷୀମାନଙ୍କ ସ୍ୱାର୍ଥକୁ ବିଚାର କରି ଯୋଗାଣ ନିଗମ ପାଇଁ ଆବଶ୍ୟକ ବ୍ୟାଙ୍କ ଋଣର ବ୍ୟବସ୍ଥା କରିବା ସହଜ ହେବ ବୋଲି ସେ କହିଛନ୍ତି।

# ମାସିକ କବିତା ଆସର

**କୋଲକାତା,୧୦।୩(ସଂଚାର ବ୍ୟୁରୋ):** ସୋମବାର ପାବନ ସନ୍ଧ୍ୟାରେ ଲୋକାର୍ପିତ ହୋଇଗଲା ମାସିକ ଇ-ପତ୍ରିକା ‘ସୂର୍ଯ୍ୟପ୍ରଭା’ର ଦ୍ୱିତୀୟ ବର୍ଷ ଚତୁର୍ଥ ଅଙ୍କ। ମାତୃ ବନ୍ଦନା ସହିତ ଉତ୍ସବର ଶୁଭାରମ୍ଭ କରିଥିଲେ ସଂପାଦକ ଡଃ ବାମନ ଚନ୍ଦ୍ର ଦୀକ୍ଷିତ। ବିଶିଷ୍ଟ କବି ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବହୁ ସ୍ୱନାମଧନ୍ୟ କବି, କବୟିତ୍ରୀ ଏବଂ ସାହିତ୍ୟକାରଙ୍କ ଉପସ୍ଥିତି ସଭାକୁ ଶୋଭା ମଣ୍ଡିତ କରିଥିଲା। ଡଃ ବାମନ ଚନ୍ଦ୍ର ଦୀକ୍ଷିତ ଉପସ୍ଥିତ ସମସ୍ତ କବି କବୟିତ୍ରୀମାନଙ୍କୁ ପ୍ରଣାମ ପୂର୍ବକ ‘ସୂର୍ଯ୍ୟପ୍ରଭା’ର ଲୋକାର୍ପଣ ସମ୍ପନ୍ନ କରିଥିଲେ। ପୁନଃ ମୁଖ୍ୟ ଆକର୍ଷଣ ହୋଇଥିଲା ନିଳାଦ୍ରୀ ପ୍ରସାଦ ମହାନ୍ତିଙ୍କ ପରିକଳ୍ପିତ ସୂର୍ଯ୍ୟପ୍ରଭାର କମନୀୟ କଳେବର। ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ବିଷୟରେ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ ସଂପାଦକ ଡଃ ବାମନ ଚନ୍ଦ୍ର ଦୀକ୍ଷିତ, ଅରୁଣ କୁମାର ମହାପାତ୍ର ଏବଂ ମୈତ୍ରେୟୀ କାମିଳା। ଏହା ସହିତ କବି କଳ୍ପନା ମିଶ୍ରଙ୍କ ପରିଚାଳନାରେ କବିତା ଆସର ଆରମ୍ଭ ହୋଇଥିଲା। ବିଶିଷ୍ଟ କବି ଅରୁଣ କୁମାର ମହାପାତ୍ର, ହେମନ୍ତ ବରାଇ, ଅନଙ୍ଗ ଭୂଷଣ ମହାନ୍ତି, ଶିବାଶିଷ ପାଢ଼ୀ, ବରୁଣ କୁମାର ଦାସ, ସନାତନ ମହାକୁଡ଼, କାଶୀନାଥ ପଣ୍ଡା, ଡଃ ପ୍ରଦୀପ କୁମାର ପଣ୍ଡା, ପ୍ରଭାତ ଆଚାର୍ଯ୍ୟ, ଜୁମର ନାଥ ପାତ୍ର, ଶୁଭେନ୍ଦୁ ମେହେର ପ୍ରମୁଖ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ମୈତ୍ରେୟୀ କମିଳା ଓ ଜୁମର ନାଥ ପାତ୍ରଙ୍କ ସମୀକ୍ଷା ବିମୋହିତ କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିୟନ୍ତ୍ରଣ ପାଇଁ...

ସୁନିଶ୍ଚିତ କରିବ। ଏହି ଆଇନ ଲାଗୁ କରି କେନ୍ଦ୍ର ସରକାର ଗ୍ୟାସ୍ ମହଜୁଦ ସୀମା ସ୍ଥିର କରିପାରିବେ। ଏହି ଆଇନରେ କୁହାଯାଇଛି ଯେ,ସରକାରଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଉତ୍ପାଦନ, ଯୋଗାଣ, ବ୍ୟାପାର ଓ ବାଣିଜ୍ୟକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇପାରିବ। କେନ୍ଦ୍ର ସରକାର ୨୦୦୭ ଫେବ୍ରୁଆରୀ ୧୨ରେ ଏହି ନିୟମରେ କେତେକ ସଂଶୋଧନ କରିଥିଲେ। ଏଥିରେ ଔଷଧ, ସାର, ଖାଦ୍ୟ ପଦାର୍ଥ, ସମ୍ପୂର୍ଣ୍ଣ କପାରୁ ତିଆରି ହାଙ୍କ ସୂତା, ପେଟ୍ରୋଲିୟମ୍ ଏବଂ ପେଟ୍ରୋଲିୟମ୍ ଉତ୍ପାଦ, କଞ୍ଚା ଝୋଟ ଏବଂ ଝୋଟ ପୋଷାକ ସମେତ ବିଭିନ୍ନ ବିହନ ଏବଂ ପନିପରିବା ସାମିଲ ଥିଲା। କହିବାକୁ ଗଲେ କିଛି ପରିସ୍ଥିତିରେ ସରକାର ଏହି ନିୟମ ମାଧ୍ୟମରେ ସାଧାରଣ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ଯୋଗାଣ ବଜାୟ ରଖିବା ପାଇଁ କିଛି ନିୟମ ପରିବର୍ତ୍ତନ କରନ୍ତି ଏବଂ ଯୋଗାଣ ଉପରେ କୌଣସି ପ୍ରଭାବ ନପଡିବାକୁ ମଧ୍ୟ ଚେଷ୍ଟା କରନ୍ତି।

ଆବଶ୍ୟକୀୟ ଜିନିଷ ଅନୁସାରେ, ୧୯୫୫ ମସିହାର ଧାରା ୩ ଅନୁଯାୟୀ ସରକାରଙ୍କୁ ଆବଶ୍ୟକୀୟ ଜିନିଷଗୁଡିକର ଉତ୍ପାଦନ, ଯୋଗାଣ ଏବଂ ବଣ୍ଟନ ଆଦିକୁ ନିୟନ୍ତ୍ରଣ କରିବାର ଅଧିକାର ଦେଇଥାଏ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନର ବ୍ୟବସ୍ଥା ଉଲ୍ଲଂଘନ କରିବା ପାଇଁ ଧାରା ୭ ର ଦଣ୍ଡ ବ୍ୟବସ୍ଥା କରେ। ଯାହାର ଅର୍ଥ ହେଉଛି ସରକାର କିଛି ପରିସ୍ଥିତିରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ସଂରକ୍ଷଣକୁ ସୀମିତ କରିବା ପାଇଁ ଏହି ଆଇନ ବ୍ୟବହାର କରନ୍ତି। ସରକାର ଅନ୍ୟ ସମୟରେ ଗହମ ସଂରକ୍ଷଣ ଉପରେ କଟକଣା ଲଗାନ୍ତି। ଏହା ସହିତ ନିର୍ଦ୍ଦିଷ୍ଟ ବ୍ୟବସାୟୀ କିମ୍ବା ଖୁଚୁରା ବେପାରୀଙ୍କୁ ଆଧାର କରି ସୀମା ସ୍ଥିର କରିଥାନ୍ତି।

ଏହି ଆଇନ ଅନୁସାରେ କେନ୍ଦ୍ର ସରକାର ନିର୍ଦ୍ଦେଶ ଜାରି କରିଛନ୍ତି ଯେ ରିଫାଇନାରୀ ଓ ପେଟ୍ରୋକେମିକାଲ ଉତ୍ପାଦ ଏବଂ ଅନ୍ୟାନ୍ୟ ଶିଳ୍ପୋଦ୍ୟୋଗ ଉଦ୍ଦେଶ୍ୟରେ ଗ୍ୟାସ୍ ବ୍ୟବହାର କରାଯାଇପାରିବ ନାହିଁ। ଏହା ସିଧାସଳଖ ଭାବେ ଏଲ୍‌ପିଜି ଉତ୍ପାଦନ ପାଇଁ ବ୍ୟବହାର କରାଯିବ ଓ ଏହା ଘରେ ରୋଷେଇ ଗ୍ୟାସର ନିରାପଦ ଯୋଗାଣ ସୁନିଶ୍ଚିତ କରିବ। ଏହାଛଡ଼ା ଏଲପିଜି ଭାରତରେ ଏକ ଅତ୍ୟାବଶ୍ୟକ ରୋଷେଇ ଗ୍ୟାସ୍ ଏବଂ ଏହାର ସ୍ଥିର ଉପଲବ୍ଧତା ସୁନିଶ୍ଚିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସରକାର କହିଛନ୍ତି।

ଅନ୍ୟପଟେ ଏହି ବ୍ୟବସ୍ଥା ଅନୁଯାୟୀ ତୈଳ ବିପଣନ କମ୍ପାନୀଗୁଡ଼ିକୁ ମଧ୍ୟ କେବଳ ଘରୋଇ ବ୍ୟବହାରକାରୀମାନଙ୍କୁ ଏଲପିଜି ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସଦ୍ୟ ନିର୍ଦ୍ଦେଶ ଗତ ୫ରେ ଜାରି ହୋଇଥିବା ନିର୍ଦ୍ଦେଶକୁ ବଦଳାଇବ ଓ ଏହା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ।

## ଓଡ଼ିଶାର...

ଷ୍ଟେସନ ଦେଇ ଗତ କରିବ। ଏହି ଟ୍ରେନ୍ ସେବା ଆରମ୍ଭ ହେବା ଦ୍ୱାରା ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଯାତ୍ରୀମାନେ ଯଥେଷ୍ଟ ଲାଭବାନ ହେବେ। ଏଥିସହ ଦକ୍ଷିଣ ଭାରତ ଓ ଦେଶର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ଏହି ସେବା ସହଜ ଯାତ୍ରାର ବିକଳ୍ପ ପ୍ରଦାନ କରିବ। ଏହା ଏହି ଅଞ୍ଚଳଗୁଡ଼ିକ ମଧ୍ୟରେ ଯାତାୟାତ କରୁଥିବା ଛାତ୍ର, ଶ୍ରମିକ, ବ୍ୟବସାୟୀ ଏବଂ ଯାତ୍ରୀମାନଙ୍କୁ ମଧ୍ୟ ଫାଇଦା ଦେବ। ଏହି ମଞ୍ଜୁରୀକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଦ୍ୱାରା ଓଡ଼ିଶାରେ ରେଳ ସଂଯୋଗୀକରଣକୁ ଉନ୍ନତ କରିବା ଓ ରାଜ୍ୟବାସୀଙ୍କ ପାଇଁ ଉତ୍ତମ ପରିବହନ ସୁବିଧା ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଭାବରେ ଦେଖାଯାଉଛି। ନୂତନ ଅମୃତ ଭାରତ ଟ୍ରେନ୍ ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବ ଓ ଓଡ଼ିଶାର ସାମଗ୍ରିକ ବିକାଶରେ ଯୋଗଦାନ ଦେବା ଆଶା କରାଯାଉଛି।

## ହୁସିଆର୍!...

କରିଥିଲା ବଡଗଡ଼ ଥାନା ପୁଲିସ। ନାଲକୋରେ ଚାକିରି ଦେବାକୁ କହି ଜାଲ୍ ଡକ୍ୟୁମେଣ୍ଟ ଜରିଆରେ କୋଟି କୋଟି ଟଙ୍କା ଠକିନେଇଥିଲା ଉକ୍ତ ଠକ। ଉକ୍ତ ବର୍ଷ ଏପ୍ରିଲ୍ ୨୧ ତାରିଖରେ ମାଷ୍ଟର କ୍ୟାଣ୍ଟିନ୍‌ର ଏକ ହୋଟେଲରେ ଚାଲିଥିଲା ମିଛିମିଛିକା ବୈଠକ। ବିଦେଶରେ ଚାକିରି ଦେବାକୁ କହି କୋଟି କୋଟି ଠକେଇ ଉଦ୍ୟମ ବେଳେ ୪ ଜଣ ଆନ୍ତଃରାଜ୍ୟ ଠକଙ୍କୁ ଗିରଫ କରିଥିଲା ଭୁବନେଶ୍ୱର ପୁଲିସ। ଏଭଳି ଏକାଧିକ ଘଟଣା ଏବେ ଚର୍ଚ୍ଚାର ଶିରୋନାମା ପାଲଟିଛି। ଲୋକସେବା ଭବନ ପାଖରେ ମଧ୍ୟ ଏଭଳି ଦଲାଲ ବୁଲିବା ସହ ଉଚ୍ଚଶିକ୍ଷିତ ଯୁବକଙ୍କୁ ଟାର୍ଗେଟ କରୁଛନ୍ତି। ଏସବୁରୁ ନିବୃତ୍ତ ରହିବାକୁ ପୁଲିସ ପକ୍ଷରୁ ବାରମ୍ବାର ଚେତାବନୀ ଦିଆଯାଉଥିଲେ ସୁଦ୍ଧା ଏଭଳି ଠକଙ୍କ ଉପଦ୍ରବ ନ କମିବା ଏବେ ଚିନ୍ତାର ବିଷୟ ହୋଇଛି।

## ସରକାରଙ୍କ...

କାର୍ଯ୍ୟ କରୁଛନ୍ତି। ହୋଟେଲ ବନ୍ଦ ହେଲେ ସେମାନେ ବେକାର ହୋଇଯିବେ। ହୋଟେଲ ଶିଳ୍ପକୁ ଗ୍ୟାସ ବନ୍ଦ ନ କରିବାକୁ କେନ୍ଦ୍ର ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ହାରୋ ଅଧ୍ୟକ୍ଷ ଜେକେ ମହାନ୍ତି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

## ପାନୀୟ ଜଳ...

ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଅବଧି ମଧ୍ୟରେ ସମସ୍ତ ୨୦୭ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯିବ।

ଗତ ୨୦୧୯ ସୁଦ୍ଧା ରାଜ୍ୟର ମାତ୍ର ୩ ଲକ୍ଷ ୧୦ ହଜାର ୮୮୬ ପରିବାରକୁ ପାଇପ ଯୋଗେ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ୨୦୨୬ ମାର୍ଚ୍ଚ ୫ ତାରିଖ ସୁଦ୍ଧା ରାଜ୍ୟର ୬୮ ଲକ୍ଷ ୪୭ ହଜାର ୭୫୨ ପରିବାରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି, ଯାହା ରାଜ୍ୟର ମୋଟ ଜନସଂଖ୍ୟାର ୭୭.୨୫ ପ୍ରତିଶତ। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୬ଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଚଳିତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଆଉ ୨୮ଟି ପ୍ରକଳ୍ପର ନିର୍ମାଣ ଶେଷ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ୨୦୭ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀ ନାଏକ ବିଧାସଭାକୁ ଆଶ୍ୱାସନା ଦେଇଛନ୍ତି।

ସେ କହିଥିଲେ ଯେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ସାରିବା ଲକ୍ଷ୍ୟ ନେଇ ସରକାର କାର୍ଯ୍ୟ କରୁଛନ୍ତି। ପାଣି ସମସ୍ୟା ପ୍ରତି କୌଣସି ସାଲିସ କରାଯିବ ନାହିଁ। ବିଭାଗୀୟ ଅଧିକାରୀ ଅବହେଳା କଲେ ଲିଖିତ ଭାବେ ଜଣାଇବାକୁ ସେ ବିଧାୟକଙ୍କୁ ଅପିଲ କରିଥିଲେ। ଆଗକୁ ଖରାଦିନ ଥିବାରୁ ଯେଉଁଠି ପିଇବା ପାଣି ସମସ୍ୟା ଅଛି, ସେହି ଅଞ୍ଚଳରେ ନଳକୂପ ଖନନ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଓ କ୍ଷମତା ପ୍ରଦାନ କରାଯାଇଛି। ଏଥିସହ ଟ୍ୟାଙ୍କର ଯୋଗେ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

## ବ୍ୟସ୍ତ...

ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଛନ୍ତି। ବୈଠକରେ ତୈଳ ବିଶୋଧନାଗାର ଓ ଡିପୋରୁ ଏଲପିଜି ବିତରକ ଓ ରିଟେଲ ଆଉଟ୍‌ଲେଟ୍‌କୁ ବିତରଣ ପ୍ରକ୍ରିୟା ଓ ଯୋଗାଣ ଶୃଙ୍ଖଳ ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସମ୍ପର୍କରେ ତୈଳ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନା ପାଇଁ ମଧ୍ୟ ଇନ୍ଧନ ଗ୍ୟାସ ଯୋଗାଣରେ ସମସ୍ୟା ନାହିଁ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁବିଧାରେ ଇନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ ହେବା ନେଇ ଯୋଗାଣଶୃଙ୍ଖଳ ସନ୍ତୁଳନ ବଜାୟ ରଖିବାକୁ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଇନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଆଦିର ଉପଲବ୍ଧତା ନେଇ ନିୟମିତ ଭାବେ ବିଭିନ୍ନ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଜାରି ରଖିବାକୁ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ ଇନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧତା ନେଇ ତୈଳ କମ୍ପାନୀମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ତା’ର ଏକ ରିପୋର୍ଟ ମଧ୍ୟ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ଦୈନିକ ପ୍ରଦାନ କରିବା ସକାଶେ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ...

ଆସିବ। ଏହି ନୂତନ ଟ୍ରେନ୍ ସେବା ଯାତାୟାତକୁ ସୁଗମ କରିବା ସହ ଓଡ଼ିଶାର ବିକାଶ ଯାତ୍ରାକୁ ନୂଆ ଗତି ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ କେନ୍ଦ୍ର ମନ୍ତ୍ରୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରୟାସ ପ୍ରଶଂସନୀୟ ବୋଲି ମଧ୍ୟ ଦର୍ଶାଇଛନ୍ତି।

## ରବି ଗଲେ...

ବାଲେଶ୍ୱର ଲୋକସଭା ଆସନରେ ନିର୍ବାଚିତ ହୋଇଥିଲେ। ପରେ ୨୦୧୯ରେ ମଧ୍ୟ ଦଳ ତାଙ୍କୁ ପ୍ରାର୍ଥୀ କରିଥିଲା। ଅବଶ୍ୟ ସେତେବେଳେ ନବୀନ ପଟ୍ଟନାୟକଙ୍କ ସପକ୍ଷରେ ପ୍ରବଳ ହାୱା ସତ୍ତ୍ୱେ ସେ ଜିତିପାରି ନଥିଲେ। ଏ ଭିତରେ ବବି ଶ୍ରୀ ଜେନାଙ୍କ ପରିବାର ସହ ବନ୍ଧୁ ମଧ୍ୟ ବାନ୍ଧିଥିଲେ। ବବିଙ୍କ ସାନ ଭାଇ ଅମିତ ପ୍ରକାଶ ଶ୍ରୀ ଜେନାଙ୍କ ଝିଅକୁ ବିବାହ କରିଥିଲେ। ଏମିତି ଦେଖିବାକୁ ଗଲେ ହିସାବରେ ବବି ଓ ରବୀନ୍ଦ୍ର ସନ୍ଧୁ ହେବେ। ସେପଟେ ବବିଙ୍କ ଭଉଣୀ ମଧ୍ୟ ଅଭିନେତାରୁ ରାଜନେତା ସାଜିଥିବା ଅରିନ୍ଦମ ରାୟଙ୍କୁ ବିବାହ କରିଥିଲେ। ତେଣୁ ସେ ମଧ୍ୟ ସମ୍ପର୍କରେ ବବିଙ୍କ ଭିଣୋଇ। ଅରିନ୍ଦମ ମଧ୍ୟ ବବିଙ୍କ ଉପରେ ଅସନ୍ତୋଷ ଝାଡ଼ି ଗତ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ।

ଓଡିଶା ରାଜନୀତିକୁ ନିଜ ନଖ ଦର୍ପଣରେ ରଖୁଥିବା ବବି ନିଜ ପରିବାର ସଦସ୍ୟଙ୍କୁ ଗଛ ଚଢ଼େଇ ଦେଇ ଶେଷରେ ଚେର କାଟିଦେଲେ। ଅରିନ୍ଦମଙ୍କ ପରେ ରବୀନ୍ଦ୍ରଙ୍କ କ୍ଷେତ୍ରରେ ସେୟା ହିଁ ହୋଇଛି। ଯାହାକୁ ନେଇ ଉଭୟ ପରିବାର ଏବେ ବବିଙ୍କ ବାହାପିଆ ଡାଇଲଗକୁ ନେଇ ରାଗ ଉତାରୁଛନ୍ତି। ସେହିଭଳି ଗତ ସାଧାରଣ ନିର୍ବାଚନରେ ତାଙ୍କ ମା’ଙ୍କୁ ଶେଷ ମୂହୁର୍ତ୍ତରେ କୋରେଇରୁ ଛିଡ଼ା କରେଇ ହରେଇଦେଲେ। ତାଙ୍କର ଆଉ ଜଣେ ଭାଇ ମଧ୍ୟ ବବିଙ୍କ ଉପରେ ବିଶ୍ୱାସ ରଖି ଦୀର୍ଘ ବର୍ଷ ହେଲା ଖଟୁଛନ୍ତି। କିନ୍ତୁ ଏଯାଏଁ ତାଙ୍କୁ କୌଣସି ରାଜନୈତିକ ସଫଳତା ମିଳିପାରିନାହିଁ। ତେଣୁ ଏମିତି ଦେଖିଲେ ଏବେ ବବି ନିଜ ଘରେ ମଧ୍ୟ ଏକଘରିକିଆ ହୋଇପଡ଼ିଛନ୍ତି।

## ଦିଲ୍ଲୀରୁ ଚାଲୁଛି...

ପ୍ରଭାବରେ ରବୀନ୍ଦ୍ର ଜେନା ବିଜେଡି ଛାଡ଼ିଥିବା କୁହାଯାଉଛି। ରବୀନ୍ଦ୍ର ବିଜେଡି ଛାଡ଼ିଥିବା ବେଳେ ପତ୍ନୀ ସୁବାସିନୀଙ୍କ ଭୋଟ ଏବେ କେଉଁ ଆଡ଼କୁ ଯିବ, ତା’ ଉପରେ ସମସ୍ତଙ୍କ ନଜର ରହିଛି।

ରବୀନ୍ଦ୍ରଙ୍କ ପରେ ଆଉ କେଉଁମାନେ ଦଳ ଛାଡ଼ିବେ ତାହାକୁ ନେଇ ବି ଆଲୋଚନା ଆରମ୍ଭ ହୋଇଛି। ବିଜେଡି ଛାଡ଼ିଥିବା ସାଂସଦ ସୁଜିତ କୁମାରଙ୍କୁ ବିଜେପି ପୁଣିଥରେ ରାଜ୍ୟସଭା ପ୍ରାର୍ଥୀ କରିଥିବାରୁ କିଛି ବିଜେଡି ନେତାଙ୍କ ଉପରେ ଏହାର ପ୍ରଭାବ ପରିଲକ୍ଷିତ ହେଉଛି। ଯଦିଓ ନବୀନ ନିବାସ ଆସି ମୁଖିଆଙ୍କ ସହ ଆଲୋଚନା କରୁଛନ୍ତି ଓ ମୁଣ୍ଡ ଟୁଙ୍ଗାରୁଛନ୍ତି, କିନ୍ତୁ ଆସନ୍ତା ସପ୍ତାହରେ ସେମାନେ କି ପ୍ରକାର ପଦକ୍ଷେପ ଗ୍ରହଣ କରିବେ, ସେନେଇ ଦଳର ବରିଷ୍ଠ ନେତାମାନେ ସନ୍ଦୀହାନ। ଏପରିକି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁଅ ତଥା ବିଧାୟକ ସୌଭିକ ବିଶ୍ୱାଳ ସହ ମଧ୍ୟ ନବୀନ କଥା ହୋଇଥିବା ଜଣାପଡ଼ିଛି। କିନ୍ତୁ ସୌଭିକ ମଧ୍ୟ ନବୀନଙ୍କ ଅଶ୍ୱାସନାରେ ସନ୍ତୁଷ୍ଟ ନ ଥିବା ଜଣାପଡ଼ିଛି। ଉଲ୍ଲେଖନୀୟ ଯେ ଦିଲ୍ଲୀପ ରାୟ ରାଜ୍ୟସଭା ପ୍ରାର୍ଥୀ ହେବା ପୂର୍ବରୁ ଏକାଧିକ ଥର ନବୀନ ନିବାସ ଯାଇ ନବୀନଙ୍କ ସହ ଆଲୋଚନା କରିଥିବାର ନଜିର ରହିଛି। ଏପରିକି ଦିଲ୍ଲୀରେ ମଧ୍ୟ ଉଭୟ ନେତା ପରସ୍ପରକୁ ଭେଟିଛନ୍ତି। ତେବେ କେଉଁ ପରିସ୍ଥିତିରେ ଦିଲ୍ଲୀପ ରାୟ ମଇଦାନକୁ ଓହ୍ଲାଇଲେ, ତା’ ଏବେ ଅନେକଙ୍କ ପାଇଁ ପ୍ରଶ୍ନବାଚୀ ହୋଇଛି। ତେବେ ହାତରେ ଭୋଟ ନ ଥାଇ ସମସ୍ତଙ୍କୁ ଚକିତ କରି ରାଜ୍ୟସଭା ନିର୍ବାଚନ ଜିଣିବାର କୌଶଳ ଜାଣିଥିବା ଦିଲ୍ଲୀପ ଆଗକୁ କି ପ୍ରକାର ଗୋଟି ଚାଳନା କରୁଛନ୍ତି, ତା’ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଭୁବନେଶ୍ୱର ଚଉଦନଳାର ସ୍ଥିତି ପରଖିଲା ଆର୍କିଓଲୋଜି ବିଭାଗ

**ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ):** ସ୍ଥାନୀୟ ଚଉଦନଳା ବୁଲି ସ୍ଥିତି ପରଖିଲା ଆର୍କିଓଲୋଜି ବିଭାଗ। ଭୁବନେଶ୍ୱରର ପୁରୁଣା ଐତିହ୍ୟ ଦର୍ଶାଉଥିବା ଏହି ନଳାକୁ ବୁଲି ଦେଖିଛି ବିଭାଗ। ଇତିହାସରେ ସ୍ଥାନ ପାଇଥିବା ଏହି ନଳା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଆଖପାଖରେ ବଡ ବଡ ବିଲଡିଂ ଏହାର ସୌନ୍ଦର୍ଯ୍ୟ ନଷ୍ଟ କରୁଛନ୍ତି। ଏହା ଏବେ ଆବର୍ଜନାରେ ପରିପୂର୍ଣ୍ଣ। ଏହାକୁ ନେଇ ସ୍ଥାନୀୟ ଲୋକେ ଓ ସାମାଜିକ କର୍ମୀ ଅଭିଯୋଗ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଆଜି ବିଭାଗୀୟ ଅଧିକାରୀମାନେ ଏହାର ଅନୁଧ୍ୟାନ କରିଛି। ଆର୍କିଓଲୋଜି ବିଭାଗର ଡେପୁଟି ଡାଇରେକ୍ଟର ଡଃ ଦେବଯାନୀ ଭୂୟାଁ ତଥା ଅନ୍ୟ ଟେକନିକାଲ କର୍ମଚାରୀମାନେ ଆଜି ସ୍ଥିତି ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ଅବସରରେ ଡଃ ଦେବଯାନୀ ଭୂୟାଁ କହିଛନ୍ତି ଆଗାମୀ ସମୟରେ ଏହି ନଳା ର ସଂରକ୍ଷଣ ନେଇ ଜଡିତ ଥିବା ବିଭିନ୍ନ ବିଭାଗ ସହ ଆଲୋଚନା କରାଯିବ। ଏହା ସହ ଏହାର ସଂରକ୍ଷଣ ନେଇ କଣ ନୂଆ ବିକଳ୍ପ ବ୍ୟବସ୍ଥା ହୋଇପାରିବ ସେ ଦିଗରେ ଧ୍ୟାନ ଦିଆଯିବ। ସେପଟେ ବିଭାଗକୁ ଧନ୍ୟବାଦ୍ ଦେଇଛନ୍ତି ସ୍ଥାନୀୟ ଲୋକେ ଓ ସାମାଜିକ କର୍ମୀ। ସେମାନେ ଏହି ଦାବି କରିଛନ୍ତି ସରକାର ଏହି ଭଳି ପୁରୁଣା ଐତିହ୍ୟର ରକ୍ଷଣାବେକ୍ଷଣ ଉପରେ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

# କଳିଙ୍ଗନଗରର ଦୁଃଖ ମାନପୁର ଓଭରବ୍ରିଜ



## ସୁଧୁରୁନି ଟ୍ରାଫିକ ସମସ୍ୟା, ବିପଦ ସାଜିଛି ଓଭର ବ୍ରିଜ

## ପୂର୍ତ୍ତ ବିଭାଗର ଉଦାସୀନତାରୁ ଅଧାରେ ଅଟକିଛି ଦ୍ୱିତୀୟ ପୋଲ

ଯାଜପୁର,୧୦।୩ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜୀବନରେଖା ମାନଗୋବିନ୍ଦପୁର ଓଭର ବ୍ରିଜ। ହେଲେ ଏହି ଓଭର ବ୍ରିଜ କଳିଙ୍ଗନଗରବାସୀଙ୍କ ସମେତ ସାରା ଜିଲ୍ଲାର ଦୁଃଖ ପାଲଟିଛି। କାରଣ କଳିଙ୍ଗନଗର-ଯାଜପୁରରୋଡ ମୁଖ୍ୟରାସ୍ତାରେ ଏହି ଓଭର ବ୍ରିଜ୍‌ଟି ୬ ବର୍ଷ ହେଲା ଶେଷ ହୋଇଥିବାବେଳେ ଏବେ ଦ୍ୱିତୀୟ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଏଥିନେଇ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି। ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ ଦ୍ୱିତୀୟ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଏଯାବତ ଶେଷ ନ ହେବା ଘଟଣା ପଛରେ କ'ଣ ଉଦେଶ୍ୟ ଲୁଚି ରହିଛି ତାହା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟାତ ପାଇଁ ଏହା ହେଉଛି ମୁଖ୍ୟ ବ୍ରିଜ। ହେଲେ ପ୍ରଥମ ଓଭରବ୍ରିଜ୍‌ଟିର ସୁରକ୍ଷା ପ୍ରତି ଏବେ ସ୍ଥାନୀୟ ଲେକେ ପ୍ରଶ୍ନ ଉଠାଇଛନ୍ତି। କାରଣ ଅନେକ ସମୟରେ ବ୍ରିଜର ମରାମତି କାର୍ଯ୍ୟ ଚାଲିଛି। ଯାହାକି ନିର୍ମାଣ ପର ଠାରୁ ପ୍ରାୟ କୋଟି କୋଟି ଟଙ୍କା ବ୍ରିଜର ମରାମତି ପାଇଁ ବ୍ୟୟ ହୋଇଛି ହେଲେ ଏହାର ସୁଧାର ଆସୁ ନାହିଁ। ପ୍ରଥମ ବ୍ରିଜର ଏଭଳି ଅବସ୍ଥା ହେଉଛି, କେତେବେଳେ ବ୍ରିଜଟି ଭୁସୁଡି ପଡ଼ିବ ଏହାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏପରିକି କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟତ ପାଇଁ ଏହା ମୁଖ୍ୟ ବ୍ରିଜ ହୋଇଥିବାରୁ ଦୈନିକ ଏହି ବ୍ରିଜ ଉପରେ ହଜାର ହଜାର ଯାନବାହନ ଯାତାୟତ କରୁଛି। ଏଭଳି ସ୍ଥିତିରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ଏଠାରେ ଦେଖାଦେଉଛି। ଅପରପକ୍ଷରେ ନିର୍ମାଣାଧିନ ଦ୍ୱିତୀୟ ବ୍ରିଜର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ପ୍ରଥମ ସେତୁ ଉପରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଟ୍ରାଫିକ ସମସ୍ୟା ଯୋଗୁଁ ଜରୁରୀ କାଳୀନ ଗାଡି ଗୁଡିକ ଏହି ବ୍ରିଜ ଉପରେ ଘଣ୍ଟା ଘଣ୍ଟା ଧରି ଅଟକୁଛି। ମୁଖ୍ୟତଃ ନିମ୍ନମାନର କାମ ଏବଂ ପୂର୍ତ୍ତ ବିଭାଗର ଉଦାସୀନତା ଯୋଗୁଁ ବ୍ରୀଜର ଅବସ୍ଥା ଆଜି ଏଭଳି ହୋଇଛି।

ସବୁଠୁ ଗୁରୁତ୍ୱ ପୁର୍ଣ୍ଣ କଥା ହେଉଛି, ମରାମତିରେ କୋଟି କୋଟି ଟଙ୍କା ବ୍ୟୟ ହୋଇଥିବା କାଗଜ କଲମରେ ଦର୍ଶାଇ ସମ୍ପୃକ୍ତ ଠିକାଦାର ବିଭଗୀୟ ଯନ୍ତ୍ରୀଙ୍କୁ ହାତବାରିଶି କରି ଲୁଟି ନେଉଥିବା ସ୍ଥାନୀୟ ଲୋକଙ୍କ ଠାରେ ଚର୍ଚ୍ଚା ଜୋର ଧରିଛି। ତେଣୁ ସ୍ଥାନୀୟ ଲୋକେ ଏହାର ଭିଜିଲାନସ ତଦନ୍ତ ଦାବୀ କରୁଛନ୍ତି। ତେବେ ବାରମ୍ବାର ଟ୍ରାଫିକ ସମସ୍ୟା ପ୍ରଥମ ବ୍ରିଜ୍ ଉପରେ ଉପୁଜିବା ପରେ ପୁର୍ବାହ୍ନ ୭ ଘଟିକାରୁ ୯ଘଟିକା ଏବଂ ଅପରାହ୍ନ ୫ ଘଟିକାରୁ ରାତ୍ର ୭ ଘଟିକା ପର୍ଯ୍ୟନ୍ତ ଜିଲ୍ଲାପାଳ ଅମ୍ବର କୁମାର କର ବ୍ରିଜ ଉପରେ ଭାରି ଯାନ ଚଳାଚଳକୁ କଡାକଡି କରିଥବାର ନଜିର ରହିଛି। କିନ୍ତୁ ଟ୍ରାଫିକ ସମସ୍ୟା ସୁଧୁରୁନି। ଯଥା ପୁର୍ବ ତଥା ପରଂ। ତେବେ ଏହାର ସମାଧାନ କେବେ ହେବ ତାହା ସମୟ ହିଁ କହିବ।

## ୧୧୨ ଗ୍ରାମ ଧଳାଜହର ଜବତ, ଜଣେ ଗିରଫ



କାକଟପୁର/ଅସ୍ତରଙ୍ଗ,୧୦।୩ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ କାକଟପୁର ବ୍ଲକ ପଣ୍ଡାସାହି ଅଂଚଳର ବିକାଶ ପାଢ଼ୀ (୩୦) । ତେବେ ବିକାଶଙ୍କ ନିକଟରୁ ୧୧୨ ଗ୍ରାମର ଧଳା ଜହର ଜବତ କରିଛି ଅବକାରୀ ବିଭାଗ। ବିଶେଷସୂତ୍ରରୁ ଖବର ପାଇଁ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡା ଅବକାରୀ ଥାନା ଅଧିକାରୀ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ଦିନ କାକଟପୁର ମଙ୍ଗଳା କଲେଜ ଫାଟକ ନିକଟରେ ଚଢ଼ାଉ କରି ବିକାଶ ପାଢ଼ୀ (୩୦)ଙ୍କୁ ଗିରଫ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି। ଏହା ସହ ଅଭିଯୁକ୍ତ ଠାରୁ ଏକ ସ୍ମାର୍ଟ ଫୋନ, ଏକ ବଜାଜ ପଲସର ଗାଡି (ଓଆର ୦୫ ଭି ୧୩୫୪)ସହ ୧୬ଶହ ଟଙ୍କା ଜବତ କରିଥିଲା ଅବକାରୀ ପୋଲିସ। ଏ ନେଇ ଅବକାରୀ ଥାନା କେଶ ନମ୍ବର ୧୦୬/୨୫-୨୬ରେ ଏନ.ଡ଼ି.ପି.ଏସ ମାମଲା ରୁଜୁ କରି କୋର୍ଟ ଚାଲଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାର କୁ ପଠାଯାଇଛି। ଧରା ପଡ଼ିଥିବା ଅଭିଯୁକ୍ତମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜଙ୍ଗଲରୁ ଯୁବକଙ୍କ ଗଳିତ ଶବ ଉଦ୍ଧାର



ସୁନ୍ଦରଗଡ଼,୧୦।୩ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ଜିଲ୍ଲାର କୁତ୍ରା ଥାନା ଅଧୀନ ପଞ୍ଚରା ରିଜର୍ଭ ଫରେଷ୍ଟରୁ ଆଜି ପୁଲିସ ଏକ ଗଳିତ ଶବ ଉଦ୍ଧାର କରିଛି। ମୃତ ଯୁବକ ହେଲେ ରଙ୍ଗାମାଟି ଗ୍ରାମର ସଲମାନ୍ ସୁରିନ (୩୦) ବୋଲି ପରିଚୟ ମିଳିଛି। ସୂଚନା ଅନୁଯାୟୀ ଗତକାଲି ସୋମବାର ସଂଧ୍ୟା ସମୟରେ ବନ କର୍ମଚାରୀମାନେ ପଞ୍ଚରା ରିଜର୍ଭ ଫରେଷ୍ଟ ଅଞ୍ଚଳକୁ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ଯାଇଥିଲେ। ସେତେବେଳେ ଜଙ୍ଗଲ ଭିତରେ ଏକ ଗଳିତ ଅବସ୍ଥାରେ ଶବ ପଡ଼ିଥିବା ଦେଖିଥିଲେ। ସେମାନେ ଏହି ବିଷୟରେ କୁତ୍ରା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଶବଟିକୁ ଜବତ କରିଥିଲା। ଶବ ଗଳିତ ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ୧୦ ଦିନ ପୂର୍ବରୁ ଯୁବକଙ୍କ ମୃତ୍ୟୁ ହୋଇଥିବା ନେଇ ପୁଲିସ ସନ୍ଦେହ କରୁଛି। ପରେ ଶବଟିକୁ ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ହସ୍ପିଟାଲକୁ ପଠାଯାଇଛି। ପରିବାର ଲୋକଙ୍କ କହିବା ଅନୁସାରେ ସଲମାନଙ୍କ ମାନସିକ ସ୍ଥିତି ଠିକ୍ ନଥିଲା। ପ୍ରାୟ ଅଢ଼େଇ ମାସ ପୂର୍ବେ ସେ ଘରୁ କୁଆଡେ ଚାଲିଯାଇଥିଲେ । ପରିବାର ଲୋକେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ସେଠାରେ କୌଣସି ସନ୍ଧାନ ମିଳିନଥିଲା। ଏହି ଘଟଣାକୁ ନେଇ କୁତ୍ରା ପୁଲିସ ଏକ ମାମଲା ରୁଜୁ କରି ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ତଦନ୍ତ ଆରମ୍ଭ କରିଛି।

## ୧୩ରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା

ବାରିପଦା,୧୦।୩ (ସଂଚାର ବ୍ୟୁରୋ)ଃମୟୁରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ କଳା ସଂସ୍କୃତି ଐତିହ୍ୟ ଏବଂ ପର୍ଯ୍ୟଟନର ବିକାଶ ପାଇଁ ୨୦୦୩ ମସିହାରୁ ବାରିପଦାର ବୁଢ଼ା ବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ବିଗତ ୯ ବର୍ଷ ଧରି ଜିଲ୍ଲାର ଚାରିଟି ଯାକ ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦେଶ୍ୟରେ ଅନୁଷ୍ଠିତ ହୋଇ ଆସୁଥିବା ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା (ବାଇକ ରେଲି ) ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ଚଳିତ ମାର୍ଚ୍ଚ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବ. ଏହି ଜାଗରଣ ଯାତ୍ରାରେ ୫୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ଙ୍କ ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥ ୩ ଦିନ ଧରି ସମଗ୍ର ଜିଲ୍ଲା ପରିକ୍ରମା କରି ମୟୁରଭଞ୍ଜର କଳା ସଂସ୍କୃତି, ଐତିହ୍ୟର ପ୍ରଚାର ପ୍ରସାର ସହ ଜିଲ୍ଲାରେ ଭାଇଚାରାର ପରମ୍ପରାକୁ ସୁଦୃଢ଼ କରିବ। ମାର୍ଚ୍ଚ ୧୩ ତାରିଖ ପ୍ରଥମ ଦିନ ସକାଳ ୮ ଘଟିକା ସମୟରେ ବାରିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଯାତ୍ରା ଛଉ, ଝୁମର, କଳସିନାଚ, ସଂକୀର୍ତ୍ତନ, ଓଡିଶୀ ଆଦି କଳାକାର ମାନଙ୍କର ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ଆସିବ।

## ବିସ୍ଥାପିତଙ୍କ ଅଭିନବ ପ୍ରତିବାଦ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ



ସୁନ୍ଦରଗଡ଼,୧୦।୩ (ସଂଚାର ବ୍ୟୁରୋ)ଃ ଅନେକବାର ପ୍ରତିଶୃତି ମିଳିଥିଲା ମାତ୍ର ତାହା କାର୍ଯ୍ୟକାରୀ ହେଉନଥିଲା ଶେଷରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅଭିନବ ପ୍ରତିବାଦ ସହ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ ବିସ୍ଥାପିତ। ପରେ ଜିଲ୍ଲାପାଳ ବିସ୍ଥାପିତମାନଙ୍କୁ ନିଜ ବାସଭବନକୁ ଡାକି ଆସନ୍ତା ୫ଦିନ ମଧ୍ୟରେ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ଦେବାପରେ ବିସ୍ଥାପିତମାନେ ନିଜ ଜିଦରୁ ହଟିଥିଲେ।

ହେମଗିର ବ୍ଲକ ମନୋହରପୁର ସ୍ଥିତ ଓସିପିଏଲ କୋଇଲା ଖଣିରେ ବିସ୍ଥାପିତ ହୋଇଥିବା ସାନଘୁମଡା ଓ ଡୁଲିଙ୍ଗା ଗ୍ରାମର ପ୍ରାୟ ୫୦ ପରିବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କର କ୍ଷତିପୂରଣ ପାଇନାହାନ୍ତି। ବିଶେଷ କରି ଜଙ୍ଗଲ ଜମି ପଟ୍ଟା ପାଇ ଜମି ହରାଇଥିବା ଓ ବିବାହିତା ଝିଅମାନଙ୍କୁ ଉପଯୁକ୍ତ କ୍ଷତିପୁରଣ ସହ ଥଇଥାନ ନେଇ ବାରମ୍ବାର ଦାବି କରିବା ସହ ଜିଲ୍ଲାପାଳ, ଆରଡିସି କାର୍ଯ୍ୟାଳୟ ଘେରାଉ କରି ନିରାଶ ହେବା ପରେ ଗତ ଡିସେମ୍ବର ମାସରେ ୧୫ଦିନ ଧରି ଅହୋରାତ୍ର ଧାରଣାରେ ବସିବା ପରେ ସ୍ଥାନୀୟ ବିଧାୟକ, ବିସ୍ଥାପିତଙ୍କ ସହ ଜିଲ୍ଲାପାଳ ଆଲୋଚନା କରି ସମସ୍ୟାର ସମାଧାନ ଦେଢ ମାସ ମଧ୍ୟରେ କରିବାର ପ୍ରତିଶୃତି ଦେଇଥିଲେ। ମାତ୍ର ସମୟ ସୀମା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାହା ନହେବାରୁ ଆଜି ବିସ୍ଥାପିତମାନେ ପୁଣି ଧାରଣାରେ ବସିଥିଲେ। ମହିଳାମାନେ ମୁଣ୍ଡରେ କଳା ପଟି ବାନ୍ଧି ବସିଥିବା ବେଳେ ପୁରୁଷମାନେ ନିଜର ପୋଷାକ ଖୋଲି ଧାରଣାରେ ଦୀର୍ଘ ସମୟ ଧରି ବସିଥିଲେ।

ତେବେ ବର୍ଷବର୍ଷ ଧରି ଆନ୍ଦୋଳନରେ କେବଳ ପ୍ରତିଶୃତି ମିଳିଥିଲା। ଆଜି ଯେତେବେଳେ ବିସ୍ଥାପିତମାନେ ଏଭଳି ଅଭିନବ ପ୍ରତିବାଦ କଲେ ସେହି ସମୟରେ ଜିଲ୍ଲାପାଳ ବିସ୍ଥାପିତଙ୍କ ଅଗରେ ମୁଣ୍ଡ ନୁଆଁଇ ଶେଷଥର ପାଇଁ ୫ ଦିନ ପାଇଁ ସମୟ ନେଇଥିଲେ ମଧ୍ୟ କ୍ୟାମେରା ସାମ୍ନାରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ତେବେ ବର୍ତ୍ତମାନ ଦାବି ପୁରଣ ହେଉଛି ନା କେବଳ ପ୍ରତିଶୃତି ତାକୁ ଦେଖିବାର କଥା।

### ଚୈତ୍ର ମାସର ପ୍ରଥମ ମଙ୍ଗଳବାର ନେତ୍ରୋତ୍ସବ

## ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



କାକଟପୁର/ଅସ୍ତରଙ୍ଗ,୧୦।୩ (ସଂଚାର ବ୍ୟୁରୋ)ଃ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଝାମୁଯାତ୍ରାର ପ୍ରଥମ ପର୍ବ। ପ୍ରଥମ ମଙ୍ଗଳବାରରେ ପୁରୀ ଜିଲ୍ଲା କାକଟପୁର ଅଧିଡାଷ୍ଠି ଦେବୀ ଜଗତଜନନୀ ମା' ମଙ୍ଗଳାଙ୍କ ଜନ୍ମ ମହୋତ୍ସବ ପାଳିତ ହୋଇଛି। ଯାହାକୁ ପ୍ରସିଦ୍ଧ ନେତ୍ର ଉତ୍ସବ ବୋଲି କୁହାଯାଏ। ପ୍ରଥମ ପାଳି ଯାତ୍ରାରେ ମା'ଙ୍କ ମନ୍ଦିର ଚୂଡାରେ ବନ୍ଧା ହୋଇଥିବା ପୁରୁଣା ନେତକୁ ବଦଳାଯାଇ ନୂଆ ନେତ ବନ୍ଧା ଯିବାର ପରମ୍ପରା ରହିଛି। ତେଣୁ ପ୍ରଥମ ପାଳିଯାତ୍ରାରେ ନେତ୍ରୋତ୍ସବ ପରମ୍ପରା ଅନୁଯାୟୀ ଆଜି ମନ୍ଦିରରେ ନୂତନ ନେତ ବନ୍ଧାଯାଇଥିଲା। ଏଥିସହିତ ମା'ଙ୍କ ଜନ୍ମୋତ୍ସବରେ ମା' ମଙ୍ଗଳା ଭକ୍ତଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଥିଲେ। ମା'ଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଟ କରାଯିବା ସହ ପୁଲିସ ମୁତୟନ କରାଯାଇଥିଲା।

## ବେତନଟୀ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞଙ୍କ ଯୋଗଦାନ

ବେତନଟୀ,୧୦।୩ (ସଂଚାର ବ୍ୟୁରୋ)ଃ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ମାନଙ୍କରେ ୧୯୩ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ସମେତ ଡାକ୍ତରମାନଙ୍କର ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞ ଭାବେ ଆଜି କାର୍ଯ୍ୟରେ ଯୋଗଦେଲେ ଡ. ସତ୍ୟନାରାୟଣ ପାତ୍ର। ପୂର୍ବରୁ ବେତନଟୀ ଡାକ୍ତରଖାନାରେ ଭେଷଜ (ମେଡିସିନ), ଶଲ୍ୟ(ସର୍ଜରୀ) ଏବଂ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ଦାବି ରହିଆସିଥିଲେ। ଅଞ୍ଚଳବାସୀଙ୍କ ଦାବିକୁ ପ୍ରାଥମିକତା ଦେଇ ବଡସାହି ମାନ୍ୟବର ବିଧାୟକ ସନାତନ ବିଜୁଳି ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ. ମୁକେସ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଦନୁଯାୟୀ ଆଜି ବେତନଟୀ ଡାକ୍ତରଖାନରେ ଶିଶୁରୋଗ ବିଶେଷଜ୍ଞ ଭାବେ ଡ. ସତ୍ୟନାରାୟଣ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶିଶୁରୋଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଅଞ୍ଚଳବାସୀ ମାନ୍ୟବର ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ସ୍ୱାଗତ ଜଣାଇଛନ୍ତି ।

## ଗ୍ରୀଷ୍ମ ପ୍ରବାହର ମୁକାବଲା ନିମନ୍ତେ ଜିଲ୍ଲାସ୍ତରୀୟ ବୈଠକ



ନବରଙ୍ଗପୁର,୧୦।୩ (ସଂଚାର ବ୍ୟୁରୋ)ଃ ଆଜି ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମ ପ୍ରବାହ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ସମ୍ବନ୍ଧୀୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଆଗାମୀ ଗ୍ରୀଷ୍ମ ଋତୁରେ ପିଇବା ପାଣି ଏବଂ ଅଂଶୁଘାତର ସମସ୍ୟା ଓ ତାହାର ସଫଳ ମୁକାବିଲା କରିବା ନିମନ୍ତେ ଆଲୋଚନା ହୋଇଥିଲା ।

ଏହି ବୈଠକରେ ବିଶେଷ କରି ଅଚଳ ପଡିଥିବା ନଳକୂପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟ ମାନଙ୍କରେ ପ୍ରର୍ଯ୍ୟାପ୍ତ ପରିମାଣର ପିଇବା ପାଣି ଓ ଓଆର୍‌ଏସ୍ ପକେଟ ମହଜୁତ ରଖିବା, ଜିଲ୍ଲା ଶ୍ରମ ବିଭାଗ ତରଫରୁ ଶ୍ରମିକ ମାନଙ୍କ କାର୍ଯ୍ୟ ସ୍ଥଳରେ ସ୍ୱତନ୍ତ୍ର ପାଣିର ବ୍ୟବସ୍ଥା କରିବା, ଦିନ୧୧.୦୦ ଘଣ୍ଟା ସମୟରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଅଂଶୁଘାତର ଆଶଙ୍କା ଥିବାରୁ ଏହି ସମୟ ସୀମା ମଧ୍ୟରେ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନ ଲଗାଇ, ବିଶ୍ରାମ ନିମନ୍ତେ ଅସ୍ଥାୟୀ ଛାୟାର ବ୍ୟବସ୍ଥା କରିବା, ସରକାରଙ୍କ ମାର୍ଗଦର୍ଶକ ଅନୁଯାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସ୍କୁଲ ଏବଂ କଲେଜରେ ଶିକ୍ଷା ଦାନ କରିବା, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦାଉରୁ ରକ୍ଷା ପାଇବା ନିମନ୍ତେ ସମସ୍ତ ପ୍ରକାର ପରିବହନ ଯାନ ଏବଂ ଯାତ୍ରୀ ମାନଙ୍କ ନିମନ୍ତେ ବହୁଳ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣର ଓଆରଏସ ପକେଟ ମହଜୁଦ ରଖିବା, ଅଂଶୁଘାତର ସଫଳ ମୁକାବିଲା ପାଇଁ ପ୍ରତି ବ୍ଲକ ସ୍ତରରେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟନ୍ତ୍ରଣ କକ୍ଷ ଖୋଲି ତୁରନ୍ତ ଆବଶ୍ୟକୀୟ ସେବା ଯୋଗାଇ ଦେବା, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଟିପିଏସଓଡିଲ୍‌ଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଆବଶ୍ୟକ ସ୍ଥଳେ ଜିଲ୍ଲାର ଜନଗହଳି ସମ୍ପୂର୍ଣ୍ଣ ସ୍ଥାନ ମାନଙ୍କ ରେ ଜଳଛତ୍ର ର ଆୟୋଜନ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଡ଼ଃ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ।

## ଚୈତ୍ର ମାସ ପ୍ରଥମ ପାଳିଃ ଶ୍ୟାମଳାଇ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ହିଞ୍ଜିଳିକାଟୁ,୧୦।୩ (ସଂଚାର ବ୍ୟୁରୋ)ଃ ଚୈତ୍ର ମାସ ପ୍ରଥମ ପାଳି ମଙ୍ଗଳବାର ଉପଲକ୍ଷେ ହିଞ୍ଜିଳିକାଟୁ ବ୍ଲକ ନୁଆବୁରୁପଡା ନିକଟସ୍ଥ ମା' ଶ୍ୟାମଳାଇଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା । ଏହି ଉପଲକ୍ଷେ ଆଖପାଖ ଅଞ୍ଚଳ ସମେତ ଦୂରଦୂରାନ୍ତରୁ ଜନସମାବେଶ ହୋଇ ସନ୍ଧ୍ୟା ତମାମ ଗହଳ ଚହଳ ଲାଗି ରହିଥିଲା । ମଙ୍ଗଳବାର ଭୋରରୁ ମାଙ୍କ ମାର୍ଜଣା, ମଙ୍ଗଳ ଆଳତି, ବାଳ ଭୋଗ ରୀତିନୀତି ଅନୁସାରେ କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ମନ୍ଦିରକୁ ପ୍ରବେଶ କରାଯାଇଥିଲା। ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ବହୁ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରି ରହିଥିଲେ । ଏଥି ନିମିତ ମନ୍ଦିର ଚତୁପାର୍ଶ୍ୱରେ ମାନସିକ ଧାରୀମାନେ ନିଜନିଜର ଶିଶୁଙ୍କ ମୁଣ୍ଡନ, ପଞ୍ଚା ଅମୃତ କରି ବନ୍ଧୁବର୍ଗଙ୍କ ସହ ଭୋଜି ଭାତର ଆୟୋଜନ ଜମାଇଥିଲେ। ଶ୍ରଦ୍ଧାଳୁଙ୍କ ଭିଡକୁ ଆଖି ଆଗରେ ରଖି ମନ୍ଦିର ପ୍ରସାଶନ ଏବଂ ହିଞ୍ଜିଳି ପୋଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟାବସ୍ଥା କଡ଼ାକଡ଼ି କରାଯାଇଥିଲା ।

# ମୃତ୍ୟୁ ପରେ ଚକ୍ଷୁଦାନ କଲେ ଅଜୟଙ୍କ ପରିବାର



ନୀଳଗିରି,୧୦।୩ (ସଂଚାର ବ୍ୟୁରୋ)ଃ ଔପଦା ବ୍ଲକ ନରସିଂହ ପୁର ଗ୍ରାମପଞ୍ଚାୟତ ରାଜନଗର ଅଜୟ ଗତ ୮ ତାରିଖରେ ଆକସ୍ମିକ ଭାବେ ଏକ ଦୁର୍ଘଟଣାରେ ଶ୍ୱଶୁର ଘର ଛାତରୁ ଗଳି ପଡ଼ିଥିଲେ । ଡାକ୍ତର ମୃତ ବୋଲି ଘୋଷଣା କଲା ପରେ ପରିବାର ଲୋକ ଦୁନିଆକୁ ଅଜୟ ମୃତ୍ୟୁ ପରେ ବି ଦେଖିବ ଏହିକଥା ଭାବି ତାଙ୍କର ଚକ୍ଷୁ ଦାନ କରିଛନ୍ତି। ସ୍ୱର୍ଗତ ଅଜୟଙ୍କ ସ୍ତ୍ରୀ, ପୁତ୍ରଙ୍କ ସହମତିରେ ଅଜୟଙ୍କର ଦୁଇ ଆଖିକୁ ଦାନ କରାଯାଇଛି। ମୃତ୍ୟୁ ପରେବି ନେତ୍ରଦାନ କରି ଅଜୟ ପାତ୍ର ଆଜିର ଦୁନିଆରେ ଅମର ହୋଇଯାଇଛନ୍ତି ବୋଲି ସାଧାରଣରେ ବେଶ ଆଲୋଚନା ହେଉଛି। ଏହି ମହତ କାର୍ଯ୍ୟ ପାଇଁ ନୀଳଗିରି ଉପଖଣ୍ଡ ରକ୍ତଦାତା ସଂଘ ପକ୍ଷରୁ ଅଜୟ ପାତ୍ରଙ୍କ ପିତା ଅବସର ପ୍ରାପ୍ତ ରାଜସ୍ୱ ଅଧିକାରୀ ବାଂଛାନିଧି ପାତ୍ର, ମାତା ଯମୁନାମଣି, ସହଧର୍ମିଣୀ ରଂଜିତା, ଏକମାତ୍ର ପୁତ୍ର ଉମାଶଙ୍କର, ସାନଭାଇ ଅକ୍ଷୟ, ସଂଜୟ ପ୍ରମୁଖଙ୍କ ଉପସ୍ଥିତରେ ବାଲେଶ୍ୱର ହସ୍ପିଟାଲରେ ନେତ୍ରଦାନ କରାଯାଇଥିଲା। ପରିବାର ପକ୍ଷରୁ ଏଭଳି ନିଷ୍ପତ୍ତି କୁ ସାଧାରଣ ରେ ସାଧୁବାଦ ଜ୍ଞାପନ କରାଯାଇଛି। ଅପର ପକ୍ଷରେ ତାଙ୍କ ଅକାଳ ବିୟୋଗରେ ଗତକାଲି ନୀଳଗିରି କଚେରୀ ବଜାରର ସ୍ଥିତ ଜଗଧାତ୍ରୀ ବଜାର କମିଟି ପକ୍ଷରୁ ସବୁ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବା ସହ ବ୍ୟବସାୟୀ ଅଜୟଙ୍କର ମୃତଦେହକୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଂଜଳି ଦେଇଥିଲେ। ପରେ ପରିବାର ଲୋକେ ରାତିରେ ପୁରୀ ସ୍ୱର୍ଗଦ୍ୱାର ନେଇ ଶବସତ୍କାର କରିଥିବା ଜଣାପଡ଼ିଛି।

## କୁମୁଲିରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ



ବୋରିଗୁମ୍ମା,୧୦।୩ (ସଂଚାର ବ୍ୟୁରୋ)ଃ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲି ଗ୍ରାମରେ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୫ ତାରିଖରୁ ଆରମ୍ଭ ହୋଇ ଥିବା ଏହି ଉତ୍ସବର ପୂର୍ଣ୍ଣାହୁତି ସୋମବାର ଦିନ ଶେଷ ହୋଇ ରତ୍ନ ସିଂହାସନରେ ଦର୍ଶନ ଦେଉଛନ୍ତି ତିନି ଠାକୁର। ବୈଦିକ ରୀତି ନୀତି ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପରମ୍ପରାରେ ନୂତନ ଜଗନ୍ନାଥ ମନ୍ଦିର ସହିତ ପାର୍ଶ୍ୱ ମନ୍ଦିର ଓ ଶ୍ରୀ ବିଗ୍ରହମାନଙ୍କ ପ୍ରତିଷ୍ଠା ଉତ୍ସବ ପୁରୀ ଶଙ୍କରଚାର୍ଯ୍ୟଙ୍କ ଶିଷ୍ୟ ପଣ୍ଡିତ ସୂର୍ଯ୍ୟନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏହି ଦିବସରେ ଛତିଶଗଡ଼ ରାଜ୍ୟର ମହାରାଜ ଶ୍ରୀ କମଳ ଲୋଚନ ଭଞ୍ଜଦେବ ଆସି ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଉତ୍ସବରେ ପହଞ୍ଚି ମନ୍ଦିର ବୁଲି ପ୍ରଶଂସା କରିଥିଲେ । ସମଗ୍ର କୋରାପୁଟ ଜିଲ୍ଲା ସମେତ ସ୍ଥାନୀୟ ଅଞ୍ଚଳରୁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲେ। ପାରଳାଖେମୁଣ୍ଡି ମହାରାଣୀ କଲ୍ୟାଣୀ ଦେବୀ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କୋଟପାଡ ବିଧାୟକ ରୁପୁ ଭାତ୍ରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

### ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ

# ସୋଆରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ




ଭୁବନେଶ୍ୱର,୧୦।୩ (ସଂଚାର ବ୍ୟୁରୋ)ଃକୃଷି କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ଓ କୃତ୍ରିମ ବୁଦ୍ଧିମତାର ଉପଯୋଗ ହିଁ ଭବିଷ୍ୟତର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ସ୍ଥାୟିତ୍ୱ ଆଣିପାରିବ। ଜଳ, ଖାଦ୍ୟ ଓ ପରିବେଶ ସମ୍ପର୍କିତ ସମସ୍ୟାକୁ ମୁକାବିଲା କରିବାରେ ଏଆଇ ଆଧାରିତ ପ୍ରଯୁକ୍ତି ଏକ ନୂତନ ଦିଗ ଉନ୍ମୁକ୍ତ କରିଛି ବୋଲି କହିଛନ୍ତି ୟୁଏସଏ ସ୍ଥିତ ନେବ୍ରାସ୍କା ବିଶ୍ୱବିଦ୍ୟାଳୟର ନେବ୍ରାସ୍କା ୱାଟର ସେଣ୍ଟରର ନିର୍ଦ୍ଦେଶକ ପ୍ରଫେସର ଚିତରଞ୍ଜନ ରାୟ।

ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ କୃଷି ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍), ଏହାର ଅନ୍ତର୍ଗତ ସେଂଟର ଫର କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର (ସିସିଏସ୍ଏ) ଓ ଏଆଇସି- ସୋଆ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ "ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ ଇନ୍ ସେପିଂ ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ ସେକ୍ଟର୍ସ ଫର୍ ସଷ୍ଟେନେବଲ୍ ଫୁଡ୍ ସିକ୍ୟୁରିଟି" ଶୀର୍ଷକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଙ୍ଗଳବାର ଏହା କହିଛନ୍ତି ପ୍ରଫେସର ରାୟ।

ସ୍ଥାୟୀ ଖାଦ୍ୟ ସୁରକ୍ଷା ନିମନ୍ତେ କୃଷି ଓ ସହଯୋଗୀ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ସମ୍ପର୍କରେ ବିଚାରବିମର୍ଷ ଓ ଆଲୋଚନା କରିବା ନେଇ ଆୟୋଜିତ ଏହି ସମ୍ମିଳନୀରେ ୟୁଏସଏ ସ୍ଥିତ ନେବ୍ରାସ୍କା-ଲିଙ୍କନ୍ ବିଶ୍ୱବିଦ୍ୟାଳୟର ସିନିୟର ପ୍ରୋଗ୍ରାମ ମ୍ୟାନେଜର ଡକ୍ଟର ଜୁଡ଼ କୋବିଙ୍ଗ୍ ଓ ଟେକ୍ସାସ ଏ ଆଣ୍ଡ ଏମଥର ରିଜେଂଟସ୍ ପ୍ରଫେସର ଓ କୋଲ୍‌ସ ଚେୟାର ପ୍ରଫେସର ବିନାୟକ ପି. ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃଷି କ୍ଷେତ୍ରରେ ଏଆଇ ଭିତିକ ନିଷ୍ପତି ନେବା ପ୍ରଣାଳୀ, ଜଳ ପରିଚାଳନା ଓ ଆନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ଅବସରରେ ଆଗାମୀ ଦିନରେ କୃଷି କ୍ଷେତ୍ରର ଉନ୍ନତି ପାଇଁ ଡିଜିଟାଲ୍ ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ମୁଖ୍ୟ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। ଏଭଳି ଆନ୍ତର୍ଜାତିକ ସମ୍ମିଳନୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ଗବେଷକ ଓ ବୈଜ୍ଞାନିକମାନେ ଏକ ମଞ୍ଚରେ ଏକତ୍ରିତ ହୋଇ ଜ୍ଞାନର ଆଦାନ- ପ୍ରଦାନ କରିବା ଆନନ୍ଦର ବିଷୟ ବୋଲି ପ୍ରଫେସର ନନ୍ଦ କହିଥିଲେ।

ଏହି ଦୁଇଦିନିଆ ସମ୍ମିଳନୀରେ ପୋଷ୍ଟର ପ୍ରଦର୍ଶନୀ, ଆଲୋଚନା ଓ ଗବେଷଣା ପତ୍ର ପ୍ରସ୍ତୁତି ଆଦି କାର୍ଯ୍ୟକ୍ରମ ରହିଛି। ଭାରତ ସହିତ ବିଭିନ୍ନ ଦେଶର ଗବେଷକ, ଶିକ୍ଷକ, ବୈଜ୍ଞାନିକ ଓ ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି।


## ପୌରପରିଷଦ ହିଞ୍ଜିଳିକାଟୁ

### ସର୍ବସାଧାରଣ ବିଜ୍ଞାପନ

ଏତଦ୍ୱାରା ପୌରପରିଷଦ ଅଂଚଳର ସମସ୍ତ ଜନସାଧାରଣ, ସ୍ୱୟଂ ସହାୟିକା ସଂଘ ଓ ତୃତୀୟଲିଙ୍ଗୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ହିଞ୍ଜିଳିକାଟୁ ପୌର ପରିଷଦ ଅଂଚଳ ମଧ୍ୟରେ ପାର୍କିଂ ଫିଜ୍ ଆଦାୟ ନିମନ୍ତେ ଚଳିତ ୨୦୨୬-୨୭ ସାଲ ନିମନ୍ତେ (ତା ୦୧.୦୪.୨୦୨୬ ଠାରୁ ତା ୩୧.୦୩.୨୦୨୭ ଶିଖ ପର୍ଯ୍ୟନ୍ତ) ପୌର ପରିଷଦର ସର୍ତାବଳୀ ଅନୁସାରେ ଲିଜ୍ ସୂତ୍ରରେ ପାର୍କିଂ ଫି ଆଦାୟ ନିମନ୍ତେ ସ୍ୱୟଂ ସହାୟକ ସଂଘ କିମ୍ବା ତୃତୀୟ ଲିଙ୍ଗୀଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ/ତୃତୀୟ ଲିଙ୍ଗୀ ପୌରପରିଷଦ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଟ.୫୦୦/- (ପାଂଚଶହ) ଟଙ୍କା ଦାଖଲ କରି ଟେଣ୍ଡର ଫର୍ମ କ୍ରୟ କରି ପାରିବେ। ଆବେଦନକାରୀ ସରକାରୀ ଧାର୍ଯ୍ୟ ଦର ଠାରୁ ଦର ବୃଦ୍ଧିକରି ଟେଣ୍ଡର କାଗଜାତକୁ ସ୍ପିଡ୍ ପୋଷ୍ଟ କିମ୍ବା କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ମଧ୍ୟରେ ଯଦି ଆବେଦନ କାଗଜାତ କାର୍ଯ୍ୟାଳରେ ପ୍ରାପ୍ତ ନହୁଏ ସେଥିପାଇଁ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ ଏବଂ ନିର୍ଦ୍ଧାରିତ ତାରିଖ ପରେ କୌଣସି ଆବେଦନକାରୀଙ୍କର ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଆବେଦନକାରୀଙ୍କ ସର୍ବୋଚ୍ଚ ନିଲାମ / ଟେଣ୍ଡର ଦରକୁ ଅନୁମୋଦନ ହେବାର ୭ ଦିନ ମଧ୍ୟରେ ୧୦୦% ଅର୍ଥ ପରିଷଦରେ ଦାଖଲ କରି ଚୁକ୍ତିନାମା ସଂପାଦନ କରାଇନେବେ ନଚେତ୍ ନିଲାମଧାରୀ / ଆବେଦନକାରୀଙ୍କ ଦ୍ୱାରା ପୂର୍ବରୁ ଦାଖଲ କରିଥିବା ଅମାନତ ରାଶିକୁ କାର୍ଯ୍ୟାଳୟ ତରଫରୁ ବାଜ୍ୟାପ୍ତି କରାଯାଇ ପରବର୍ତୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨ୟ ସର୍ବୋଚ୍ଚ ନିଲାମଧାରୀଙ୍କ ଦରକୁ ବିଚାରକୁ ନିଆଯାଇ ପାର୍କିଂ ଫି ଆଦାୟ ନିମନ୍ତେ ପ୍ରଦାନ କରିବା ପାଇଁ ପୌରପରିଷଦ ତରଫରୁ ପଦକ୍ଷେପ ଗ୍ରହଣ କରିବେ ।

**ଆବେଦନ ଫର୍ମ ବିକ୍ରି ତାରିଖ** ଃ ତା.୧୦/୦୩/୨୦୨୬ ଠାରୁ ୧୮/୦୩/୨୦୨୬ ରିଖ ଅପରାହ୍ନ ୫.୦୦ ଘଣ୍ଟା
**ଟେଣ୍ଡର ଦାଖଲ ତାରିଖ**ଃ ତା.୧୦/୦୩/୨୦୨୬ ଠାରୁ ତା. ୧୯/୦୩/୨୦୨୬ ଅପରାହ୍ନ ୩.୦୦ ଘଣ୍ଟା
**ଟେଣ୍ଡର ଖୋଲିବା ତାରିଖ**ଃ ତା.୧୯/୦୩/୨୦୨୬ ଅପରାହ୍ନ ୪.୦୦ ଘଣ୍ଟା

ନିମ୍ନସ୍ୱାକ୍ଷର ଅଧିକାରୀ କୌଣସି କାରଣ ନଦର୍ଶାଇ ସଂପୂର୍ଣ ନିଲାମ ପ୍ରକ୍ରିୟା କିମ୍ବା ନିଲାମ ନିମନ୍ତେ ପ୍ରଦାନ କରିଥିବା ଦରଖାସ୍ତକୁ ଅଗ୍ରାହ୍ୟ କିମ୍ବା ରଦ୍ଦ କରିପାରିବେ ଏବଂ ଏହା ବିରୁଧରେ କୌଣସି ଆବେଦନ ଜାରି ନ୍ୟାୟାଳୟରେ ଆଶ୍ରୟ ନେଇ ପାରିବେ ନାହିଁ।

| କ୍ର ନଂ | ନାମ | ଲିଜ୍ ଅବଧି | ସର୍ବନିମ୍ନ ମୂଲ୍ୟ | ଅମାନତ ରାଶି |
|---|---|---|---|---|
| ୧ | ବସଷ୍ଟାଣ୍ଡ ଓ ମିନି ଷ୍ଟାଡିୟମ ଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ | ୨୦୨୬-୨୭ ସାଲ (୦୧.୦୪.୨୦୨୬ ଠାରୁ ତା ୩୧.୦୩.୨୦୨୭ ପର୍ଯ୍ୟନ୍ତ) | ଟ.୧୩,୨୦,୯୯୦/- | ଟ.୧୩,୨୦୯/- |

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପରିଷଦ, ହିଞ୍ଜିଳିକାଟୁ

### ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲିଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶାରେ ୮୭.୬% ବଢ଼ିଛି ଦୋଷୀ ସାବ୍ୟସ୍ତ ହାର

## ଦୁଇ ଦିନ ବଢ଼ିଲା ଅବଧି, ୧୨ରେ ଉଦ୍‌ଯାପନୀ



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିବା ସହ ପ୍ରଦର୍ଶନୀର ଅବଧିକୁ ଆଉ ଦୁଇ ଦିନ ବଢ଼ାଇବା ନେଇ ଘୋଷଣା କରିଛନ୍ତି। ଫଳତଃ ଏହି ପ୍ରଦର୍ଶନୀ ଆଜି ଉଦ୍‌ଯାପିତ ହେବାକୁ ଥିଲେ ହେଁ ଏହା ଆସନ୍ତା ୧୨ ତାରିଖରେ ଶେଷ ହେବ। ଗତ ୬ ତାରିଖରେ ଏଠାରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ପ୍ରଦର୍ଶନୀ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଗସ୍ତ ସମୟରେ ଉଦ୍‌ଘାଟିତ ହୋଇଥିଲା।

ଓଡ଼ିଶା ପୁଲିସ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ସଚେତନତା ବାର୍ତ୍ତାବାହୀ ଏକ ପଥପ୍ରାନ୍ତ ନାଟକକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ପ୍ରଦର୍ଶନୀରେ ପ୍ରଦର୍ଶିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ ଅତି ଉଚ୍ଚକୋଟିର ହୋଇଛି ବୋଲି କହିଛନ୍ତି। ପ୍ରଦର୍ଶନୀ ବୁଲି ଦେଖିବା ପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ବିବୃତି ଦେଇ କହିଥିଲେ ଯେ ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଯେଉଁ ସଂକଳ୍ପ ରହିଛି, ତା'ର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ଏହି ନୂଆ ଆଇନର କାର୍ଯ୍ୟକାରିତା ଓ ଏହାର ପ୍ରଭାବ ସମ୍ପର୍କରେ ସଚେତନ କରିବା ଦିଗରେ ଏକ ଉତ୍ତମ ପଦକ୍ଷେପ। ଏହି ନୂଆ ଆଇନ ଲାଗୁ ହେଲା ପରେ ଭାରତବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଔପନିବେଶବାଦୀ ଯୁଗର ଅବସାନ ଘଟିଛି ଓ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ନୂଆ ଆଇନ ଲାଗୁ ହେବା ପରେ ଦେଶରେ ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଔପନିବେଶବାଦୀ ଯୁଗର ଅବସାନ ଘଟିଛି ଓ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ମଧ୍ୟ ଆସିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ଗତ ବର୍ଷ ଶେଷ ସୁଦ୍ଧା ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତ ବୃଦ୍ଧି ପାଇଛି। ଏହା ନିଶ୍ଚିତ ଭାବେ ଏକ ବଡ଼ ସଫଳତା। ଏହି ଆଇନ ଦ୍ୱାରା ତଦନ୍ତଠାରୁ ବିଚାର ପର୍ଯ୍ୟନ୍ତ ପ୍ରାୟ ସବୁ ପର୍ଯ୍ୟାୟରେ ଉନ୍ନତି ଆସିଛି। ୨୦୨୫ରେ ଜିରୋ ଏଫ୍‌ଆଇଆର୍ ସଂଖ୍ୟା ୧୬୬ ପ୍ରତିଶତ ବୃଦ୍ଧି ପାଇଛି। ଏହି ଆଇନ ବ୍ୟତୀତ ପୁଲିସକୁ ଅଧିକ ଦକ୍ଷ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ନ୍ୟାସନାଲ୍ ଫୋରେନ୍‌ସିକ୍ ସାଇନ୍ସ ୟୁନିଭର୍ସିଟି ଓ ସେଣ୍ଟ୍ରାଲ୍ ଫୋରେନ୍‌ସିକ୍ ସାଇନ୍ସ ଲାବରେଟୋରୀ ପାଇଁ ଶିଳାନ୍ୟାସ ସରିଛି। ଆଧୁନିକ ଟେକ୍ନୋଲୋଜିରେ ପୁଲିସକୁ ପାରଙ୍ଗମ କରିବା ପାଇଁ ଆଇଆଇଟି, ଭୁବନେଶ୍ୱର ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହାଛଡ଼ା ପୁଲିସ୍‌କୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ମଧ୍ୟ ବୁଝାମଣା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରଦର୍ଶନୀରେ ଓଡ଼ିଶା ପୁଲିସର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିବା ବେଳେ ବିଭିନ୍ନ ସ୍କୁଲ ଓ ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଭୟଙ୍କର ବିସ୍ଫୋରଣ



## ବାଦାମବାଡ଼ି ପର୍ଯ୍ୟନ୍ତ ଶୁଭିଲା

କଟକ,୧୦।୩(ସଂଚାର ବ୍ୟୁରୋ): କଟକ କାଠଯୋଡ଼ି ନଦୀରେ ଆଜି ଅପରାହ୍ନରେ ଭୟଙ୍କର ବିସ୍ଫୋରଣ ହୋଇଛି। ଗୋପାଳପୁର ନିକଟସ୍ଥ ନଦୀପଠାରେ ପୁଲିସ ଜବତ କରିଥିବା ବାଣ ନଷ୍ଟ କରିବା ସମୟରେ ବଡ଼ ଧରଣର ବିସ୍ଫୋରଣ ହୋଇଥିବା ବେଳେ ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଏହାପରେ ଲୋକମାନେ ଘରୁ ବାହାରି ନଦୀପଠା ନିକଟକୁ ଯାଇଥିଲେ। ସେତେବେଳେ ପୁଲିସ୍ ଜବତ ବାଣ ନଷ୍ଟ କରାଯାଉଥିବା ନେଇ ସୂଚନା ଦେବା ପରେ ଲୋକେ ଆଶ୍ୱସ୍ତ ହୋଇଥିଲେ।

ଏହି ବାଣର ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ ଗୋପାଳପୁର ନିକଟ ଅଧିକାଂଶ ସାହି, ଏପରିକି ନଦୀର ଅପର ପାର୍ଶ୍ୱରେ ଖାନନଗର ଓ ବାଦାମବାଡ଼ି ପର୍ଯ୍ୟନ୍ତ ଶବ୍ଦ ଶୁଭିଥିଲା। ଏହି ବିସ୍ଫୋରଣରେ କିଛି ଘର ଦୋହଲିଯାଇଥିବା ବେଳେ କାଚ ଝରକା ଭାଙ୍ଗିଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରି ଏକ ବିସ୍ଫୋରଣ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେଣୁ ଏଭଳି କାର୍ଯ୍ୟ ଜନବସତି ଅଞ୍ଚଳରେ କରିବା ଠିକ୍ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ଚାଲାଣ ବେଳେ ଧରାପଡ଼ିଲା ୭୫ କିଗ୍ରା ଗଞ୍ଜେଇ

- ମାଡ଼ି ବସିଲା ଅବକାରୀ ପୁଲିସ
- ବାଇକ୍ ସହ ନଗଦ ୪ ଲକ୍ଷ ଜବତ

ବାଲେଶ୍ୱର,୧୦।୩(ସଂଚାର ବ୍ୟୁରୋ): ବାଲେଶ୍ୱର-୨ ଓ ବସ୍ତା ଅବକାରୀ ଥାନା ପକ୍ଷରୁ ଆଜି ଅଚାନକ ଚଢ଼ାଉ କରାଯାଇ ଦୁଇଟି ବାଇକ ସହ ୭୫ କିଗ୍ରା ଓଜନର ଗଞ୍ଜେଇ ଓ ନଗଦ ୪ ଲକ୍ଷ ଟଙ୍କା ଜବତ ହୋଇଛି। ଏଥିସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦୁମଦୁମା ଥାନା ରଘୁନାଥ ନଗରର କାହ୍ନୁ ଦାସ (୨୫) ଓ ସିଂଲା ଥାନା ଗମ୍ଭାରିଆ ଗ୍ରାମର ସଞ୍ଜିତ ଜେନା (୩୬)। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ ୨୯୮,୨୦୩/୨୫-୨୬) ରୁଜୁ ହୋଇ ଗିରଫ ହୋଇଥିବା ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ କାହ୍ନୁ ବାଇକ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ୧୬ ନଂ ଜାତୀୟ ରାଜପଥର ହଳଦୀପଦା ନିକଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କଠାରୁ ୨୪ କିଗ୍ରା ଗଞ୍ଜେଇ ଓ ବାଇକ୍‌କୁ ଜବତ କରାଯାଇଛି। ସେହିପରି ଅନ୍ୟତମ ଅଭିଯୁକ୍ତ ସଞ୍ଜିତଠାରୁ ଗମ୍ଭାରିଆ ଛକ ନିକଟରୁ ୫୧ କିଗ୍ରା ଗଞ୍ଜେଇ ଓ ବୁଲେଟ ମୋଟର ସାଇକେଲ ଜବତ କରାଯାଇଛି। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନରାଣୀ ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ହରିହର ସିଂହ, ସବ୍‌ଇନ୍ସପେକ୍ଟର ଭବେଶ ଦାସ ଓ ଜଗନ୍ନାଥ ଭିତିରିଆ, ଏଏସଆଇ ଲମ୍ବୋଦର ମହାନ୍ତ ଓ ଦିଲ୍ଲୀପ କୁମାର ଟୁଡୁ ସଦଳବଳ ଚଢ଼ାଉ କରିଥିଲେ। ଜବତ ଗଞ୍ଜେଇ ହୋଇଥିବା ଗଞ୍ଜେଇର ଆନୁମାନିକ ମୂଲ୍ୟ ସାଢ଼େ ୭ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।



### ରକ୍ତମୁଖା ସ୍ୱାମୀ

## ସ୍ତ୍ରୀଙ୍କୁ ଗୁଳି କରି ହତ୍ୟା, ଜଣେ ଆହତ

ଫୁଲବାଣୀ,୧୦।୩(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା କଟାପଙ୍ଗା ଗାଁରେ ଜନୈକ ଯୁବକ ରକ୍ତମୁଖା ହୋଇ ନିଜ ସ୍ତ୍ରୀକୁ ଗୁଳି କରି ମାରିବା ସହ ଅନ୍ୟ ଜଣଙ୍କୁ ଆହତ କରିଛନ୍ତି। ଉକ୍ତ ଯୁବକ ହେଉଛନ୍ତି ବିରଞ୍ଚି ବେହେରା। ସେ ପ୍ରଥମେ ଗୁଳି କରି ପତ୍ନୀ ନୀଳିମାଙ୍କୁ ହତ୍ୟା କରିଥିଲେ। ପରେ ରାସ୍ତାରେ ଯାଉଥିବା ଦମ୍ପତିଙ୍କ ଉପରକୁ ବି ଗୁଳି ଚଳାଇଥିଲେ। ତେବେ ଏଥିରେ ସ୍ୱାମୀ ଜଣଙ୍କ ଆହତ ହୋଇଥିବା ବେଳେ ତାଙ୍କ ପତ୍ନୀ ଜଣଙ୍କ ସୌଭାଗ୍ୟବଶତଃ ବର୍ତ୍ତିଯାଇଛନ୍ତି। ଆହତ ହୋଇଥିବା ବ୍ୟକ୍ତିଙ୍କ ନାମ ନରୋତ୍ତମ ବେହେରା ବୋଲି ଜଣାପଡ଼ିଛି। ତାଙ୍କୁ ନିକଟସ୍ଥ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରାଯାଇଛି। ପୂର୍ବାହ୍ନ ପ୍ରାୟ ୯ଟା ବେଳେ ବିରଞ୍ଚି ଏଭଳି କାଣ୍ଡ ଭିଆଇଥିବା ବେଳେ ତାଙ୍କୁ ସ୍ଥାନୀୟ ଗୋଛାପଡ଼ା ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ବିରଞ୍ଚି ଏପରି କାଣ୍ଡ ଭିଆଇବା ପଛରେ କ'ଣ କାରଣ ରହିଛି, ସେନେଇ କିଛି ବି ଜଣାପଡ଼ିନାହିଁ।

## ଅସୁସ୍ଥ ମାଈ ହାତୀର ମୃତ୍ୟୁ

- ବାର୍‌ହା ପାଇଁ ଖଞ୍ଜା ବୋମା ଖାଇଦେଇଥିଲା



କାମାକ୍ଷାନଗର,୧୦।୩(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଜିରାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପିପଳା ଗ୍ରାମ ବାସୁଆତଇଳା ନିକଟସ୍ଥ ଜଙ୍ଗଲରେ ଏକ ଅସୁସ୍ଥ ମାଈ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହାତୀଟି ବାରହା ପାଇଁ ଖଞ୍ଜାଯାଇଥିବା ଏକ ବୋମା ଖାଇ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲା। ହାତୀଟିର ଚିକିତ୍ସା ପଶ୍ଚିମାଞ୍ଚଳ ରେଞ୍ଜ୍ ସୁନାଝରି ସଂରକ୍ଷିତ ଜଙ୍ଗଲରେ କରାଯାଉଥିଲା। କିନ୍ତୁ ଆଜି ଚିକିତ୍ସାଧୀନ ଅବସ୍ଥାରେ ମାଈ ହାତୀଟି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଆଜି ହାତୀଟିର ମୃତ୍ୟୁଦେହ ଠାବ କରାଯାଇଥିବା ଅନେକ ସମୟରେ ଖଞ୍ଜା ଯାଇଥିବା ବୋମା ଖାଇ ହାତୀ ପ୍ରାଣ ହରାଉଥିବାରୁ ଏହା ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ତେବେ ଏଭଳି ବୋମା ଖଞ୍ଜୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସାଧାରଣରେ ଦାବି ହେଉଛି।

## ଗାଧୋଇବା ବେଳେ ବୁଡ଼ିଗଲେ ୨ ଭାଇ

- ଶୋକରେ ବୁଡ଼ିଲା ପରିବାର




କେନ୍ଦୁଝର,୧୦।୩(ସଂଚାର ବ୍ୟୁରୋ): ପୋଖରୀରେ ବୁଡ଼ି ୨ ଭାଇଙ୍କର ଦୁଃଖଦ ମୃତ୍ୟୁ ଘଟିଛି। କେନ୍ଦୁଝର ସଦର ଥାନା ରାଇସୁଆଁ ପୁରୁଣା ଥାନା ନିକଟରେ ଏପରି ଅଘଟଣ ଘଟିଛି। ଗାଧୋଇବା ସମୟରେ ଦୁଇ ଭାଇ ଅସାବଧାନତାବଶତଃ ପୋଖରୀରେ ବୁଡ଼ିଯିବା ଫଳରେ ସେମାନଙ୍କର ଅକାଳ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ବୟସ ୮ ଓ ଅନ୍ୟ ଜଣଙ୍କ ବୟସ ୯ ବର୍ଷ ବୋଲି ଜଣାପଡ଼ିଛି। ଉଭୟ ପୋଖରୀରେ ବୁଡ଼ିଯିବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ମେଡିକାଲ କଲେଜକୁ ପଠାଇଥିଲେ। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁଦ୍ୱୟଙ୍କ ବାପା-ମା' ଦିନମଜୁରିଆ ଭାବେ କାମ କରୁଥିବା ବେଳେ ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। ସଦର ଥାନା ଅଞ୍ଚଳ ରାଇସୁଆଁରେ ସେମାନଙ୍କ ପରିବାର ଭଡ଼ା ଘରେ ରହିଆସୁଛନ୍ତି। ତେବେ ଏପରି ଏକ ଅଘଟଣ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ବାଇକ ମୁହାଁମୁହିଁ, ଚାଲିଗଲା ୩ ଜୀବନ

ରାୟଗଡ଼ା,୧୦।୩(ସଂଚାର ବ୍ୟୁରୋ): ୨ ବାଇକ ମହାଁମୁହିଁ ଧକ୍କା । ଦୁର୍ଘଟଣାରେ ଚାଲିଗଲା ୩ ଜଣଙ୍କ ଜୀବନ। ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅର୍ନ୍ତଗତ ଦୁର୍ଗୀ ଜଗନ୍ନାଥ ମନ୍ଦିର ସାମ୍ନାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁହୋଇଛି । ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ପରିଚୟ ଅସ୍ପଷ୍ଟ ରହିଛି । ପୋଲିସ ଘଟଣାର ତଦନ୍ତ କରୁଛି ।

## ଟ୍ରେନ୍ ଆଗକୁ ଡେଇଁ ଶାଳୀ-ଭିଣୋଇଙ୍କ ଆତ୍ମହତ୍ୟା



ବାଲିଆପାଳ,୧୦।୩(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଳ ଷ୍ଟେସନ ନିକଟରେ ଆଜି ଘଟିଛି ଏକ ହୃଦୟବିଦାରକ ଘଟଣା। ଟ୍ରେନ ଆଗକୁ ଡେଇଁ ଶାଳୀ ଓ ଭିଣୋଇ ଆତ୍ମହତ୍ୟା କରିଛନ୍ତି। ମୃତକମାନେ ହେଲେ ଜଳେଶ୍ୱର ଥାନା ରାଜପୁର ଗ୍ରାମର ବିଜୟ ସାହୁ (୩୫) ଓ ବାଲିଆପାଳ ଥାନା ଅଞ୍ଚଳର ତାଙ୍କ ଶାଳୀ ବନ୍ଦିତା ସାହୁ (୧୮)।

ମିଳିଥିବା ସୂଚନାନୁଯାୟୀ, ଗତକାଲି ବିଜୟ ନିଜ ଶାଳୀ ବନ୍ଦିତାଙ୍କୁ ନେଇ ବାଲିଆପାଳରୁ ତାଙ୍କ ଗ୍ରାମ ରାଜପୁରକୁ ଆସିଥିଲେ। ତେବେ ସନ୍ଧ୍ୟା ସମୟରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଳହ କିମ୍ବା ମାନସିକ ଅଶାନ୍ତି ଦେଖାଦେଇଥିଲା। ଏହାପରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଜଳେଶ୍ୱର ରେଳ ଷ୍ଟେସନର ଦକ୍ଷିଣ କ୍ୟାବିନ ଅନତି ଦୂରରେ ସେମାନେ ଏଭଳି ଚରମ ନିଷ୍ପତ୍ତି ନେଇଥିଲେ। ତେବେ ସେମାନଙ୍କ ଆତ୍ମହତ୍ୟାର ସଠିକ୍ କାରଣ ନେଇ କିଛି ବି ଜଣାପଡ଼ିନାହିଁ। ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ଟ୍ରେନ ଧକ୍କାରେ ଉଭୟଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଏନେଇ ଖବର ପାଇ ରେଳବାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ପରେ ପୁଲିସ୍ ଉଭୟ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଉଭୟଙ୍କ ଆତ୍ମହତ୍ୟାର କାରଣ ଜାଣିବା ସକାଶେ ଅଧିକ ତଦନ୍ତ ଚଳାଇଛି। ମୃତ୍ୟୁର ପ୍ରକୃତ କାରଣ ଜାଣିବା ସକାଶେ ପୁଲିସ ପରିବାର ଲୋକଙ୍କୁ ପଚରାଉଚରା ଜାରି ରଖିଥିବା ଜଣାପଡ଼ିଛି।

## ଗୋବରୀ ନଦୀରେ ମତ୍ସ୍ୟଜୀବୀ ନିଖୋଜ

### କୁମ୍ଭୀର ନେଇଯାଇଥିବା ସନ୍ଦେହ

ମହାକାଳପଡ଼ା,୧୦।୩(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ଅଧୀନସ୍ଥ ବଉଳକଣି ପଞ୍ଚାୟତର କାଉଁସପାଳ ଗ୍ରାମ ନିକଟରେ ବହିଯାଉଥିବା ଗୋବରୀ ନଦୀ କୂଳରେ ଭଉଁରୀ ଜାଲ ପକାଇବାକୁ ଯାଇ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ନିଖୋଜ ମତ୍ସ୍ୟଜୀବୀ ଦେବ କୁମାର ମଣ୍ଡଳ ହୋଇଥିବା ବେଳେ ତାଙ୍କୁ କୁମ୍ଭୀର ନେଇଯାଇଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନାନୁସାରେ, ଦେବ ନଦୀରେ ଭଉଁରୀ ଜାଲ ପକାଇ ମାଛ ଧରୁଥିବା ସମୟରେ ଅଚାନକ ନିଖୋଜ ହୋଇଯାଇଥିଲେ। ସେ ଘରକୁ ନ ଫେରିବାରୁ ଆଖପାଖ ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ଖୋଜଖବର ପାଇନଥିଲେ। ଗୋବରୀ ନଦୀରେ କୁମ୍ଭୀର ଆତଯାତ କରୁଥିବାରୁ ଦେବଙ୍କୁ ବୋଧହୁଏ କୌଣସି କୁମ୍ଭୀର ଆକ୍ରମଣ କରି ଖାଇଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବଉଳକଣି ପଞ୍ଚାୟତ ସରପଞ୍ଚ ସାଲବେଗ ମାହାଳିଙ୍କୁ ସୂଚନା ଦେବା ପରେ ସେ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନକୁ ଖବର ଦେଇଥିଲେ। ଫରେଷ୍ଟର ରଞ୍ଜିତ କୁମାର ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ଦେବଙ୍କୁ ଖୋଜିବା ଜାରି ରଖିଛନ୍ତି। ତେବେ ଦେବଙ୍କ ନିଖୋଜ ହେବା ଘଟଣାରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି।

## ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ଭାଲୁ ପଲ



ଆନନ୍ଦପୁର,୧୦।୩(ସଂଚାର ବ୍ୟୁରୋ): ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ଭାଲୁ ପଲ । କିଛି ଦିନର ବ୍ୟବଧାନ ପରେ ପୁଣି ଗାଁ ଅଗଣାରେ ଘୁରି ବୁଲିଲେ ୫ଟି ଜଙ୍ଗଲୀ ଭାଲୁ । ଗତକାଲି ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଛନ୍ତି ହାତୀପଲ। ସ୍ଥାନୀୟ ପୁରୁଣାବାନ୍ଧଗୋଡା ଗ୍ରାମର ପ୍ରକାଶ ନାୟକଙ୍କ ଘର ଅଗଣାରେ ୫ଟି ଜଙ୍ଗଲି ଭାଲୁ ପଶି ଏଣେତେଣେ ବୁଲୁଥିଲେ।

## ଠିକାଦାରଙ୍କୁ ଆକ୍ରମଣ ମାମଲାରେ ୩ ଗିରଫ

ଆନନ୍ଦପୁର,୧୦।୩(ସଂଚାର ବ୍ୟୁରୋ): ଆନନ୍ଦପୁର ଥାନା ଅନ୍ତର୍ଗତ ନୂତନ ବସଷ୍ଟାଣ୍ଡ ନିକଟସ୍ଥ ପାଟରା ସାହି ନଦୀଘାଟ ରାସ୍ତା ନିର୍ମାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ କାର୍ଯ୍ୟ ଯୋଜନାରେ ୪ ଲକ୍ଷ ଟଙ୍କା ଆସିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଏବେ ଆଗେଇ ଚାଲିଛି। ତେବେ ଗତ ରବିବାର ମଧ୍ୟାହ୍ନରେ ଉକ୍ତ କାମ କରୁଥିବା ଠିକାଦାର ଦେବାଶିଷ ବେହେରା (୩୫) ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରୁଥିବା ସମୟରେ ଜଳେଶ୍ୱର ଦଳେଇ (୪୮), ବାବୁକାନ୍ତ ଜେନା (୪୬) ଓ ଲିପୁନ ଜେନା (୨୪) ତାଙ୍କୁ ଭେଟିବା ସହ ତାଙ୍କଠାରୁ ଦାଦାବଟି ଦାବି କରିଥିଲେ। ତେବେ ଏଥିରେ ଠିକାଦାର ରାଜି ନ ହେବାରୁ ସେମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ଆହତ ହୋଇଥିବା ଶ୍ରୀ ବେହେରାଙ୍କୁ ଚିକିତ୍ସା ନିମନ୍ତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ଏନେଇ ଖବର ପାଇ ଆନନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ଜଣଯାକ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି। ଏନେଇ ପୁଲିସ୍ ୬୯/୨୬ରେ ଏକ ମାମଲା ରୁଜୁ କରିଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ ସୂଚନା ଦେଇଛନ୍ତି।

### ଭୁବନେଶ୍ୱରରେ ବଢୁଛି ମହିଳା ବିରୋଧୀ ହିଂସା

# ଗତବର୍ଷ ୧୭୦ ମହିଳା ଓ ନାବାଳିକା ଦୁଷ୍କର୍ମର ଶିକାର



ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ରାଜ୍ୟ ରାଜଧାନୀ ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ, ଗତବର୍ଷ ରାଜଧାନୀରେ ମହିଳା ବିରୋଧୀ ହିଂସା ବହୁ ମାତ୍ରାରେ ବଢ଼ିଛି। ଯାହା ବିଗତ ବର୍ଷଠାରୁ ୧୩୯ ପ୍ରତିଶତ ଅଧିକ ବୋଲି ଚଳିତ ବିଧାନସଭାରେ ସରକାରୀ ଦଳ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ପ୍ରଶ୍ନର ଲିଖିତ ଉତ୍ତରରୁ ସ୍ପଷ୍ଟ ହୋଇଛି। ବିଧାନସଭାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୪ରେ ରାଜଧାନୀରେ ମହିଳା ବିରୋଧୀ ହିଂସା ମାମଲା ନେଇ ସହରର ବିଭିନ୍ନ ଥାନାରେ ମୋଟ ୪୮୫ଟି ରୁଜୁ ହୋଇଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୧୧୫୯କୁ ଅର୍ଥାତ ୧୩୯ ପ୍ରତିଶତ ବଢ଼ିଛି। ବିଧାନସଭା ତଥ୍ୟ ଅନୁଯାୟୀ, ୨୦୨୪ରେ ସ୍ମାର୍ଟ ସିଟିରେ ୧୪୯ ଜଣ ମହିଳା ଓ ନାବାଳିକା ଦୁର୍ଷ୍କର୍ମର ଶିକାର ହୋଇଥିବା ବେଳେ ୨୦୨୫ରେ ଏହି ସଂଖ୍ୟା ୧୭୦ରେ ପହଞ୍ଚିଛି। ୨୦୨୪ରେ ରାଜଧାନୀରେ ମାତ୍ର ୫ ଜଣ ମହିଳା ଅସଦାଚରଣ ଓ ୧୦ ଜଣ ମହିଳା ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଥିବା ବେଳେ ୨୦୨୫ରେ ୩୬ ଜଣ ମହିଳା ଅସଦାଚରଣର ଶିକାର ହୋଇଛନ୍ତି। ଏହି ସମୟରେ ୩୧ ଜଣ ମହିଳା ଓ ନାବାଳିକା ଯୌନ ଉତ୍ପୀଡ଼ନର ଶିକାର ହୋଇଛନ୍ତି। ତେବେ ୨୦୨୩ରେ ମହିଳା ବିରୋଧୀ ହିଂସା ନେଇ ମୋଟ ୩୯୮ଟି ମାମଲା ରୁଜୁ ହୋଇଥିଲା, ଯେଉଁଥିରୁ ୧୩୫ ଜଣ ମହିଳା ଦୁର୍ଷ୍କର୍ମର ଶିକାର ହୋଇଥିବା ବେଳେ ଜଣ ୬ ଜଣ ମହିଳା ଅସଦାଚରଣର ଶିକାର ହୋଇଥିଲେ ଏବଂ ୫ ଜଣ ଯୌନ ଉତ୍ପୀଡ଼ନର ସମ୍ମୁଖୀନ ହୋଇଥିଲେ। ମିଳିଥିବା ରିପୋର୍ଟ ଅନୁଯାୟୀ, ୨୦୨୫ରେ ରାଜଧାନୀରୁ ୨୮ ଜଣ ମହିଳା ଅପହୃତ ହୋଇଥିବା ବେଳେ ୨୦୨୪ରେ ଏହି ମାମଲା ସଂଖ୍ୟା ୨୦୧ ଥିଲା। ଏହାବାଦ୍ ୨୦୨୪ରେ ୧୨ ଜଣ ମହିଳା କମେଣ୍ଟମରାର ଶିକାର ହୋଇଥିବା ବେଳେ ୨୦୨୫ରେ ଏହି ମାମଲା ସଂଖ୍ୟା ବଢ଼ି ୧୯ରେ ପହଞ୍ଚିଛି।

୨୦୨୫ରେ ମନ୍ଦ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ପିଛା କରିବା ମାମଲା ୨୮ରେ ପହଞ୍ଚିଥିବା ବେଳେ ୨୦୨୪ରେ ଏଭଳି କୌଣସି ମାମଲା ରାଜଧାନୀର କୌଣସି ଥାନାରେ ହୋଇ ନଥିବା ଜଣାପଡ଼ିଛି।

### ଅପରେସନ ସାଇବର କବଚ

# ୩୪,୧୦୧ ବେନାମୀ ଆକାଉଣ୍ଟ ଯାଞ୍ଚ, ୩୩୬ ଗିରଫ

ଭୁବନେଶ୍ୱର,୧୦।୩(ସଂଚାର ବ୍ୟୁରୋ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି।

ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଏସ୍‌ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଦ୍ୟାବଧି ଏହି ଅଭିଯାନରେ ସମଗ୍ର ରାଜ୍ୟରେ ମୋଟ ୩୪,୧୦୧ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏଥିସହ ବେନାମୀ ବ୍ୟାଙ୍କ ସମ୍ପର୍କିତ ୧୧୧୧ଟି ସାଇବର ମାମଲା, ଏଟିଏମ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୪ଟି ମାମଲା, ଚେକ୍ ମାଧ୍ୟମରେ ଟଙ୍କା ଉଠାଣ ସମ୍ପର୍କିତ ୩୬ଟି ମାମଲା ଓ ନକଲି ସିମ୍/ପିଓଏସ୍ ସମ୍ପର୍କିତ ୨୩ଟି ମାମଲା ରୁଜୁ ହୋଇଛି। ଅଦ୍ୟାବଧି ୩୩୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୮୬ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୬୮୯୩ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ/ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।

ଅଭିଯାନରେ ବଲାଙ୍ଗିର ଜିଲ୍ଲା ପୁଲିସ ୨୪୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିବା ସହ ୨୭ ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦୁଝର ଜିଲ୍ଲା ପୁଲିସ ୬ଟି ଆକାଉଣ୍ଟ ଯାଞ୍ଚ କରି ୬ଟି ମାମଲା ରୁଜୁ ସହ ୨ ଜଣଙ୍କୁ ଗିରଫ ଓ ୪ ଜଣଙ୍କୁ ନୋଟିସ୍, ରାଉରକେଲା ଜିଲ୍ଲା ପୁଲିସ ୨୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୭ଟି ମାମଲା ରୁଜୁ ପୂର୍ବକ ୪ ଜଣଙ୍କୁ, କଟକ ଜିଲ୍ଲା ପୁଲିସ ୯ଟି ବେନାମୀ ଆକାଉଣ୍ଟ, ନୟାଗଡ଼ ଜିଲ୍ଲା ପୁଲିସ ୨୭୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୩୦ ଜଣଙ୍କୁ, ସୁବର୍ଣ୍ଣପୁର ଜିଲ୍ଲା ପୁଲିସ ୬୦ଟି, ଭଦ୍ରକ ଜିଲ୍ଲା ପୁଲିସ ୫୨ଟି ଓ ମୟୂରଭଞ୍ଜ ଜିଲ୍ଲା ପୁଲିସ ୩ଟି ଆକାଉଣ୍ଟ ଯାଞ୍ଚ କରି ୩ ଜଣଙ୍କୁ, ଭୁବନେଶ୍ୱର (ୟୁପିଡି) ୧୭୭ଟି ଓ କଟକ (ୟୁପିଡି) ୧୦ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୮ ଜଣଙ୍କୁ, ବ୍ରହ୍ମପୁର ଜିଲ୍ଲା ପୁଲିସ ୧ଟି ପୁରୁଣା ଏଫ୍‌ଆଇଆର୍ ସହ ସମ୍ପୃକ୍ତ ୮ ଜଣଙ୍କୁ, ବୌଦ୍ଧ ଜିଲ୍ଲା ପୁଲିସ ୧୦ଟି ଆକାଉଣ୍ଟ ଯାଞ୍ଚ କରି ୧୦ ଜଣଙ୍କୁ, ଗଜପତି ଜିଲ୍ଲା ପୁଲିସ ୧୯ଟି, ଗଞ୍ଜାମ ଜିଲ୍ଲା ପୁଲିସ ୬୮ଟି, କନ୍ଧମାଳ ଜିଲ୍ଲା ପୁଲିସ ଗୋଟିଏ ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ, ଢେଙ୍କାନାଳ ଜିଲ୍ଲା ପୁଲିସ ୧୨ଟି, କଳାହାଣ୍ଡି ଜିଲ୍ଲା ପୁଲିସ ୬୩ଟି ଆକାଉଣ୍ଟ ଯାଞ୍ଚ କରି ଜଣଙ୍କୁ ଗିରଫ ଓ ୧୪ ଜଣଙ୍କୁ ନୋଟିସ୍ ଜାରି କରିଛି। ଆହୁରି କୋରାପୁଟ ଜିଲ୍ଲା ପୁଲିସ ୫ଟି, ମାଲକାନଗିରି ଜିଲ୍ଲା ପୁଲିସ ୩ଟି, ନୂଆପଡ଼ା ଜିଲ୍ଲା ପୁଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ରାୟଗଡ଼ା ଜିଲ୍ଲା ପୁଲିସ ୧୦୮ଟି ଆକାଉଣ୍ଟ ଯାଞ୍ଚ କରି ୨ ଜଣଙ୍କୁ ଗିରଫ ଓ ୬୧ ଜଣଙ୍କୁ ନୋଟିସ୍ ଜାରି କରିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ସଙ୍କଟ

## ୧୨ରେ ବୈଠକ କରିବ ଇୟୁ

ନୂଆଦିଲ୍ଲୀ, ୧୦।୩: ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ତୈଳ ଦର ବୃଦ୍ଧି ସଙ୍କଟ। ଏନେଇ ୟୁରୋପୀୟ ୟୁନିୟନ (ଇୟୁ)ର ତୈଳ ଓ ଗ୍ୟାସ୍ ଯୋଗାଣ ସହ ଜଡ଼ିତ କୋଅର୍ଡିନେସନ ଗ୍ରୁପ୍ ଆସନ୍ତା ଗୁରୁବାର ବା ୧୨ ତାରିଖରେ ବୈଠକ କରିବ। ଏହି ବୈଠକରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଯୋଗୁ ଶକ୍ତି ବଜାର ଉପରେ ପ୍ରଭାବ ଏବଂ ଇୟୁ ଦେଶଗୁଡ଼ିକର ଗଚ୍ଛିତ ଥିବା ତୈଳ ଭଣ୍ଡାର ଉପରେ ଆଲୋଚନା କରାଯିବ। ଇୟୁର ୨୭ ସଦସ୍ୟ ରାଷ୍ଟ୍ର ଅନ୍ୟୁନ ୯୦ ଦିନ ପର୍ଯ୍ୟନ୍ତ ନିଜ ପାଖରେ ତୈଳ ଗଚ୍ଛିତ ରଖିବା ଜରୁରି ବୋଲି ଇୟୁ ପକ୍ଷରୁ କୁହାଯାଇଛି।

ଏହି କୋଅର୍ଡିନେସନ ଗ୍ରୁପ୍ରେ ସମସ୍ତ ଇୟୁ ସଦସ୍ୟ ରାଷ୍ଟ୍ରର ପ୍ରତିନିଧି ସାମିଲ ରହିଥାନ୍ତି। ସେମାନଙ୍କ କାମ ତୈଳ ଏବଂ ଗ୍ୟାସ୍ ଯୋଗାଣ ଉପରେ ନଜର ରଖିବା ଏବଂ କୌଣସି



ସଙ୍କଟପୂର୍ଣ୍ଣ ସ୍ଥିତିରେ ଏକାଠି ହୋଇ ପଦକ୍ଷେପ ନେବା। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିକ ତୈଳ ଦାମ୍ ସାଢ଼େ ୩ ବର୍ଷରେ ସବୁଠୁ ଉଚ୍ଚସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷରେ ଅଶୋଧିକ ତୈଳ ଦର ବୃଦ୍ଧିକୁ ନେଇ ଜି-୭ ରାଷ୍ଟ୍ରଗୁଡ଼ିକ ଜରୁରିକାଳୀନ ବୈଠକ ଡାକିଛନ୍ତି। ଜି-୭ ରାଷ୍ଟ୍ର କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ, ଆମେରିକାର ଅର୍ଥମନ୍ତ୍ରୀମାନେ ବୈଠକରେ ଆପାତକାଳୀନ ତୈଳ ଭଣ୍ଡାର ଖୋଲିବା ପ୍ରସଙ୍ଗରେ ଆଲୋଚନା କରିବେ। ଜି୭ ଦୁନିଆର ପ୍ରମୁଖ ବିକଶିତ ଅର୍ଥବ୍ୟବସ୍ଥାର ସମୂହ। ବିଶେଷଜ୍ଞଙ୍କ ମତରେ, ଯଦି ଆପାତକାଳୀନ ତୈଳ ଭଣ୍ଡାର ବ୍ୟବହାର କରାଯାଏ ତେବେ ବିଶ୍ୱ ବଜାରରେ ତୈଳ ଯୋଗାଣ ବଢ଼ିବ ଏବଂ ତୈଳଦର ମଧ୍ୟ ନିୟନ୍ତ୍ରଣ ମଧ୍ୟରେ ରହିପାରେ।



# ଏଫଏମ୍ସିଜି ଉତ୍ପାଦ ପାଇଁ ପଲିମର୍ ଅଭାବ

ନୂଆଦିଲ୍ଲୀ, ୧୦।୩:ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମିବା ନାଁ ଧରୁନଥିବା ବେଳେ ଏହା ଦ୍ୱାରା ପ୍ରଭାବିତ ହେବାକୁ ବସିଛି ଭାରତୀୟ ଏଫ୍ଏମ୍ସିଜି ଶିଳ୍ପ। ବିଶେଷକରି ଏଫଏମ୍ସିଜି ସାମଗ୍ରୀଗୁଡ଼ିକର ପ୍ୟାକିଂ ପାଇଁ ବ୍ୟବହୃତ ପଲିମର୍ ଏକ ପେଟ୍ରୋଲିଅମ୍ ଉତ୍ପାଦ। ଅଶୋଧିତ ତୈଳରୁ ଏହାର ଉତ୍ପାଦନ କରାଯାଇଥାଏ। ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ଅଭାବ ଲାଗି ରହିବା ସହିତ ଏହାର ଏବେ ଘୋର ଅଭାବ ପରିଲକ୍ଷିତ ହେଉଛି। ଉପସାଗରୀୟ ଅଞ୍ଚଳରୁ ତୈଳ ଆମଦାନି ପ୍ରଭାବିତ ହେବା ସହିତ ସେହି ଅଞ୍ଚଳରୁ ପଲିମର୍ ମଧ୍ୟ ଭାରତକୁ ଆସି ପାରୁ ନାହିଁ। ଫଳରେ ଭାରତୀୟ ବଜାରରେ ବିଭିନ୍ନ ସାମଗ୍ରୀ ପ୍ୟାକିଂ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଦ୍ୱାରା ଅଧିକ ପ୍ରଭାବିତ ହୋଇଛି ଏଫ୍ଏମ୍ସିଜି ଶିଳ୍ପ। ଏଫଏମ୍ସିଜି ଉତ୍ପାଦଗୁଡ଼ିକ ବଜାରକୁ ଛାଡ଼ିବା ପୂର୍ବରୁ ଏଥିରେ ଯେଉଁ ଖର୍ଚ୍ଚ ହୋଇଥାଏ, ତାହାର ୧୫ ପ୍ରତିଶତ ଏହି ସାମଗ୍ରୀଗୁଡ଼ିକର ପ୍ୟାକିଂ ବାବଦକୁ ହୋଇଥାଏ। ଆଉ ଏହି ପ୍ୟାକିଙ୍ଗରେ ବ୍ୟବହୃତ ପଲିମର୍ ହେଉଛି ମୁଖ୍ୟ ଉପକରଣ। ଯୁଦ୍ଧ ପରିସ୍ଥିତି ଯୋଗୁ କିଛି ଦିନ ହେବ ଉପସାଗୀରୀୟ ଅଞ୍ଚଳରୁ ପଲିମର୍ ଭାରତକୁ ଆସିବା ବନ୍ଦ ହୋଇଯାଇଛି। ଫଳରେ ଏହି ସାମଗ୍ରୀ ପାଇଁ ଚୀନ୍, ଥାଇଲାଣ୍ଡ ଓ ସିଙ୍ଗାପୁର ଉପରେ ଭାରତ ନିର୍ଭର କରୁଥିଲେ ମଧ୍ୟ ତାହା ଆଶାନୁରୂପ ହୋଇ ପାରୁ ନାହିଁ। ବିସ୍କୁଟ୍ ଉତ୍ପାଦନ କରୁଥିବା ପାର୍ଲେ କଂପାନି ଉପସଭାପତି ମାୟେଙ୍କ ଶାହ କହିଛନ୍ତି ଯେ ଯଦି ସ୍ଥିତିରେ ସୁଧାର ନ ଆସେ ତେବେ କଂପାନିଗୁଡ଼ିକ ପ୍ୟାକେଟ୍ଗୁଡ଼ିକର ଓଜନ କମ୍ କରିବେ କିମ୍ବା ଦର ବୃଦ୍ଧି କରିବେ। ସେହଭଳି ପରିବହନ ସୁବିଧାକୁ ଦୃଷ୍ଟିରେ ରଖି କମ୍ ଓଜନର ପ୍ୟାକେଟ୍ ବଦଳରେ ଅଧିକ ଓଜନର ବା ପରିମାଣର ପ୍ୟାକେଟ୍ ଅଧିକ ଉପଲବ୍ ହେବା ଆଶା କରାଯାଉଥିବା ସେ କହିଛନ୍ତି।

# ଡିସେମ୍ବର ବିଭ୍ରାଟ ମହଙ୍ଗା ପଡ଼ିଲା: ଇଣ୍ଡିଗୋ ସିଇଓଙ୍କ ଇସ୍ତଫା



ମୁମ୍ବାଇ, ୧୦।୩: ଦେଶର ସର୍ବବୃହତ୍ ଏୟାରଲାଇନ୍ ଇଣ୍ଡିଗୋର ସିଇଓ ପିଟର ଏଲବର୍ସ ଇସ୍ତଫା ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ କମ୍ପାନି ସାମ୍ନା କରିଥିବା ବୃହତ୍ ପରିଚାଳନା ସଙ୍କଟର କିଛି ମାସ ପରେ ସେ ନିଜ ପଦ ଛାଡ଼ିଛନ୍ତି। ତାଙ୍କ ସ୍ଥାନରେ କମ୍ପାନିର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ଅନ୍ତରୀଣ ସିଇଓ ଭାବେ କାର୍ଯ୍ୟ କରିବେ। ଗତବର୍ଷ ଡିସେମ୍ବରରେ କମ୍ପାନି ଅଭାବନୀୟ ପରିଚାଳନା ସଙ୍କଟର ସମ୍ମୁଖୀନ ହୋଇଥିଲା। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପାଇଲଟ୍ଙ୍କୁ ନେଇ ଲାଗୁ କରିଥିବା ଏକ ନିୟମ ପ୍ରଭାବରେ କମ୍ପାନି ଶହ ଶହ ବିମାନର ଉଡ଼ାଣ ବାତିଲ କରିଥିଲା। ଏକ ସପ୍ତାହରୁ ଅଧିକ ସମୟ ଧରି ସେହି ସଙ୍କଟ ଲାଗି ରହିଥିଲା। ସାରା ଦେଶରେ ୩ ଲକ୍ଷରୁ ଅଧିକ ଯାତ୍ରୀ ନାହିଁ ନଥିବା ଅସୁବିଧା ଭୋଗିଥିଲେ। କମ୍ପାନି ୪୫୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଥିଲା। ସେହି ଘଟଣାକୁ ସରକାର ଅତ୍ୟନ୍ତ ଗମ୍ଭୀରତାର ସହ ନେଇଥିଲେ। କମ୍ପାନି ଉପରେ ୨୨.୨୦ କୋଟି ଟଙ୍କାର ଜରିମାନା ଲଗାଯାଇଥିଲା। ଉକ୍ତ ଘଟଣା ଏଲବର୍ସଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା।

୨୦୨୨ ସେପ୍ଟେମ୍ବରରେ ଏଲ୍ବର୍ସ ତିନି ବର୍ଷ ପାଇଁ ଇଣ୍ଡିଗୋର ସିଇଓ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ଅମଳରେ କମ୍ପାନିର ରାଜସ୍ୱ ୧୦୦୦ କୋଟି ଡଲାର ଅତିକ୍ରମ କରିଥିଲା ଓ ବିମାନ ସଂଖ୍ୟା ୪୪୦ରୁ ଅଧିକ ହୋଇଥିଲା। ସେ ବିମାନ ଚଳାଚଳ ଶିଳ୍ପର ସର୍ବବୃହତ୍ ୫୫୦ଟି ଏୟାରବସ୍ ଏ୩୨୦ ବିମାନ କିଣିବା ବରାଦ ଦେଇଥିଲେ।

### ଯୁଦ୍ଧ ବନ୍ଦ ହେବା ନେଇ ଟ୍ରମ୍ପଙ୍କ ମନ୍ତବ୍ୟ

# କମିଲା ଅଶୋଧିତ ତେଲ ମୂଲ୍ୟ

## ଉଛୁଳିଲା ଶେୟାର ମାର୍କେଟ୍



ନୂଆଦିଲ୍ଲୀ. ୧୦।୩:ଇରାନ ସହ ଯୁଦ୍ଧ ଶୀଘ୍ର ବନ୍ଦ ହେବା ନେଇ ଟ୍ରମ୍ପ ଘୋଷଣା ପରେ ମଙ୍ଗଳବାର (୧୦ ମାର୍ଚ୍ଚ) ଷ୍ଟକ୍ ମାର୍କେଟ୍ର ଉନ୍ନତି ପରିଲକ୍ଷିତ ହୋଇଛି। ସକାଳେ ବଜାର ଖୋଲିବା ପରେ ସେନସେକ୍ସ ୭୮,୦୦୦ ରେ କାରବାର କରୁଛି। ଯାହା ପୂର୍ବ ପଏଣ୍ଟ ଠାରୁ ୫୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇଛି। ନିଫ୍ଟି ମଧ୍ୟ ପ୍ରାୟ ୧୫୦ ପଏଣ୍ଟ ବୃଦ୍ଧି ପାଇ ୨୪,୨୦୦ ରେ କାରବାର କରୁଛି। ଆଜି ବ୍ୟାଙ୍କିଙ୍ଗ୍, ଅଟୋ ଏବଂ ଏଫ୍ଏମ୍ସିଜି ଷ୍ଟକ୍ ସର୍ବାଧିକ ବୃଦ୍ଧି ପାଇଛି। କେବଳ ସେତିକି ନୁହେଁ, ଅଶୋଧିତ ତୈଳ ଦରରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ମଙ୍ଗଳବାର, ମାର୍ଚ୍ଚ ୧୦ ତାରିଖରେ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ୮୯ ଡଲାରକୁ ହ୍ରାସ ପାଇଛି। ଏସୀୟ ମାର୍କେଟ୍ରେ କାରବାର ପ୍ରାରମ୍ଭିକ ସମୟରେ ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ପ୍ରାୟ ୮.୫% ହ୍ରାସ ପାଇ ପ୍ରତି ବ୍ୟାରେଲ ୯୨.୫୦ ଡଲାରକୁ ଖସିଛି। ଗତକାଲି ଏହା ୧୧୫ ଡଲାରରେ ପହଞ୍ଚିଥିଲା। ସେହିପରି ଆମେରିକାର ତୈଳ (ଡବ୍ଲ୍ୟୁଟିଆଇ) ମଧ୍ୟ ପ୍ରାୟ ୯% ହ୍ରାସ ପାଇ ପ୍ରତି ବ୍ୟାରେଲ ୮୮.୬୦ ଡଲାରରେ ପହଞ୍ଚିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧ ଶୀଘ୍ର ଶେଷ ହେବ ବୋଲି କହିବା ପରେ ତୈଳ ମୂଲ୍ୟରେ ଏହି ହ୍ରାସ ଘଟିଛି।

ଅଶୋଧିତ ତୈଳ ମୂଲ୍ୟରେ ଏମିତି ହଠାତ ହ୍ରାସ ଏବଂ ବଜାରରେ ବୃଦ୍ଧି ଡୋନାଲ୍ଡ ଟ୍ରମ୍ପଙ୍କ ସଦ୍ୟତମ ବୟାନକୁ ନେଇ ହୋଇଛି। ସୋମବାର ଟ୍ରମ୍ପ କହିଥିଲେ ଯେ ବର୍ତ୍ତମାନର ଯୁଦ୍ଧ "ଖୁବ ଶୀଘ୍ର" ଶେଷ ହେବ। ଏହି ବୟାନ ପରେ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ଘେରି ରହିଥିବା ଅନିଶ୍ଚିତତାକୁ ହ୍ରାସ କରିଛି ଏବଂ ନିବେଶକଙ୍କ ବିଶ୍ୱାସକୁ ବୃଦ୍ଧି କରିଛି। ତଥାପି, ଯୁଦ୍ଧ ଆରମ୍ଭ ହେବା ପୂର୍ବ ମୂଲ୍ୟ ତାଳନାରେ ବର୍ତ୍ତମାନର ମୂଲ୍ୟ ପ୍ରାୟ ୩୦% ଅଧିକ ରହିଛି। ଟ୍ରମ୍ପଙ୍କର ବୟାନର ଓଲଟା ଫଳ ଦେଖିବାକୁ ମିଳିଛି ମେଟାଲ ମାର୍କେଟ୍ରେ। ମଙ୍ଗଳବାର ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଛି। ଏମ୍ସିଏକ୍ସ ଫ୍ୟୁଚର୍ସ ବଜାରରେ, ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନା ୧,୫୦୦ ଟଙ୍କା ବୃଦ୍ଧି ପାଇ ୧.୬୨ ଲକ୍ଷରେ ପହଞ୍ଚିଛି। ଅନ୍ୟପକ୍ଷରେ, ରୁପା □୮,୦୦୦ ଟଙ୍କା ବୃଦ୍ଧି ପାଇ ୨.୭୫ ଲକ୍ଷରେ କାରବାର କରୁଛି।




# ଭାରତରେ ୨୫% ଆଇଫୋନ୍ ଉତ୍ପାଦନ କରୁଛି ଆପଲ



ନୂଆଦିଲ୍ଲୀ,୧୦।୩: ଟ୍ରମ୍ପଙ୍କ ବାରମ୍ବାର ଧମକ ପରେ ବି ଆପଲ ଭାରତରେ ଏହାର iPhone ଉତ୍ପାଦନ ଜାରି ରଖିଛି। ଆପଲ ଗତବର୍ଷ ଭାରତରେ iPhone ଉତ୍ପାଦନ ପାଖାପାଖି ୫୩ ପ୍ରତିଶତ ବୃଦ୍ଧି କରିଥିଲା। ଆଉ ଏବେ କମ୍ପାନୀ ଏହାର ମୋଟ ଉତ୍ପାଦନର ଏକ ଚତୁର୍ଥାଂଶ ଭାରତରେ କରୁଛି। ଚୀନ ଉପରେ ନିର୍ଭରଶୀଳତା ହ୍ରାସ କରିବା ଓ ଉଚ୍ଚା ଟାରିଫରୁ ରକ୍ଷା ପାଇବା ପାଇଁ କମ୍ପାନୀ ଏବେ ଭାରତକୁ ଏହାର ପ୍ରଡକ୍ସନ ହବ୍ ଭାବରେ ଦେଖୁଛି। କମ୍ପାନୀ ୨୦୨୫ ମସିହାରେ ଭାରତରେ ପ୍ରାୟ ୫୫ ମିଲିଅନ ଆଇଫୋନ୍ ଆସେମ୍ବଲ କରିଥିଲା। ଯାହା ପୂର୍ବ ବର୍ଷ (୨୦୨୪)ରେ ୩୬ ମିଲିଅନ ଥିଲା। ଘଟଣା ସହିତ ଜଡ଼ିତ ଲୋକମାନଙ୍କ ଠାରୁ ସୂଚନା ନେଇ ବିଜନେଶ ଷ୍ଟାଣ୍ଡାର୍ଡ ଏହି ରିପୋର୍ଟ ପ୍ରକାଶ କରିଛି। ବର୍ତ୍ତମାନ କେତେ ମାତ୍ରାରେ ଉତ୍ପାଦନ ଭାରତରେ ହେଉଛି ତାର ପ୍ରକୃତ ସଂଖ୍ୟା ଲୋକଲୋଚନକୁ ଆସି ନାହିଁ। ତେଣୁ ସେମାନେ ନାଁ ଗୋପନ ରଖି ଏହି ସୂଚନା ଦେଇଛନ୍ତି। ଆପଲ୍ ବିଶ୍ୱ ସ୍ତରରେ ପ୍ରତିବର୍ଷ ପ୍ରାୟ ୨୨୦ ମିଲିଅନରୁ ୨୩୦ ମିଲିଅନ ଆଇଫୋନ୍ ଉତ୍ପାଦନ କରେ, ଯେଉଁଥିରେ ଭାରତର ଭାଗ ଦ୍ରୁତ ଗତିରେ ବଢ଼ୁଛି ବୋଲି ଅଧିକାରୀମାନେ ନାଁ ଗୋପନ ରଖି ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ଫାଙ୍କି ଆପଲ ଭାରତରେ ଉତ୍ପାଦନ ବଢ଼ାଇବାର କାରଣ ବି ରହିଛି। ଭାରତକୁ ବିଶ୍ୱର କାରଖାନାରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଉତ୍ପାଦନ-ସଂଯୁକ୍ତ ପ୍ରୋତ୍ସାହନ(ପ୍ରଡକ୍ସନ ଲିଙ୍କ୍ଡ ଇନ୍ସେଣ୍ଟିଭ୍) ଦେଉଛନ୍ତି ସେଥିରେ କମ୍ପାନୀକୁ ଉତ୍ପାଦନରେ ଖୁବ୍ ସହାୟ ହେଉଛି। ମିଳୁଥିବା ସ୍ୱିସିଡି ଯୋଗୁ କମ୍ପାନୀର ଖର୍ଚ୍ଚ ବି କମ ହେଉଛି। ତେଣୁ ଆପଲ ସାମ୍ପ୍ରତିକ ବର୍ଷଗୁଡ଼ିକରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏହାର ବିସ୍ତାରକୁ ତ୍ୱରାନ୍ୱିତ କରୁଛି। ତା ଛଡ଼ା ଏଠାରେ ଶ୍ରମ ମୂଲ୍ୟ ବା ଲେବର କଷ୍ଟ କମ୍ ରହିଛି।

୨୦୨୫ରେ ଆମେରିକା ଓ ଚୀନ ମଧ୍ୟରେ ବାଣିଜ୍ୟିକ ଯୁଦ୍ଧ ଲାଗି ରହିଥିଲା। ଆମେରିକା ଚୀନ ଉପରେ ଉଚ୍ଚମାନର ଶୁଳ୍କ ଲଗାଇଥିଲା। ଏପଟେ ଭାରତ ଉପରେ କମ୍ ଶୁଳ୍କ ଥିବା ସହିତ ଭାରତ ସରକାର ଦେଉଥିବା ସୁବିଧା ଓ କମ ଲେବର କଷ୍ଟ ଯୋଗୁ ଆପଲ ଏହାର ଉତ୍ପାଦନ ୟୁନିଟ୍କୁ ଭାରତକୁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରିଥିଲା। ଆପଲ ପ୍ରଡକ୍ଟ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ମଧ୍ୟ ଭାରତରେ ଏହାରି ଉତ୍ପାଦନ ସିଫ୍ଟ କରି ନେଇଥିଲେ। ତେବେ ବର୍ତ୍ତମାନର ଡେଭଲପ ନେଇ କମ୍ପାନୀ ପ୍ରବକ୍ତା କୌଣସି ସୂଚନା ଦେଇ ନାହାନ୍ତି। ଯଦିଓ ପ୍ରଡକ୍ସନ ବଢ଼ୁଛି ତଥାପି ଭାରତରେ ଚୀନ୍ ଏବଂ ଭିଏତନାମ ତୁଳନାରେ ଇଲେକ୍ଟ୍ରୋନିକ୍ସ ଆସେମ୍ବଲି ଏବଂ ଯନ୍ତ୍ରାଂଶ ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଛି। ସେଥିପାଇଁ ଆପଲ୍, ସାମସଙ୍ଗ ଭଳି କମ୍ପାନୀ ଅଧିକ ସରକାରୀ ସହାୟତା ଲୋଡୁଛନ୍ତି। ସେପଟେ ଉତ୍ପାଦନ ବ୍ୟତୀତ, ଆପଲ୍ ଭାରତ ଭଳି ଏକ ବଡ଼ ମାର୍କେଟ୍ରେ ବିକ୍ରି ମଧ୍ୟ ବଢ଼ାଇ ଦେଇଛି। ଭାରତରେ ଆପଲ ଉତ୍ପାଦନ ବିକ୍ରି ୯ ବିଲିୟନ ଅତିକ୍ରମ କରିଛି। ସଫଳତାକୁ ଦେଖି କମ୍ପାନୀ ଚଳିତ ବର୍ଷ ଶେଷରେ ଭାରତରେ ଆପଲ୍ ପେ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ସେହିପରି ରିଟେଲ ମାର୍କେଟ୍ରେ କମ୍ପାନୀର ୬ଟି ଷ୍ଟୋର ରହିଛି। ଏହି ଷ୍ଟୋରମାନଙ୍କର ଆପଲ ପ୍ରଡକ୍ଟ କିଣିବାକୁ ଗ୍ରାହକଙ୍କ ଲମ୍ବା ଲାଇନ ଲାଗୁଛି।

# ଚୀନ ପାଇଁ ଏଫ୍ଡିଆଇ ନିୟମ କୋହଳ ହେଲା




ନୂଆଦିଲ୍ଲୀ, ୧୦।୩: ସ୍ଥଳଭାଗରେ ଭାରତର ସୀମା ଛୁଇଁଥିବା ଦେଶଗୁଡ଼ିକ ପାଇଁ ଭାରତ ସରକାର ଏଫ୍ଡିଆଇ (ପ୍ରତ୍ୟକ୍ଷ ବିଦେଶୀ ନିବେଶ) ନିୟମ କୋହଳ କରିଛନ୍ତି। ଏଥିରେ ଚୀନ ସମେତ ବାଂଲାଦେଶ, ପାକିସ୍ତାନ, ଭୁଟାନ, ନେପାଳ,ମ୍ୟାଁମାର ଓ ଆଫଗାନିସ୍ତାନ ରହିଛନ୍ତି। ଏସବୁ ଦେଶ ପାଇଁ ଏଫ୍ଡିଆଇ ନିୟମ କୋହଳ କରିବା ଲାଗି ୨୦୨୦ ସିରିଜ୍ର ପ୍ରେସ୍ ନୋଟ୍ ୩ରେ ସଂଶୋଧନ ଅଣାଯାଇଛି ବୋଲି ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୨୦ ଏପ୍ରିଲରୁ ୨୦୨୫ ଡିସେମ୍ବର ମଧ୍ୟରେ ଭାରତକୁ ଆସିଥିବା ମୋଟ ଏଫ୍ଡିଆଇରେ ଚୀନର ଅଂଶ ୦.୩୨ ପ୍ରତିଶତ ରହିଛି। ଭାରତରେ ଏଫ୍ଡିଆଇ ର୍ୟାଙ୍କ୍ରେ ଚୀନ ୨୩ତମ ସ୍ଥାନରେ ଅଛି। ୨୦୨୦ ଜୁନ ଗଲୱାନ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ଅତ୍ୟନ୍ତ ଖରାପ ହୋଇଯାଇଥିଲା। ଏହା ପରେ ଭାରତ ଚୀନ କମ୍ପାନିଗୁଡ଼ିକ ଉପରେ ଏକାଧିକ କଟକଣା ଲଗାଇଥିଲା। ଭାରତକୁ ଚୀନରୁ ଏଫ୍ଡିଆଇ କମ୍ ଆସୁଥିଲେ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ବହୁ ଅଧିକ ରହିଛି। ଚୀନ ଭାରତର ଦ୍ୱିତୀୟ ବୃହତ୍ ବାଣିଜ୍ୟ ସହଯୋଗୀ ପାଲଟିଛି। ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ୧୦ ମାସରେ ଚୀନକୁ ଭାରତର ରପ୍ତାନି ୩୮.୩୭ ପ୍ରତିଶତ ବୃଦ୍ଧି ପାଇ ୧୫.୮୮ ବିଲିଅନ ଡଲାରରେ ଏବଂ ଆମଦାନୀ ୧୩.୮୨ ପ୍ରତିଶତ ବୃଦ୍ଧି ଘଟି ୧୦୮.୧୮ ବିଲିଅନ ଡଲାରରେ ପହଞ୍ଚିଛି।



# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ଧୂମଧାମରେ ପାଳିତ ହେଲା କୋପଣ୍ଡ ମେଳଣ



**ଯାଜପୁର ରୋଡ଼,୧୦।୩ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା ବ୍ୟାସନଗର ସ୍ଥିତ କୋପଣ୍ଡ ଠାରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜିଉଙ୍କର ୪୯ତମ ମେଳଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ମେଳଣରେ ଆଜି ପାଖାପାଖି ହଜାର ହଜାର ଲୋକଙ୍କ ଜନସମାଗମ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଏବର୍ଷ ମଧ ୨୦ରୁ ଉର୍ଦ୍ଧ ବିଭାନ ନିଜ ନିଜ କର୍ମକର୍ତାଙ୍କ ସହ ବାଜା ବାଣ,ରୋଷଣୀ ଓ ସଂକୀର୍ତନ ସହ ବିରାଟ ପଟୁଆରାରେ ଆସି କୋପଣ୍ଡ ମେଳଣ ପଡିଆ ନିକଟରେ ପହଂଚିଥିଲେ। ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସମସ୍ତ ବିଭାନ ଗୋଟେ ଜାଗାରେ ଏକତ୍ରିତ ହୋଇ ଭୋଗ ଖାଇସାରିବା ପରେ ପୁଣି ନିଜ ନିଜ ଗ୍ରାମକୁ ଫେରିଯାନ୍ତି। ମେଳାରେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ପାଇଁ ଯାଜପୁର ରୋଡ ଆଇଆଇସି ଆଶିଷ ସାହୁ'ଙ୍କ ନେତୃତ୍ୟରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଅନୁଷ୍ଠାନ ତରଫରୁ ବରଷକେ ଥରେ ଆସୁଥିବା ଏହି ମେଳଣ କୁ ଉପଭୋଗ କରିବା ପାଇଁ ଛୋଟ ଠୁ ବୁଢା ପର୍ଯ୍ୟନ୍ତ ସମସ୍ତେ ଚାହିଁ ବସିଥାନ୍ତି।କମିଟି ପକ୍ଷରୁ ପାର୍ଥ ସାରଥୀ ନାୟକ,ଅଚୁତାନନ୍ଦ ସାହୁ, ନାରାୟଣ ରାଉତଙ୍କ ସମେତ ସମସ୍ତ କର୍ମକର୍ତା ମାନେ ସହଯୋଗ କରିଥିଲେ।

# ସୁକିନ୍ଦାର ବିକାଶ ପାଇଁ ଯୁବ ସମାଜର ଭୂମିକା ଅତୁଳନୀୟ :ମନ୍ତ୍ରୀ



**ଯାଜପୁର,୧୦।୩ (ସଂଚାର ବ୍ୟୁରୋ):** ସୁକିନ୍ଦା ସମେତ ସାରା ଜିଲାର ବିକାଶ ବିଜେପି ସରକାରର ମୂଳ ଲକ୍ଷ୍ୟ। ଏଥିପାଇଁ ଯୁବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜରେ ଅବହେଳିତ ମଣିଷର ବିକାଶ ବାସ୍ତବବିକାଶ ବୋଲି ବାର୍ଷିକ କ୍ରୀଡା ଉତ୍ସବ ରେ ସମବାୟ ମନ୍ତ୍ରୀ ଡ଼ଃ ପ୍ରଦୀପ ବଳ ସାମନ୍ତ ମତ ପ୍ରକାଶ କରିଛନ୍ତି। ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତ ଅଧିନ ମୂଳଖମ୍ବ ଗାଁରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବାର୍ଷିକ କ୍ରୀଡା ଉଦଯାପନ ଉତ୍ସବରେ ସମବାୟ, ବୟନଶିଳ୍ପ, ହସ୍ତତନ୍ତ ବିଭାଗ ମନ୍ତ୍ରୀ ଡ଼ଃ ପ୍ରଦୀପବଳ ସାମନ୍ତ ଯୋଗଦେଇ କହିଥିଲେ, କ୍ରୀଡା କେବଳ ଶରୀର କୁ ସୁସ୍ଥ ରଖେନାହିଁ. ବରଂ ସମାଜ ରେ ଭାଇଚାରା ସୁ ସମ୍ପର୍କ ପ୍ରତିଷ୍ଠା କରେ । ତେଣୁ ସୁକିନ୍ଦା ର ବିକାଶ ରେ ମହିଳା ଯୁବକ ମାନଙ୍କ ଅବଦାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପରିଶେଷରେ ଚମ୍ପିୟାନ ଏବଂ ରନର୍ସଅପ ଟିମ କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଦେଇଥିଲେ। ଶିବଶକ୍ତି କ୍ରିକେଟ ଟିମ, ମା ଖଣ୍ଡୁରାଇ କ୍ରିକେଟ ଟିମ ମୂଳଖମ୍ବ ର ମିଳିତ ଉଦ୍ୟମ ରେ ଷଷ୍ଠ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ନୂଆଡିହ ସହ ପିମ୍ପୁଡିଆ ଟିମ ମଧ୍ୟରେ ହୋଇଥିବା ମ୍ୟାଚ ରେ ପିମ୍ପୁଡିଆ ବିଜୟ ଲାଭ କରିଥିବା ବେଳେ ଅନ୍ୟ ମ୍ୟାଚଟି ଦାମୋଦରପୁର ସହ ମଙ୍ଗଳପୁର ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା । ଏଥିରେ ଦାମୋଦରପୁର ବିଜୟଲାଭ କରିଥିଲା ।

# ଢେଙ୍କାନାଳରେ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ



**ଢେଙ୍କାନାଳ,୧୦।୩ (ସଂଚାର ବ୍ୟୁରୋ):** ଜନସାଧାରଣଙ୍କୁ ଶ୍ରୀମନ୍ଦିର ଦର୍ଶନର ସୁବିଧା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା'ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆଜି ଢ଼େଙ୍କାନାଳ ମିନି ଷ୍ଟାଡିୟମଠାରେ ଭବ୍ୟ ଭାବରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କୁ ପୁରୀରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ୍ ଯୋଗେ ଯାତ୍ରାରେ ପଠାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ଭାବେ ଶ୍ରୀ ନବ କିଶୋର ଗୁରୁ, ମାନ୍ୟବର ସାଂସଦ ଶ୍ରୀ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭାବେ ଶ୍ରୀ ନରେଶ ମହାପାତ୍ର, ତଥା ଉପସ୍ଥିତ ଥିବା ମାନ୍ୟବର ଅତିଥିମାନେ ବସ୍‌ଗୁଡିକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେମାନେ ଏହି ଯୋଜନା ମାଧ୍ୟମରେ ସାଧାରଣ ଲୋକମାନେ ସହଜରେ ଶ୍ରୀମନ୍ଦିର ଦର୍ଶନ କରିପାରୁଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଓ ଏହାକୁ ଏକ ସାର୍ଥକ ପଦକ୍ଷେପ ବୋଲି କହିଥିଲେ।

ଏହି ଯୋଜନାରେ ବିଶେଷ କରି ବୃଦ୍ଧ, ମହିଳା ଓ ଆର୍ଥିକ ଭାବେ ଅସମର୍ଥ ଭକ୍ତମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଯାତ୍ରୀମାନଙ୍କ ପାଇଁ ଯାତାୟାତ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ବେଆଇନ ଇଟା ଇଟାଭାଟି ଯୋଗୁଁ ବଢୁଛି ତାତି, ଲୋକେ ହନ୍ତସନ୍ତ

## କାର୍ଯ୍ୟାନୁଷ୍ଠାନ ନେଉନାହିଁ ପ୍ରଶାସନ

## ବିଭାଗର ପାରିବାପଣିଆକୁ ନେଇ ପ୍ରଶ୍ନ



**ମାହାଙ୍ଗା,୧୦।୩ (ସଂଚାର ବ୍ୟୁରୋ) :** ବର୍ତମାନ ତାତି ଯେତେ ମାତ୍ରାରେ ବଢୁଛି ସେତେ ମାତ୍ରାରେ ଜଳୁଛି ଇଟାଭାଟି। ଏବେ ଦିନକୁ ଦିନ ତାତି ବଢୁଥିବାବେଳେ ଏହା ସାଙ୍ଗକୁ ବଳିଯାଉଛି ବେଆଇନ ଇଟାଭାଟିର ତାତି। ପ୍ରଶାସନ ଓ ଇଟାମାଫିଆଙ୍କ ଭିତିରି ବୁଝାବୁଣାରେ ଜଳୁଛି ବେଆଇନ ଇଟାଭାଟି। ପଇସା ଆଗରେ ହାର ମାନୁଛି ପ୍ରଶାସନ। ଲାଞ୍ଚ ଖାଇ ବେଆଇନ ଇଟାଭାଟିକୁ ପ୍ରୋତ୍ସାହନ ଯୋଗାଉଛି ପ୍ରଶାସନର କିଛି ଅସାଧୁ କର୍ମଚାରୀ। ଅସହ୍ୟ ତାତିରେ ଲୋକମାନେ ସିଝୁଥିବାବେଳେ ଇଟାମାଫିଆଙ୍କୁ ଖୋରାଗ ଯୋଗାଉଛନ୍ତି ପ୍ରଶାସନର କିଛି ଅସାଧୁ କର୍ମଚାରୀ। ଯାହା ଫଳରେ ବଢ଼ି ଚାଲିଛି। ପ୍ରଶାସନର ଇଟାମାଫିଆଙ୍କ ପ୍ରତି କୋହଳ ମନୋଭାବ ଯୋଗୁଁ ଇଟାଭାଟି ଧୂଆଁରେ ସ୍ଥାନୀୟ ଅଞ୍ଚଳବାସୀ ଅଣନିଶ୍ୱାସୀ ହୋଇ ପଡୁଛନ୍ତି।

ବାସୁଦେବପୁର ବରଅଠା ମୁଖ୍ୟ ରାସ୍ତା ବାମ ପାର୍ଶ୍ୱ ମୋଡଣୀ ନିକଟରେ ବୁନୁ ଇଟା ମୋବାଇଲ ନଂ ୯୩୩୭୮୧୫୨୧୮ ଏକ ଚାଳ ଘରେ ଲେଖାଯାଇଛି। ଏହାର ପରିସରରେ ବେଆଇନ ଇଟାଭାଟି ପୋଡାଯାଉଥିବାବେଳେ ସେହି ରାସ୍ତା ଦେଇ ଦୈନନ୍ଦିନ ଯାଆସ କରୁଥିବା ପ୍ରଶାସନର ଦୃଷ୍ଟି ନ ପଡ଼ିବା ଘଟଣା ପ୍ରଶାସନର ପାରିବାପଣିଆକୁ ନେଇ ଉଠିଛି ପ୍ରଶ୍ନ। ସରକାର ମାଟି ଇଟାକୁ ବେଆଇନ ଘୋଷଣା କରି ନିସିଦ୍ଧ କରିଥିବା ବେଳେ କେଉଁ ଆଦେଶ ବଳରେ ବେଆଇନ ଇଟା ଭାଟି ପୋଡାଯାଉଛି ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଥାଉ କି ଏହି ଇଟା ମାଲିକ ବେଆଇନଭାବେ ବିନା ପରିବେଶ ମଞ୍ଜୁରୀରେ ଲକ୍ଷ ଲକ୍ଷ ଇଟା ପକାଇ ଭାଟି ପରେ ଭାଟି ପୋଡି ଥିବାରୁ ଏଥିରୁ ବାହାରୁଥିବା ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିବା ସହ ପରିବେଶ ତାପମାତ୍ରାକୁ ଦୁଇ ଗୁଣ କରୁଛି।

ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ଇଟା ମାଲିକ ଏହାକୁ ଖାତିର କରୁନାହାନ୍ତି। ଏହାକୁ ବାରଣ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ଶୀତ ତାପ ନିୟନ୍ତ୍ରଣ କୋଠରୀରେ ରହି ମନମୁଖି ଭାବେ ବେଆଇନ ଇଟାଭାଟି ପୋଡାକୁ ପ୍ରଶ୍ରୟ ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ବେଆଇନଭାବେ ଲକ୍ଷ ଲକ୍ଷ ଇଟା ପୋଡା ଯାଉଥିବାବେଳେ ପ୍ରଶାସନ ଓ ଇଟାମାଫିଆ ସଲାସୁତରା ହୋଇ ଲାଲେ ଲାଲ ହେଉଥିବାବେଳେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଅଧିକାରୀଙ୍କ ଯୋଗୁଁ ରାଜ୍ୟ ସରକାରଙ୍କର ବିପୁଳ ରାଜସ୍ୱ ହାନୀ ହେଉଥିବା ସାଧାରଣରେ ଅଭିଯୋଗ ହେଉଅଛି। ସେହିପରି ମାହାଙ୍ଗାର ରାଣୀଗୋଡା -ଉମର ରାସ୍ତାର ପଲ୍ଲିସାହି, ମାହାଙ୍ଗା ଯଶୁଆପୁର, କୁରୁଜଙ୍ଗା ସମେତ ବହୁ ପଞ୍ଚାୟତରେ ଇଟା ମାଫିଆ ମାନେ ଲକ୍ଷ ଲକ୍ଷ ବେଆଇନ ଇଟା ପୋଡୁଥିବା ଦେଖିବାକୁ ମିଳିଛି। ଏ ନେଇ ବିଭାଗୀୟ ଖଣି ଅଧିକାରୀ ଜ୍ଞାନରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରୁ ଖୁବ୍ ଶିଘ୍ର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେହିପରି ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟାଙ୍କୁ ଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନଥିଲା। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଖଣି ବିଭାଗ ଉଚ୍ଚ ଅଧିକାରୀମାନେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବେଆଇନ ଇଟାଭାଟିକୁ ବନ୍ଦ କରିବା ସହ ବେଆଇନଭାବେ ଇଟା ପକାଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସାଧାରଣରେ ଦାବୀ ହୋଇଛି।

# ବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ



**ଯାଜପୁର,୧୦।୩ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ଐତିହାସିକ ବୈତରଣୀ ନଦୀ ତଟସ୍ଥ ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ମେଳାର ଆୟୋଜନ ଓ ସୁପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିରଜା ପଞ୍ଜିକା ଅନୁସାରେ ଚଳିତ ବର୍ଷ ଆସନ୍ତା ମାର୍ଚ୍ଚ ୧୭ ରେ ଆୟୋଜିତ ହେବାକୁ ଥିବା ପବିତ୍ର ବାରୁଣୀ ସ୍ନାନ ଅବସରରେ ଭକ୍ତମାନଙ୍କ ବିପୁଳ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସମ୍ବନ୍ଧରେ ସବିଶେଷ ଆଲୋଚନା କରାଯାଇଥିଲା। ଏଥିରେ ପ୍ରାୟ ୩୦ ହଜାର ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ସ୍ନାନଘାଟରେ ବ୍ୟାରିକେଡିଂ, ଆଲୋକିକରଣ, ପାନୀୟ ଜଳ ଯୋଗାଣ, ଶୌଚାଳୟ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ସେବା ଏବଂ ଅଘଟଣ ପ୍ରତିରୋଧ ପାଇଁ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ସହ ବିଭିନ୍ନ ମୌଳିକ ସୁବିଧା ସୁନିଶ୍ଚିତ କରିବା ପାଇଁ ସମ୍ବନ୍ଧିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବାରୁଣୀ ମେଳା ପରିସରରେ ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସୂଚନା କେନ୍ଦ୍ର ମଧ ରହିବ। ଏହା ସହ ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା ଓ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ପୋଲିସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ଓ ଯାନବାହାନ ପାର୍କିଂ ବ୍ୟବସ୍ଥାକୁ ସୁଚାରୁ ରୂପେ ପରିଚାଳନା କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ମଧ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଯାଜପୁର ପୌର ପରିଷଦର ଅଧକ୍ଷା ରଞ୍ଜୁଲତା ହୋତା ଓ ଉପାଧକ୍ଷ ଶ୍ରୀ ସନ୍ତୋଷ କୁମାର ମଲ୍ଲିକ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ପ୍ରଶାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ବିଜୟ କୁମାର ମିଶ୍ର, ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ, ଯାଜପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ରାଉତ, ଅଧିକ୍ଷଣ ଯନ୍ତ୍ରୀ, ଯାଜପୁର ଆଇଆଇସି, ଅଗ୍ନିଶମ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଦୀର୍ଘ ୮ ବର୍ଷର ସଂଘର୍ଷ ପରେ ଅବସରପ୍ରାପ୍ତ ସୈନିକଙ୍କୁ ମିଳିଲା ନ୍ୟାୟ



**ଢେଙ୍କାନାଳ,୧୦।୩ (ସଂଚାର ବ୍ୟୁରୋ):** ସଦର ବ୍ଲକ ଅନ୍ତର୍ଗତ ଧିରପାଟଣା ଗ୍ରାଃପ, କୃଷ୍ଣ ପ୍ରସାଦ ଗ୍ରାମ ର ରାତି ରଞ୍ଜନ ଜେନା ନିଜ ବାଙ୍କୁଆଳ ମୌ।ଜା ଜମିରେ ଘର କରିବା ପାଇଁ ତା.୭/୫/୨୦୧୮ ମସିହାରେ ବ୍ୟାଙ୍କ ଅଫ୍ ଇଣ୍ଡିଆ , ଢେଙ୍କାନାଳ ଶାଖା ରୁ ଟ ୧୫,୦୦,୦୦୦ ହୋମ ଲୋନ୍ ନେଇଥିଲେ ମାତ୍ର ସେହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍‌ଏୱାଇ ସବ୍‌ସିଡି ଯୋଜନା ତା ୧/୧/୨୦୧୭ ଠାରୁ ୩୧/୩/୨୦୨୧ ପର୍ଯ୍ୟନ୍ତ ସାରକୁଲାରରେ ଉଲ୍ଲେଖ ଥିଲା। ଶ୍ରୀ ଜେନା ଗୃହ ଋଣ ନେବା ସମୟରେ, ବ୍ୟାଙ୍କ ପରିଚାଳକଙ୍କୁ କହିଥିଲେ ଯେପିଏମ୍‌ଏୱାଇ ସବସିଡି ମାଧ୍ୟମରେ ଋଣ ପ୍ରଦାନ କରିବାକୁ। ବ୍ୟାଙ୍କ ମ୍ୟାନେଜରପିଏମ୍‌ଏୱାଇ ସବ୍‌ସିଡି ଯୋଜନାରେ ଲୋନ୍ ସାଙ୍କସନ୍ କରି ଶ୍ରୀ ଜେନା ଙ୍କ ଠାରୁ ଦସ୍ତଖତ ନେଇ ହୋମ୍ ଲୋନ୍ ଦେଇଥିଲେ। ମାତ୍ର ଶ୍ରୀ ଜେନା ସେହି ସମୟରେ ଭାରତୀୟ ସ୍ଥଳ ସେନା ରେ ମୁତୟନ ଥିବାରୁ,ଫୋନ୍ ମାଧ୍ୟମରେ ବ୍ୟାଙ୍କ ମ୍ୟାନେଜରଙ୍କୁ ପିଏମ୍‌ଏୱାଇ ସବ୍‌ସିଡି କେବେ ସୁଧା ମିଳିବ ବୋଲି ପଚାରି ଆସୁଥିଲେ, କିନ୍ତୁ ବ୍ୟାଙ୍କ ମ୍ୟାନେଜର ତାଙ୍କୁ ମିଛ ଆସ୍‌ବସନା ଦେଇଆସୁଥିଲେ କି ଆମେ ଦୀଲ୍ଲି ପଠାଇ ଦେଇଛୁ ,ସେଠି ସାଙ୍କ୍ସନ ହେଲେ ସବସିଡି ମିଳିବ।ଏହା ଅଧୀନରେ, ତିନି ଜଣ ଶାଖା ପରିଚାଳକଙ୍କ ବଦଳି ହେଲା କିନ୍ତୁ ସବସିଡି ମିଳିଲା ନାହିଁ। ନିଜ ଚାକିରି ରୁ ଅବସର ନେବା ପରେ ଶ୍ରୀ ଜେନା ଶାଖା ପରିଚାଳକଙ୍କ ସହ ସାକ୍ଷାତ କରିଥିଲେ। ମାତ୍ର ସେ କୌଣସି ନା କୌଣସି ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ଶେଷରେ ଶ୍ରୀ ଜେନା ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ର ଦ୍ୱାରସ୍ଥ ତା ୨୭/୧/୨୦୨୫ ରେ ହୋଇଥିଲେ ଏବଂ ବ୍ୟାଙ୍କ ନାମରେ କେସ ଦାୟର କରିଥିଲେ ଯାହା ଫଳରେ ଦିରଘ ୮ ବର୍ଷ ପରେ ଶ୍ରୀ ଜେନା ଙ୍କୁ ମାନ୍ୟବର ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ଉପରୋକ୍ତ ପି.ଏମ .ଏ .ୱାଇ ସାରକୁଲାର ଅନୁସାରେ ଆଜି ତା ୧୦/୩/୨୦୨୬ ରୀତିରେ ତାଙ୍କୁ ଟ ୨.୩୫ ଲକ୍ଷ୍ୟ ର ସବସିଡି ମିଳିବ ବୋଲି ଶ୍ରୀ ଜେନା ଙ୍କ ସପକ୍ଷର କୋର୍ଟ ନ୍ୟାୟ ଦେଲେ।ଏହା ଦ୍ୱାରା ଶ୍ରୀ ରତି ରଞ୍ଜନ ଜେନା ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଜିଲ୍ଲା ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ଅନ୍ତ ରାଷ୍ଟ୍ରୀୟ ମହିଳା ଦିବସ ପାଳିତ




**ବାଲିଆପାଳ,୧୦।୩ (ସଂଚାର ବ୍ୟୁରୋ):** ଜିଲ୍ଲା ଜନଶିକ୍ଷଣ ସଂସ୍ଥାନ ବାଲେଶ୍ୱର ପକ୍ଷରୁ ଅନ୍ତ ରାଷ୍ଟ୍ରୀୟ ମହିଳା ଦିବସ ଗାନ୍ଧୀ ସ୍ମୃତି ଭବନ ଠାରୁ ସଂସ୍ଥାନର ନିର୍ଦେଶିକା ରୂପଶ୍ରୀ ଦାଶ ଙ୍କ ସଂଚାଳନ ରେ ପାଳିତ ହୋଇଯାଇଛି। ଏହି କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ତଥା ଲେଖିକା ସୁଶ୍ରୀ ଅରୁଣିମା ରାୟ ଯୋଗ ଦେଇ ନାରୀ ପୁରୁଷ ଉଭୟ ପରସ୍ପର ପରିପୂରକ। ନାରୀ କେବେ ସମାଜ ଗଠନ ରେ ନାରୀର ଭୂମିକା ଉପରେ ଆଲକ ପାତକରିଥିଲେ। ମୁଖ୍ୟ ବକ୍ତା ଭାବେ ଆଇନୀ ଜୀବି ତଥା ସମାଜସେବୀ ବିଭୂତେନ୍ଦୁ ମିଶ୍ର ଯୋଗ ଦେଇ ଆନ୍ତର୍ଜାତୀୟ ମହିଳା ଦିବସ ର ଥିମ ଗିଭ ଟୁ ଗେନ ଉପରେ ଆଲକ ପାତ କରିବାସହ ନାରୀ ଶକ୍ତି ବନ୍ଦନ ଅଧିନିୟମ ଦ୍ୱାରା ୩୩% ସ'ରକ୍ଷଣ ବିଧାନସଭା ଓ ଲୋକସଭା ସ'ରକ୍ଷଣ କରାଯିବା ଓ ସର କାରଙ୍କ ଦ୍ୱାରା ନିଆଯାଇ ଥିବା ନାରୀ ସଶକ୍ତିକରଣ ଉପରେ ବିଭିନ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜ ସେବୀ ସୁଷମା ଦତ୍ତ ସଂସ୍ଥାନ ର ଉପାଦକ୍ଷ ପରମାନଦ ଦାସ ନାରୀ ସଶକ୍ତି କରଣ ର ବିଭିନ ଦିଗ ଉପରେ ଆଲୋଚନା କରିଥିଲେ ସଂସ୍ଥାନ ର ସଯୋଯକ ସଞ୍ଜୟ ଗିରି ଧନ୍ୟବାଦ ଅର୍ପଣ କରିଥିବା ବେଳେ। ସଂସ୍ଥାନ ର ପ୍ରକଳ୍ପ ଅଧିକାରୀ ହରିଶ୍ଚନ୍ଦ୍ର ବେହେରା ସ୍ୱାଗତ ଭାଷଣଦେଇଥିଲେ। କାଯ୍ୟକ୍ରମ ପରିଚାଳନା ରେ ପ୍ରିୟଙ୍କା ମହାନ୍ତି, ପ୍ରଶାନ୍ତ ପରିଡ଼ା, ପୂଜା ଝାଓ୍ୱର, ଅସିତ ପାତ୍ର ପ୍ରମୁଖ ସହଯୋଗ କରୀଥିଲେ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ବିଭିନ ଅଞ୍ଚଳ ରୁ ଓ ପ୍ରଶିକ୍ଷଣ କେନ୍ଦ୍ର ରୁ ବିଦ୍ୟାର୍ଥୀ ମାନେଓ ପ୍ରଶିକ୍ଷକ ମାନେ ଯୋଗ ଦେଇଥିଲେ। ଏହି ଅବସର ରେ ଆୟୋଜକ ସଂସ୍କୃତିକ କାଯ୍ୟକ୍ରମ ରେ କୃତି ପ୍ରତି ଯୋଗୀ ମନକୁ ଅତିଥି ମାନକ ଦ୍ୱାରା ପୁରସ୍କୃତ କରଯାଇଥିଲା।

# ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ଚଡ଼କ ପର୍ବର ପ୍ରଥମ ପ୍ରସ୍ତୁତି ବୈଠକ

**ବାଲିଆପାଳ,୧୦।୩ (ସଂଚାର ବ୍ୟୁରୋ) :** ବାଲିଆପାଳ ବ୍ଲକର ସର୍ବ ପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ନିଖିରେଶ୍ୱର ମହାଦେବ ଜୀଉଙ୍କ ପ୍ରସିଦ୍ଧ ଚଡ଼କ ପର୍ବ ପାଳନ ନିମନ୍ତେ ପ୍ରଥମ ପ୍ରସ୍ତୁତି ବୈଠକ ଶନିବାର ଅପରାହ୍ନରେ ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଲକ୍ଷ୍ମଣ ଚରଣ ଦଳେଇ ସଭାପତିତ୍ୱ କରିଥିଲେ କ୍ଷ୧୩ମୌଜାର ସମସ୍ତ ଗ୍ରାମରୁ ସଦସ୍ୟମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ବାବା ନିଖିରେଶ୍ୱର ମହାଦେବ ଜୀଉଙ୍କ ପବିତ୍ର ଚଡ଼କ ପର୍ବ ଆରମ୍ଭ ହୋଇ ୧୩ ଦିନ ବ୍ୟାପି ପାଳିତ ହେବ। ଚଳିତ ବର୍ଷ ପ୍ରସିଦ୍ଧ ଚଡ଼କ ପର୍ବକୁ ଧୁମ୍ ଧାମରେ ପାଳନ କରାଯିବା ନେଇ ବୈଠକରେ ନିଷ୍ପତି ନିଆ ଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଚଡ଼କ ମେଳା କମିଟିର ବରିଷ୍ଠ ସଦସ୍ୟ ସଦାଶିବ ବେହେରା, ନବକୃଷ୍ଣ ଦାସ, ନୂତନ କୋଷାଧ୍ୟକ୍ଷ ଅନନ୍ତ ଭୂୟାଁ, ପ୍ରହ୍ଲାଦ ଚରଣ ଜେନା, ହରିଶ୍ଚନ୍ଦ୍ରଗିରି, ଯୁଗଳ କିଶୋର ପାତ୍ର, ସୁକାନ୍ତ କୁମାର ସାହୁ, ଶ୍ରୀମନ୍ତ କୁମାର ଦେ, କୃଷ୍ଣ ଚନ୍ଦ୍ର ଦେ, ପ୍ରବୀର କୁମାର ଦେ, ବିଜୟ କୁମାର ସେଠୀ, ନିରଞ୍ଜନ ନନ୍ଦୀ, ପୂର୍ଣ୍ଣ ଗିରି, ଯଦୁନାଥ ଗିରି ପ୍ରମୁଖ ଅନ୍ୟ ସଦସ୍ୟମାନେ ତଥା ମନ୍ଦିରର ପୂଜକ ଓ ଅନ୍ୟାନ୍ୟ ବ୍ରାହ୍ମଣ ସମାଜ ଉପସ୍ଥିତ ଥିଲେ ।

# ଶ୍ରୀରାମନବମୀ ପାଳନ ପାଇଁ ଶ୍ରୀରାମ ସେନାର ପ୍ରସ୍ତୁତି ବୈଠକ

**ନୀଳଗିରି,୧୦।୩ (ସଂଚାର ବ୍ୟୁରୋ):** ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମଦିନ ଉପଲକ୍ଷେ ନୀଳଗିରି ଶ୍ରୀରାମସେନା ପକ୍ଷରୁ ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମାର୍ଚ୍ଚ ୨୭ତାରିଖ ଶ୍ରୀରାମନବମୀ ଉପଲକ୍ଷେ ଅନୁଷ୍ଠିତ ହେବାକୁଥିବା ଭବ୍ୟ ଆୟୋଜନପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ରାମସେନା, ବଜରଙ୍ଗବାହିନୀର ଏକ ବିରାଟପଟୁଆର ଜଗନ୍ନାଥମନ୍ଦିର ଠାରୁ ବାହାରି ସହରପରିକ୍ରମା କରିବାପରେ ସମ୍ମିଳିତ ହୋଇ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହେବାର ସ୍ଥିରୀକୃତ ହୋଇଛି। ତିନିହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଏହି ଅବସରରେ ପ୍ରସାଦ ବଣ୍ଟନ କରିବାସହିତ ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ଏହି ବୈଠକରେ ସାଂସଦ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାସ, ମନୋରଞ୍ଜନ ବେହେରା, ଦେବାଶିଷ ଆଚାର୍ଯ୍ୟ, ସବ୍ୟସାଚୀ ମହାପାତ୍ର, ଅଜିତ କୁମାର ମହାନ୍ତି, ଶୁଭ୍ରାଂଶୁ ଶେଖର ନନ୍ଦ, କରୁଣାକର ସ୍ୱାଇଁ, ଆନନ୍ଦ ମିଶ୍ର, ପ୍ରଫୁଲ୍ଲ ଦଳେଇ, ବୁଦ୍ଧିଆ ବେହେରା, ସୂର୍ଯ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ଯୁବକ ସମବେତହୋଇ ବୈଠକରେ ଅଂଶଗ୍ରହଣ କରିଥିଲେ।

# ନୀଳଗିରି ଠାରେ ଚତୁର୍ଦ୍ଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ନୀଳଗିରି,୧୦।୩ (ସଂଚାର ବ୍ୟୁରୋ) :** ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୁଲ୍ୟରେ ନୀଳଗିରି ଏନଏସି ଅନ୍ତର୍ଗତ ୫ ନମ୍ବର ୱାର୍ଡ଼ ବରିସାହି ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଶିବିରରେ ଅସ୍ଥିସଲ୍ୟ ବିଭାଗ,ଚକ୍ଷୁ ବିଭାଗ, ମାନସିକ ଅନଗ୍ରସର ବିଭାଗ, ଭେଷଜ ବିଭାଗ ପକ୍ଷରୁ ଡାକ୍ତରଙ୍କ ଦ୍ୱାରା ରୋଗୀ ମାନଙ୍କୁ ଚିକିତ୍ସା କରାଜାଇଥିଲା । ଅସ୍ଥିସଲ୍ୟ ବିଭାଗର ଡାକ୍ତର ରାଧା ପ୍ରସାଦ ମିଶ୍ର, ଚକ୍ଷୁ ବିଭାଗର ଡାକ୍ତର ଚିତ୍ତ ରଞ୍ଜନ ପରିଡ଼ା, ମାନସିକ ଅନଗ୍ରସର ବିଭାଗର ଡାକ୍ତର ବିକାଶ ରଞ୍ଜନ ଦାସ ,ଓ ଭେଷଜ ବିଭାଗର ଡାକ୍ତର ସୁବାଷ ଦାସ ରୋଗୀ ମାନଙ୍କୁ ପରାମର୍ଶ ଦେବା ସହିତ ରୋଗ ପାଇଂ ଔଷଧ ପରାମର୍ଶ ଦେଇଥିଲେ। ଉକ୍ତ ଶିବିର ରେ ଅସ୍ଥି ଶଲ୍ୟ ଓ ଭେଷଜ ବିଭାଗରୁ ୬୦, ମାନସିକ ବିକାରଗ୍ରସ୍ତ ୧୬ ଓ ୧୭ ଚକ୍ଷୁ ରୋଗୀ ମିଶି ସମୁଦାୟ ୯୩ ରୋଗୀଙ୍କ ପଞ୍ଜିକରଣ କରାଯାଇଥିଲା ବେଳେ ଯୋଗ୍ୟ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ନୀଳଗିରି ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଏନଏସି ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ସିଇଓ ମମତା ପଣ୍ଡା, ଅଂଶୁମାନ ମହାନ୍ତି, ହିମାଂଶୁ ବାରିକ, ଦୀପ୍ତି ମୟୀ ପାଣି, ସୁବ୍ରତ ବେହେରା, ରାଜୀବ କୁମାର ଜେନା, ରଜତ ବେହେରା, ଯତୀନ ସାହୁ, କାଉନ ସିଲର ରାଜୁ ସିଂ, କମଳାମଣୀ ପରିଡ଼ା, ପ୍ରତାପ ସେଠୀ, ଶୁଚିସ୍ମିତା ଖଟୁଆ, ସୁଲୋଚନା ଖଟୁଆ, ଗୌରାଙ୍ଗ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟି ସକାଳ ୮ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୨ଘଟିକାରେ ଶେଷ ହୋଇଥିଲା।

# ଦ୍ୱିତୀୟ ସଂସ୍କୃତି ସମ୍ମାନ ନାଟ୍ୟୋତ୍ସବ ୨୦୨୬ରେ ଚର୍ଚ୍ଚିତ ନାଟକ 'ଶୁକ ଶାରୀ କଥା'



**ଭୁବନେଶ୍ୱର,୧୦।୩ (ସଂଚାର ବ୍ୟୁରୋ):** ରାଜ୍ୟର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଯୁଧିଷ୍ଠିର ଥିଏଟର,ସ୍ଥାନୀୟ ଭଞ୍ଜ କଳା ମଣ୍ଡପରେ ମାର୍ଚ୍ଚ ୪ ଓ ୫ ତାରିଖରେ ଅନୁଷ୍ଠିତ ହୋଇ ଯାଇଥିବା ତାର ଦ୍ୱିତୀୟ ସଂସ୍କୃତି ସମ୍ମାନ ନାଟ୍ୟୋତ୍ସବ ୨୦୨୬ର, ଦୁଇ ଦିନିଆ ନାଟ୍ୟୋତ୍ସବରେ ପ୍ରଥମ ଦିନର ନାଟକ ପ୍ରଦର୍ଶନ ପାଇଁ, ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ନାଟ୍ୟଦଳ, ଏକ୍ସପ୍ରେସନ୍ସ, ଭୁବନେଶ୍ୱରକୁ ନିମନ୍ତ୍ରଣ କରିଥିଲେ,କାର୍ତିକ ଚନ୍ଦ୍ର ରଥଙ୍କ ରଚିତ ଏବଂ ଦେବାନନ୍ଦ ନାୟକ ସୋନୀଙ୍କ ନିର୍ଦ୍ଦେଶିତ ନାଟକ "ଶୁକ ଶାରୀ କଥା" ମଞ୍ଚସ୍ଥ କରିବା ପାଇଁ। ନାଟକର କଥାବସ୍ତୁ ଆମ ଓଡ଼ିଶାର ପ୍ରାଚୀନ ପାରମ୍ପରିକ ବାଘ ନାଚର ଜଣେ କଳାକାର, ଶୁକର ଦୁର୍ଦ୍ଦିନମୟ ପାରିବାରିକ ଜୀବନକୁ ନେଇ ରଚିତ।

ଶୁକ ଦିନେ ଏଇ ନାଚ କଳାକୁ ପ୍ରଦର୍ଶନ କରି ଯୁବାବସ୍ଥାରେ ବେଶ୍ ନାମ କମେଇ ଥିଲା। ନିଜ ଗାଁ ର ଯୁବତୀ ଶାରୀ ତା'ର ଏହି କଳା ପ୍ରତି ଆକର୍ଷିତ ହୋଇ ତା'କୁ ବିବାହ ମଧ କରିଥିଲା। କିନ୍ତୁ ସମୟ ବଦଳିବା ସହିତ ଶୁକ ଦିନେ ଅକ୍ଷମ ହେଇଯାଏ, ଗାଁ ର ଜମିଦାରଙ୍କ କୂରତା ପାଇଁ। ସେଇ ଦିନ ଠାରୁ ଶୁକ ଜୀବନରେ ଆସେ କଳାବାଦଲ। ନା ସେ ଜମି ବାଡି ରେ କାମ କରିପାରେ ନା ବାଘ ନାଚ ନାଚି ପାରେ। ଶୁକ ଚାଲିଯାଏ ନୈରାଶ୍ୟଜନକ ବଳୟ ଭିତରକୁ। ନିଶା ସେବନ ହେଇଯାଏ ତାର ମୁଖ୍ୟ କାର୍ଯ୍ୟ। ଶାରୀ ପର ଘରେ କାମ କଲେ ଘରେ ଭାତ ମୁଠେ ମିଳେ। ଏ ପ୍ରକାରର ପରିସ୍ଥିତିରେ ଶୁକ ହିତାହିତ ଜ୍ଞାନ ହରେଇ ବସେ। ଆର୍ଥିକ ଅନାଟନକୁ ମୁକାବିଲା କରିବାକୁ, ନକଲି ବାଘ ସାଜି ହିଂସ୍ର ଭାବନା ମନକୁ ଆଣେ। ନିଜ ସ୍ତ୍ରୀ ର ଯୌବନକୁ ପର ଲୋକ ହାତରେ ବିକିବାକୁ ଯୋଜନା କରେ। ଶାରୀ ପ୍ରତିରୋଧ କରେ ଏବଂ ଶେଷରେ ଜୀବନ ହାରି ଦିଏ। ଶୁକ ଏବେ ପଶ୍ଚାତାପରେ ଘାଣ୍ଟି ହେଇ ନିଜ ଭିତରେ ଜନ୍ମିଥିବା ହିଂସ୍ରକ ବାଘ ପ୍ରକୃତିରୁ ମୁକୁଳି ଆସେ। ତେବେ କଥା ଏତିକିରେ ସରେନାହିଁ। ସ୍ୱତଃ ମନରେ ପ୍ରଶ୍ନ ଆସେ,ଆମ ସମାଜର କଣ କର୍ତ୍ତବ୍ୟ ନୁହେଁ, ଏହି ପାରମ୍ପରିକ ନାଟ୍ୟ କଳାକାର ମାନଙ୍କ ପ୍ରତି ସାମାନ୍ୟ ଉଦାରତା ଦେଖେଇବା ! ସାମାନ୍ୟ ସାହାଯ୍ୟର ହାତ ବଢେଇବା ! ଯଦ୍ୱାରା ସେମାନେ ସେହି କଳାରେ ନିଜକୁ ନିୟୋଜିତ ରଖି ପାରିବେ ଏବଂ ପରିବାର ଭରଣପୋଷଣ କରିପାରିବେ ! ଯ ଦ୍ୱାରା ପ୍ରୋତ୍ସାହନ ଅଭାବରୁ ଦିନ କୁ ଦିନ ବିଲୁପ୍ତ ହୋଇ ଆସୁଥିବା ଆମର ଏହି ପ୍ରାଚୀନ ବାଘ ନାଚର ପରମ୍ପରାଟି ସବୁଦିନ ପାଇଁ ଜୀବିତ ହୋଇ ରହି ପାରିବ। ଏହି ଚମତ୍କାର ବିଷୟ ବସ୍ତୁକୁ ନେଇ ମଞ୍ଚସ୍ଥ ହୋଇଥିବା ନାଟକରେ ଆବହ ସଙ୍ଗୀତ ଦେଇଥିଲେ ଆଶିଷ ପୁପି,ଆଲୋକ ସମ୍ପାଦନା ଶୁଭଙ୍କର, ରୂପସଜ୍ଜା ଜଗା ରାଓ, ମଞ୍ଚ ତ୍ରିମୂର୍ତ୍ତି ଏବଂ ପୋଷାକ କାଜୋଲ ରାନୀ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ନାଟକ "ଇନ୍ଦ୍ରଜାଲ" ପରିବେଷଣ କରାଯାଇଥିଲା।

# ରୁକସାନା ପରବିନ



## ଆଶୁତୋଷ ମିଶ୍ର



ମା'ରେ ତୋ ନାଁ କଣ ? ଗୋବିନ୍ଦ ବାବୁ ଯଥାସମ୍ଭବ ନିଜକୁ ସରଳ କରି ପିଲାଟିକୁ ବାରମ୍ବାର ପଚାରୁଥିଲେ ତା' ପରିଚୟ। କିଏ କହିବ ଏହା ଗୋବିନ୍ଦ ବାବୁଙ୍କ ଆୱାଜ ବୋଲି ? ଯାହାଙ୍କର ଗୋଟାଏ ଗର୍ଜନ ଶୁଣିଲେ ଚୋର ଟସ୍କରଙ୍କ ହାଲତ ଖରାପ ହେଇଯାଉଥିଲା। ଗଗନପୁର ଇଲାକାର ସବୁଠୁ କଡ଼ା ଇନିସ୍ପେକଟର ଗୋବିନ୍ଦ ଚନ୍ଦ୍ର ପାଣି, ଆଜି ଆଖି ଓଦା କରି ଛିଡ଼ା ହୋଇଥିଲେ ଶିଶୁଟିର ସାମ୍ନାରେ। କିପରି ତାକୁ କହିବେ, ମା'ରେ ତୋ ସମଗ୍ର ପରିବାର ଜୀବନ୍ତ ଦଗ୍ଧ। ଏବେ ତତେ ଏକେଲା ବଞ୍ଚିବାକୁ ହେବ, ଲଢ଼ିବାକୁ ହେବ ଦୁନିଆ ଦାଣ୍ଡରେ।

ଗତ ରାତିରେ ଜାଫର ଖାଁ ବସ୍ତିରେ ଲାଗିଗଲା ନିଆଁ। ଚାହୁଁଚାହୁଁ ଦୁଇଟି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା। ଫାୟାର ବିଗ୍ରେଡ଼ୱାଲା ମାତ୍ର ବଂଚେଇପାରିଥିଲେ ଏହି ଛୋଟ ଝିଅଟିକୁ। କୁନି କଣ୍ଢେଇଟିକୁ ଜାବୁଡ଼ି ଧରି ଥରୁଥିବା ଏହି ଛୋଟ ଝିଅଟିକୁ ଫାୟାରମ୍ୟାନ ରମେଶ ବାବୁ ଇନିସ୍ପେକଟର ଗୋବିନ୍ଦ ବାବୁଙ୍କୁ ଜିମା ଦେଲେ। ନିଆଁ ଲାଗିଲା ବେଳେ ପରିବାରର ଅନ୍ୟ ସଦସ୍ୟ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ଜିନିଷ ଅଣ୍ଡାଳି ନେଇଯାଉଥିବା ଦେଖି, ଏ କୁନି ଝିଅ ଟି ତା ପ୍ରିୟ ଜିନିଷକୁ ଜାବୁଡ଼ି ଧରିଛି ......... ଆହାଃ କେଡ଼େ କରୁଣ...... କେଡ଼େ ନିଷ୍ଠୁର ଏ ବିଧାତା...... ପିଲାଟି କପାଳରେ ଛେଉଣ୍ଡତା ଯୋଡ଼ିଦେଲା।ଗୋବିନ୍ଦ ବାବୁ ପୁନଶ୍ଚ କଅଁଳେଇ ପଚାରିଲେ - ମାଆରେ ତୋ ନାଁ କଣ ? କୁନି ଝିଅଟି ଥର ଥର କଣ୍ଠରେ କହିଲା - ରୁ..କ.. ସା..ନା..... ପର...ବିନ।

ତା କୁନି ଓଠରୁ ସାବଲୀଳ କଣ୍ଠରେ ତା ନିଜ ନାଁ ଟି ବଡ଼ ସୁନ୍ଦର ଲାଗୁଥିଲା। ଗୋବିନ୍ଦ ବାବୁ ଦୁଇଚାରି ଥର ପୁନରାବୃତ୍ତି କଲେ - ରୁକସାନା ପରବିନ, ରୁକସାନା ପରବିନ। ଜୀବନରେ ଅନେକ ମାନ ସନମାନ ପାଇଥିବା ଗୋବିନ୍ଦ ବାବୁ ଙ୍କ ହୃଦୟର କେଉଁ ଏକ ଫାଙ୍କା ସ୍ଥାନରୁ ଝଙ୍କୁରିତ ହେଉଥିଲା ରୁକସାନା ପରବିନର ନାଁ ଟା। ପିଲାଟିଏ ପାଇଁ ଗୋବିନ୍ଦ ବାବୁ ଆଉ ତାଙ୍କ ଧର୍ମପତ୍ନୀଙ୍କର ସମସ୍ତ ଚେଷ୍ଟା ଅସଫଳ ହେବା ପରେ, ଗୋବିନ୍ଦ ବାବୁ ସବୁଦିନ ପାଇଁ ଭୁଲିଯାଇଥିଲେ ପିତୃତ୍ୱ ସୁଖ ଏବଂ ସୁଷମା ଦେବୀ ନିଜକୁ କରିନେଇଥିଲେ ଆଣ୍ଟୁକୁଡ଼ା ପରି ଏକ ଅସମ୍ମାନୀୟ ଶବ୍ଦ ର ଅଧିକାରିଣୀ।

ଏ କଅଁଳ ପିଲାଟିକୁ ସରକାରୀ ଅନୁଦାନ ପ୍ରାପ୍ତ ଏନ. ଜି.ଓ କୁ ହସ୍ତାନ୍ତର କରିଦେବେ କି ? ନା ସାଉଁଟି ନେବେ ନିଜ ଅଗଣାରେ ସଜେଇବା ପାଇଁ। ଗୋବିନ୍ଦ ବାବୁ ମାନସ ମନ୍ଥନ କରୁଥିଲେ, ଜୀବନକୁ ଓଲଟେଇ ପଲଟେଇ ବାରବାର ଦେଖୁଥିଲେ, କେଇଟା ପ୍ରଶ୍ନ ବାହାର ଭଗବାନଙ୍କୁ ଓ କେଇଟା ପ୍ରଶ୍ନ ନିଜ ଭିତର ଭଗବାନଙ୍କୁ ପଚାରୁଥିଲେ। ଏ ଯେ ମୁସଲମାନ ବଚା ଟିଏ ? ମୁଁ ହିନ୍ଦୁ ନୈଷ୍ଠିକ ବ୍ରାହ୍ମଣ........। ଧର୍ମ ନିକିତିର ଦୁଇଟି ପଲାରେ ଓଜନ ହେଉଥିଲା ରୁକସାନା ପରବିନ ର ଭାଗ୍ୟ। ଗୋଟିଏ ପଟେ ହୃଦୟ ର ପ୍ରତ୍ୟେକ ଧୂକଧୂକି ରୁ ବାହାରୁଥିବା ପିତୃତ୍ୱ ଲାଳସା ଅନ୍ୟ ପଟେ ମସ୍ତିକ ରୁ ସ୍ନାୟୁ ମାନଙ୍କର ନାନାବିଧ ଶୁଣା ଜ୍ଞାନ। ଗୋବିନ୍ଦ ବାବୁ ବିକଳରେ ଚାହିଁଦେଲେ ପିଲାଟିର ସରଳ ଆଖି ଯୋଡ଼ାକୁ, ନୀରବରେ ଧାରେ ଲୁହ ଚିବୁକ ଦେଇ ବହିଗଲା। ରୁକସାନା କଣ ବୁଝିଲା କେଜାଣି - ଦୌଉଡି ଆସିଲା ଗୋବିନ୍ଦ ବାବୁଙ୍କ ପାଖକୁ - ମେଁ ଆପକୋ ମେରି ଗୁଡ଼ିୟା ନେହିଁ ଦିୟା ଇସିଲିଏ ଆପ ରୋ ରେହେହେଁ ନା ରୋୟିଏ ମତ, ୟେ ଲିଜିଏ ମେରି ଗୁଡ଼ିୟା, ଆମ୍ମି କେହତି ହେ ସବକେ ସାଥ ମିଲକେ ଖେଲନା ଚାହିଏ, ତା କୁନି ହାତରେ ଟେକିଦେଲା ଛୋଟ କଣ୍ଢେଇଟିକୁ ଗୋବିନ୍ଦ ବାବୁଙ୍କୁ। ଗୋବିନ୍ଦ ବାବୁଙ୍କ ଆଖିରୁ ଧାରେ ତତଲା ଲୁହ ଜାଗାରେ ବହିଗଲା ନିର୍ମଳ ନିର୍ଝରିଣୀ ଟେ, ଯେଉଁ ନିର୍ଝରିଣୀ ର ପ୍ରତ୍ୟେକ ବୁନ୍ଦା ତାଙ୍କୁ ବୁଝାଉଥିଲା ପବିତ୍ର ଧର୍ମର ପରିଭାଷା।

---




## ଯୁଦ୍ଧ-ପ୍ରେମ

### ଡ. ଶୁଭେନ୍ଦୁ ମେହେର

କେତେ ଆଉ ଲଢ଼ିବ
ଦେଶ ଦେଶ ଭିତରେ ହିଂସାର ଲଢେଇ
ଯୁଦ୍ଧଂ ଦେହୀର ଡାକରାରେ !

ଗୁଳି ଗୋଳାବାରୁଦ
ଗଚ୍ଛିତ ରହୁ ସେଇମିତି,
ଅସ୍ତ୍ର ଶସ୍ତ୍ରର ଧାର, ମୂଳାୟମ ହେଉ ଅନାୟାସେ ।

ଋତୁ ପରି ବଦଳି
କ୍ଷତାକ୍ତ କରୁଥିବା ଧ୍ୱଂସସ୍ତୁପ ବିଧ୍ୱଂସ ହେଉ ।
ଯୁଦ୍ଧର ରଙ୍ଗକୁ ଧୋଇଦିଅ,
ମନର ବେଗବାନ ଘୋଡ଼ାକୁ ଅକ୍ତିଆର କର
ଲୋଡ଼ନାହିଁ ସ୍ୱର୍ଣ୍ଣିମ ବିଜୟ

କି କଳ୍ପିତ ଆତଙ୍କ !
ପ୍ରେମର ରଙ୍ଗ ମାଖ,
ହୃଦୟର ରଙ୍ଗ ମାଖ
ଆଦରର ଆଉ ବିଶ୍ୱାସର ରଙ୍ଗ ମାଖ
ପ୍ରେମର ନଈଟିଏ ହୋଇ ନରମିଯାଅ ।
ସହସ୍ର ଶିବଙ୍କୁ ଶବ ସଜେଇ
କେତେଦିନ ଆଉ,
ରକ୍ତର ରଙ୍ଗକୁ ଲାଲ ଭାବିବ।
ସ୍ନେହ ଆଉ ପ୍ରେମର ରଙ୍ଗ ବି ତ ଲାଲ ହିଁ ଥାଏ ।

ଆସୁନ ଟିକେ ନିଃସର୍ତ୍ତ ପ୍ରେମ କରିବା
ଯେଉଁଠି ନଥିବ
ପଡୋଶୀର ଇର୍ଷା !
ନାରୀ ଆଉ ପୁରୁଷର,
ଧନୀ ଆଉ ଗରୀବର,
ଉଚ୍ଚ ଆଉ ନୀଚର ଦ୍ୱିଭାଷା !
ପାଇବାର ଆଶା, ନ ପାଇବାର ନିରାଶା
କେବଳ ଆଉ କେବଳ ଥିବ
ତ୍ୟାଗର ଦିବ୍ୟାଶା ।

ଏଇଠି ତ, ଦେହ ଦେହ ଭିତରେ ଲଢ଼େଇ
ଇର୍ଷା, ବିଦ୍ୱେଷ, ପରଶ୍ରୀ କାତରତା
ଅସହିଷ୍ଣୁତା ଆଉ କ୍ରୁରତା ।

ହାରିବା ଜିତିବାର ମୋହରୁ
ଉତୁରି ଆସି
ତୁମର ସେ'
ବୋମା ଦୁଇଟିରୁ ବାରୁଦ କାଢ଼ି
ପ୍ରେମ ଆଉ ଅମୃତ ପୁରାଅ
ହୃଦୟର ଦୁଇପଟେ ସଜେଇ ଦିଅ
ସର୍ବାନ୍ତକରଣରେ
ଛାତିରେ ଛାତିକୁ ମିଶାଇ ଦେଖ ।

ଦେହରେ ଦେହକୁ ଘଷ,
ଓଠରେ ଓଠ, ହାତରେ ହାତ !
କେତେ କୋମଳତା, ଶୀତଳତା,
ସରଳତା ଆଉ ଅତ୍ମୀୟତା ଅଛି
ଅନୁଭବ କର ।

ମାପିନିଅ ପ୍ରେମରେ,
ପ୍ରୀତିରେ, ସମ୍ମୋହନରେ, ମିଳନରେ,
ଆଶାରେ, ଆଶ୍ୱାସନାରେ ।

ଯୁଦ୍ଧରେ ଜିତିଲେ ଆନନ୍ଦ
ଆଉ ପ୍ରେମରେ ହାରିଲେ ମହାନନ୍ଦ ।।

**ଯାଲୋଏ, ସୁବର୍ଣ୍ଣପୁର**



---



## ହୋଲି

### ସନ୍ତୋଷ କୁମାର ସାହୁ

ଶିବରାତ୍ରି ପୂଜା ଫଗୁଣ ଅମାବାସ୍ୟା
ଶେଷ ହେବା କିଛି ଦିନେ
ଦୋଳ ପୂର୍ଣ୍ଣିମା ଓ ହୋଲି ଖେଳ ଆସେ
ବସନ୍ତର ଆଗମନେ...
ପୁରପଲ୍ଲୀବାସୀ ମହା ଆନନ୍ଦରେ
ହୋଲି ରଙ୍ଗେ ଯାଇ ମାତି
ଜାତି ଧର୍ମ ଭୁଲି ଅବିରକୁ ବୋଳି
ଖେଳୁଥାନ୍ତି ସାଙ୍ଗସାଥି...
ଉଲ୍ଲସିତ ହୋଇ ଉତ୍କଳୀୟ ମାନେ
ରାଧା କୃଷ୍ଣ ପୂଜା କରି
ବିମାନେ ଠାକୁର ଭକ୍ତ ବୃନ୍ଦ ଧରି
ବଜାନ୍ତି ମୃଦଙ୍ଗ ତୁରୀ....
ଭକ୍ତ କର ତାଳି ଝାଞ୍ଜ ଶବଦରେ
ଗ୍ରାମ ଦାଣ୍ଡ ପଡ଼େ ଫାଟି
ଅବାଳ ବୃଦ୍ଧ ବନିତା ଖେଳିଥାନ୍ତି
ଅବିର ରଙ୍ଗକୁ ଛାଟି...
ରାସାୟନିକ ରଙ୍ଗେ ଖେଳ ନାହିଁ ହୋଲି
ଚକ୍ଷୁ ଚର୍ମ ହେବ କ୍ଷତି
ରାଗ ରୁଷା ଠାରୁ ଦୂରେଇ ରହିବା
ବାଣ୍ଟିଦେଇ ସ୍ନେହ ପ୍ରୀତି...
ଚନ୍ଦନ କୁଙ୍କୁମ ହିଙ୍ଗୁଳ ହଳଦି
ଗେରୁ ମାଟି କରି ଚୂର୍ଣ୍ଣ
ନିମ ଓ ଚାଉଳ ଷଢ଼େଇ କୁ ପୋଡ଼ି
କରିବା ବିବିଧ ବର୍ଣ୍ଣ...
ଏହି ସବୁ ଦ୍ରବ୍ୟ କଲେ ବ୍ୟବହାର
ସୁସ୍ଥ ରହେ ତନୁ ମୁଖ
ପ୍ରାକୃତିକ ରଙ୍ଗେ ହୋଲି କ୍ରୀଡ଼ା କଲେ
ନିଶ୍ଚୟ ଲଭିବା ସୁଖ.....

**ଗାନ୍ଧୀ ନଗର, କୋରାପୁଟ**
**ମୋବାଇଲ୍: ୯୪୩୭୪୩୩୬୫୭**



---



## ମୋହଠାରୁ ଶିଖ

### ଶୋଭାମୟୀ ପତ୍ରୀ

ବୃକ୍ଷ କହୁଅଛି ମୋହଠାରୁ ଶିଖ
ନମନୀୟ ଗୁଣ ସବୁ,
ଜୀବନ ଯାତ୍ରାରେ ହାରିବୁନି କେବେ
ଦୁଃଖ ଦେଖିବୁନି ବାବୁ।
ସଲିଳ କହୁଛି ଶୁଦ୍ଧତା ମନରେ
ବାବୁରେ ତୁ ରଖିଥିବୁ,
ଅହଂକାର ଠାରୁ ଦୂରରେ ରହିକି
ସଭିଙ୍କ ଶୋଷ ମେଣ୍ଟିବୁ।
ପୱନ ଠୁଁ ନେଇ ସମାନତା ଗୁଣ
ପିଣ୍ଡରେ ଭରିବୁ ପ୍ରାଣ,
ସଭିଙ୍କୁ ସମାନ ଦୃଷ୍ଟିରେ ଦେଖିବୁ
ବଡ଼ ହୁଅନ୍ତୁ ବା ସାନ।
ଅଗ୍ନି ପରି ତୁହି ସର୍ବଗ୍ରାସୀ ହୋଇ
ଷଡ଼ରିପୁ ଗ୍ରାସୀ ଦେବୁ,
ସୁମନ ପରିକା ସୁଖ ଶାନ୍ତି ବାସେ
ଚଉଦିଗେ ଚହଟିବୁ।
ଜଡ଼ କହୁଅଛି ମୋହ ଠାରୁ ବାବୁ
ନେଇଯା ତୁ ନିରବତା,
ସହମତି ଦେଇ ସ୍ଥିର ମାନସରେ
ନୀରବେ କହିବୁ କଥା।
ଶ୍ୱାନଠୁଁ ବିଶ୍ୱସ୍ତ ଗୁଣକୁ ଶିଖିବୁ
ପିପିଲିକା ଠୁଁ କର୍ମଠ,
ସହିବା ଜାଣିବୁ ପଥରକୁ ଦେଖି
ସ୍ଥାନ ଯା ପୋଖରୀ ତୁଠ।
ସୁନ୍ଦର ସୃଷ୍ଟିରେ ମାନବ ଜୀବନ
ଈଶ୍ୱରଙ୍କ ଦିବ୍ୟ ଦାନ,
ସଭିଙ୍କ ଠୁଁ କିଛି ସୁଗୁଣକୁ ବାଛି
ସଂସାରେ ହେବୁ ମହାନ।

**କେନ୍ଦ୍ରାପଡ଼ା**



---



## ଦୋଳ ବିମାନରେ ଦୋଳ ଗୋବିନ୍ଦ

### ନିବେଦିତା ପଣ୍ଡା

ଦୋଳ ଗୋବିନ୍ଦଙ୍କ ବିମାନେ ଗମନ
ଦୋଳ ପର୍ବ ନିଦର୍ଶନ,
ଚାଚେରୀ ଭୋଗରେ ରଙ୍ଗ ଅବିରରେ
ଦୋଳ ଗୋବିନ୍ଦଙ୍କ ମନ।

ସାତ ରଙ୍ଗ ନେଇ ଆସିଅଛି ଦୋଳ
ଫଗୁ ବୋଳାଫଗୁଣରେ,
ରଙ୍ଗାୟିତ ଆଜି ସମଗ୍ର ଧରଣୀ
ଦୋଳ ରଙ୍ଗ ପରବରେ।

ଭାଇଚାରାର ଏ ଗଣ ପରବଟି
ସମ୍ପର୍କେ ଆଣେ ସ୍ୱଚ୍ଛତା,
ରାଗ,ଦ୍ୱେଷ ଭୁଲି ପରସ୍ପର ମଧ୍ୟେ
ବାଣ୍ଟିଥାଏ ମଧୁରତା।

ପ୍ରେମ ପ୍ରୀତି ଭରା ରଙ୍ଗ ଅବିରରେ
ମନହୁଏ ରଙ୍ଗାୟିତ,
ବରଷକେ ଥରେ ଖୁସି ଆନନ୍ଦରେ
ହୋଇଥାନ୍ତି ଉତ୍ଫୁଲିତ।

ଉତ୍କଳ ଗୌରବ ଏ ଦୋଳ ପରବ
ରାଧାକୃଷ୍ଣ ପ୍ରେମ ରାସ,
ଦୋଳ ବିମାନରେ ରଙ୍ଗ ଅବିରରେ
ଯୁଗଳ ମୂର୍ତ୍ତି ହରସ।

ଫୁଲରେ ପତରେ ଗଛର ଡାଳରେ
ମଧୁ ମଳୟ ଝଲକ,
ଦେହେ ବୋଳି ଦିଏ ସାତ ରଙ୍ଗ ପୁଣି
ପ୍ରାଣରେ ଆଣେ ପୁଲକ।

ଚୋରା ମଳୟ ତା' ମନେ ଆଙ୍କିଦିଏ
କେତେ ରଙ୍ଗୀନ ସପନ,
ଧରାକୁ ଆସଇ ନୂଆ ବାର୍ତ୍ତା ନେଇ
ଫଗୁ ବୋଳା ସେଫଗୁଣ।

ଶୀତର ବିଦାୟ ଲଗ୍ନରେ ଫଗୁଣ
ଦୋଳ ପର୍ବ ନେଇ ଆସେ,
ପଲ୍ଲୀରୁ ସହର ନବ ପଲ୍ଲବିତ
ରଙ୍ଗ ପରଶରେ ହସେ।

ପ୍ରକୃତିର କୋଳେ ଚାରୁଲତା ଡାଳେ
ପୁଷ୍ପମୟ ଉଦ୍ଦିପନା,
ରଙ୍ଗ ବେରଙ୍ଗର କାନନ ପ୍ରାନ୍ତରେ
ଖେଳେ ନବ ଉନ୍ମାଦନା।

ଗୋପପୁର ସ୍ମୃତି ଚାରଣ କରନ୍ତି
ହୋଲି ଦିନ ମହାପ୍ରଭୁ,
ଶିରୀ ମନ୍ଦିରରେ ନୀତି ନିୟମରେ
ପାଳିତ ହୁଅଇ ସବୁ।

ଫୁଲର ଦୋଳିରେ ମାନିନୀ ରାଧିକା
ପ୍ରେମ ରଙ୍ଗରେ ମିଳନ,
ରାଧା ଦାମୋଦର ଖେଳନ୍ତି ଅବିର
ପ୍ରତୀକ ଦୋଳ ମେଳଣ।

**ରାଉରକେଲା**

---



## ରଙ୍ଗର ପର୍ବ ହୋଲି

### ଡଃ ତାନଶ୍ରୀ ପାଣିଗ୍ରାହୀ

ସପ୍ତରଙ୍ଗର ବର୍ଣ୍ଣବିଭାରେ
ଆସ ହେ ଖେଳିବା ହୋଲି
ରାଗ ରୋଷା ଭୁଲି ସବୁରି ହୃଦୟେ
ପ୍ରୀତି ରଙ୍ଗ ଦେବା ବୋଳି...

ହୋଲି ନେଇ ଆସେ ମୁଠା ମୁଠା ସ୍ୱପ୍ନ
ଫୁଲର ଚାଙ୍ଗୁଡ଼ି ଭରି
ନେଇ ଆସେ ପୁଣି ମନ କୋଣାର୍କରେ
ନୂଆ ଆଶା ଅସୁମାରୀ...

ମଧୁମୟ କରେ ଶୁଷ୍କ ପ୍ରାଣକୁ
ପ୍ରୀତିର ରଙ୍ଗେ ଭିଜାଇ
ଫଗୁଣର ମିଠା ମିଠା ମହକରେ
ମିଳନ ଫଲଗୁ ଝରାଇ...

ହୋଲି ନେଇ ଆସେ ମାନବିକତାର
ମହାମନ୍ତ୍ରର ସ୍ମୃତି
ଜାତି ଧର୍ମ ଭୁଲି ଭିନ୍ନତା ପାଶୋରି
ମନରେ ଏକତା ଗୀତି...

ହୋଲିର ରଙ୍ଗରେ ରଙ୍ଗାୟିତ ହୁଏ
ଲିଭେ ସବୁ ଅଭିମାନ
ପ୍ରଣୟ କୁଞ୍ଜରେ ରାଧାକୃଷ୍ଣଙ୍କର
ପବିତ୍ର ରାସ ମିଳନ...

ହୋଲି ଆଣିଥାଏ ଶାନ୍ତି ମୈତ୍ରୀ ପ୍ରୀତି
ହୃଦୟର ପ୍ରତିକୋଣେ
ଛଳନାର ରଙ୍ଗ ପୋଛି ହୋଇଯାଉ
ସଭିଙ୍କ ପ୍ରେମ ଜୀବନେ ॥

*ବାଲେଶ୍ୱର *
ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋ -୯୩୩୭୩୦୪୨୯୫



---



## ପୁଲକ

### ଡ.ଚନ୍ଦ୍ରକଳା ନାୟକ

କିଏ ଦେଲା ଏତେ ରଙ୍ଗ
ଏତେ ଶୀତଳତା
ଭୂମୀଠାରୁ ଭୂମା ଯାଏ
ସବୁ ତ ସମ୍ମୋହିତ
ଭଲଲାଗେ ଫଗୁଣର ଅନୁରାଗ
ପଲ୍ଲବିତ ବୃକ୍ଷରାଜି
ସୁଷ୍କ ତରୁ ହୁଏ ଉତଫୁଲ୍ଲିତ ।
ସ୍ୱଚ୍ଛ ଆକାଶରେ ଭାସିଯାଏ
ଧଳା ବଉଦ ବୋଉର ପଣତ ପରି
ଓଦା ହୁଏ ନିରଳସ ଓଠ
ଧାରେ ଧାରେ ପ୍ରେମରେ ଭିଜାଇ ଦିଏ
ଜଡ଼ିଯାଏ କବରି ତଳ ଆମ୍ବୁଲ ପରି
ବିଭୋରତି କରେ ବଉଳର ବାସ୍ନା
ସବୁ ଲାଗେ ନୂଆ ପରବ ପରିକା
ଅଦିନିଆ ମନ ଆଉ ଅପନ୍ତରା ଯାତ୍ରୀ
ପୃଥିବୀ ରାଣିଟା ଆଜି
ନବଛନ୍ଦରେ ନାଚୁଛି
ତୁମେ ବି ତ ଜନ୍ମ ଦେଖି ହସିଦିଅ
ଆଉ ଥରେ ବଂଚିବାକୁ ନିରୋଳାରେ
ରାଧାକୃଷ୍ଣଙ୍କ ପ୍ରୀତି ରାସରେ
ଫଲଗୁର ରଙ୍ଗ ତାଳେ ତାଳେ
ଛନ୍ଦମୟ ହୋଇ ଉଠେ ଜୀବନ ସଙ୍ଗୀତ
ଇଏ କଣ ଫଗୁଣର ପ୍ରଥମ ପୁଲକ ।

**ଅଧ୍ୟାପିକା, ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,**
**ମୋବାଇଲ: ୯୪୩୭୯୫୭୬୧୭**



---



## ସୃଷ୍ଟିର ଶ୍ରେଷ୍ଠ ସମ୍ଭାର ତୁମେ ହେ ନାରୀ

### ସ୍ୱାଗତିକା ସାହୁ

କୁହ... ?? ଆମେ ଭାବିଥିବା ଭଳି
ଅପୂର୍ବ ସଂହତିର ଅହୋରାଜ୍ୟ
ନାରୀ...ଶାଶ୍ୱତୀ ବିଜୟିନୀ
ସୃଷ୍ଟିର ଜୀବନ୍ୟାସ ମନ୍ତ୍ର....!
ପ୍ରେମ ପ୍ରଣୟର ମଧୁ ଝଙ୍କାର
ଜୀବନ୍ୟାସ ପାଏ ଯାହାଠୁ ମାଂସ ପିଣ୍ଡୁଳା
ସଂଜୀବନି ସୁଧା ଧାରୀ ଶ୍ରେଷ୍ଠ ଅବଦାନ
ଅନନ୍ତ ବିଶ୍ୱର ପ୍ରଣୟିନି କଲ୍ୟାଣମୟୀ
କ'ଣ ତା ପାଇଁ....
ତା ଶରୀର ଶାପଗ୍ରସ୍ତ କୋଣାର୍କ ??

ତା ସୁରକ୍ଷାର ବଳୟ ଦୃଢ ପାଇଁ
ଯନ୍ତ୍ରଣାର ଘୋର ବେଦନା ଭିତରୁ
ତା ମହାନୀୟତା ମହତ୍ୱକୁ ଦରାଣ୍ଡିବା...
ତା ସମଗ୍ର ଉନ୍ନତି କଳ୍ପେ
ଉଣେଇସିଶହ ପଞ୍ଚସ୍ତରୀ ମାର୍ଚ୍ଚ ଆଠରୁ
ଶୁଭାରମ୍ଭ ଏ ଆନ୍ତର୍ଜାତିୟ ମହିଳା ଦିବସ
ଶପଥ ନିଏ ନହେଉ..
ଭୋଗବିଳାସ ମାଧ୍ୟମ
ମାଟିର ମାନଚିତ୍ରରେ ହେଉ ବନ୍ଦନୀୟା

କେବେ ଜଳୁଥିଲା ଧୁ ଧୁ ଯୌତୁକ ପ୍ରଥାରେ
କେବେ ନିର୍ଯାତନାର ଦୁର୍ଗନ୍ଧରେ
ଶୁଭେ ବୁକୁଫଟା ଚିତ୍କାର
କୁନି ଶିଶୁଠୁ ବୃଦ୍ଧା ମହିଳା
ହଁ ମଣିଷ ତ ସାଜିଛି...
ଧ୍ୱଂସକାରୀ ସୌଦାଗର !
ବେଫିକରରେ ଚାଲିବା ଏଠି ମନା
ହଁ ତା ପାଇଁ ନା...
ଅନ୍ଧାରରେ ଲୁଚାଏ ତା ଦୀପ୍ତିମନ୍ତ
ଚେହେରା
ବ୍ରହ୍ମାଣ୍ଡର ସକଳ ପ୍ରାଚୁର୍ଯ୍ୟ ତାଉର୍ଦ୍ଧ୍ୱରେ
ତଥାପି ସ୍ୱଚ୍ଛ କାଚ ବିନ୍ଦୁ କାକର ପରି
ସେ ଶୀତଳ,ନରମ କୋମୋଳ
କେବେ ଭରି ତା ସିଛି ସିନ୍ଦୁର
ଅନ୍ତହୀନ ସୁଖ,ସେବାର ସ୍ରୋତସ୍ୱିନୀ
ସାଜି....

ସବୁ କଷ୍ଟକୁ ଢୋକି ଦିଏ...!
ହୋଇଯାଏ ଅନ୍ୟର ମାର୍ଗିକା...
କଲ୍ୟାଣୀ ପୁଣି ହୀଲ୍ଲୋଳିନୀ
ବିଶ୍ୱମ୍ଭରା,ଲୋପାମୁଦ୍ରା, ପଦ୍ମିନୀ
ମୀରାବାଇ,ଲକ୍ଷ୍ମୀବାଇ,ମୈତ୍ରେଇ
ଯଶୋଦା,ଜିଜାବାଇ,ମେରୀ
ନାରୀ ତୁ ନାରାୟଣୀ....
ପୂଜନୀୟା ବାଗ୍ମୀ ଓଜସ୍ୱୀନି

କେଜାଣି କେଉଁ କଳାଖଣ୍ଡରେ ତା ପ୍ରତି
ମଣିଷ ମନରେ ଭରିବ ପବିତ୍ର ପ୍ରେମ
ଛାଡି ଲେଲିହାନ ରାକ୍ଷସ ପ୍ରବୃତ୍ତି
ଗଢ଼ିବ ସମ୍ମାନର ସ୍ମୃତିସ୍ତମ୍ଭ...!!

**ଉମରକୋଟ, ନବରଙ୍ଗପୁର**

---



## ପୁନିଆଁ ଯାଇଛି ପୁନେଇଁ ଖାଇ

### ଡଃ ନାରାୟଣ ଚନ୍ଦ୍ର ସେନାପତି

ନିଶ ଦାଢ଼ି ସବୁ ରାମ୍ପି ପକାଇଛି
ଯେମିତି ଯାତରା ହିରୋ
ମାଇଲ ମାଇଲ ଷ୍ଟାଇଲ ଚାଲୁଛି
ସତେକି ଗାଆଁ ର ବୀର
ଲୁଉଜ ପ୍ୟାଣ୍ଟ୍ ଫିଟିଂଗ ସାର୍ଟ
ଭଡା ବୁଟ ଟାଇ ପିନ୍ଧି
ରିଷ୍ଟ ୱାଚ୍ ଟା ଡାହାଣ ରିଷ୍ଟ୍ ରେ
ବାରମ୍ବାର ଦେଖେ ବାନ୍ଧି
ପୁନିଆଁ ଚାହାଣି ଦେଖି
ଶ୍ୱଶୁର ଘରର ଶଳା ଶାଳୀ ଯେତେ
ଛାନିଆଁ ରେ ଯିବେ ଶଙ୍କି।

ବଇନା ଦେଇ ସେ ଆଇନା ଆଣିଛି
ଦେଖୁଅଛି ବାରମ୍ବାର
ନୂଆ ନୂଆ ହେୟାର ଷ୍ଟାଇଲ କରୁଛି
ଦେହରେ ବୋଳି ଅତର
ୱାର୍ଡ ବୁକ୍ ଦେଖି ୱାର୍ଡ ଶିଖୁଛି
ମାରିବ ଇଂଲିଶ ଛାଣ୍ଟ
ଗ୍ରେଭ ଦେଖାଇ ବ୍ରେଭ ସାଜିବ
ଶୁଣିବ କି କମ୍ପିଟାଣ୍ଟ
ପୁନିଆଁ ପ୍ରାକ୍ଟିସ୍ ଦେଖି
କହୁଛନ୍ତି କିଛି ଶ୍ୱଶୁର ଘରେ ଏ
ଲଗାଇ ଦେବ ଭେଳିକି।

ଅ ଆ ବଟ୍ ଆକ୍ ଚୁଆଲି ପରି
ବୁଡୁରୁ ଇଂଲିଶ କଥା
ଅଭ୍ୟାସ କରୁଛି କହିବ ସେଇଠି
କାନ କରି ଦେବ ବଥା
ଖାଇବାରୁ କିଛି ବଳକା ରଖିବ
କହିବ ଏତିକି ଖାଏ
ବାଛି ବାଛି ଖାଇ ଷ୍ଟାଇଲରେ କହିବ
ବାସ୍ ମାଇଁ ଚଏସ ଇଏ
ପୁନିଆଁ ଡିଜାଇନ୍ କହେ
ପୁନେଇଁ ଖାଇ ମୁଁ ଆସିଛି ଜାଣିନ
ହାଏ ହାଲୋ ବାଏ ଟାଏ।

ପୁନିଆଁର ନୂଆ କଟିଙ୍ଗକୁ ଦେଖି
ସଭିଏଁ ହୁଅନ୍ତି କାବା
କୁହନ୍ତି ଏ ନୀଳବର୍ଣ୍ଣ ଶୃଗାଳ କି
କୃତ୍ରିମ ଭାରତୀ ବାବା
ସଭିଏଁ ହସନ୍ତି ଉପହାସ କରି
ପୁନିଆଁ ଭାବେ ଅସଲି
ଅଜ୍ଞାନ ବୋଲି କି ସରାଗେ ଧରାନ୍ତି
ସତ ନୁହଁ ଫାଙ୍କା ଚୋଲି
ଯେବେ ଜାଣଇ ପୁନିଆଁ
ପୁନେଇଁ ଖାଇବା ସଉକ ଲିଭାଇ
ଲାଜରେ ମାରେ ଦାଣ୍ଡିଆ।

**ଜମ୍ବିରା, କେନ୍ଦୁଝର**



## ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ 'ଶ୍ରୀଜଗନ୍ନାଥ ଦର୍ଶନ ଯାତ୍ରା'ର ଆରମ୍ଭ



**ବଲାଙ୍ଗିର,୧୦ା୩ (ସଂଚାର ବ୍ୟୁରୋ)**: ଆଜି ବଲାଙ୍ଗିର ଜିଲ୍ଲା ପ୍ରଶାସନ, ପର୍ଯ୍ୟଟନ ବିଭାଗ ଏବଂ ରାଜ୍ୟ ପରିବନ ବିଭାଗର ମିଳିତ ଆନୁକୂଲ୍ୟରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ଯାତ୍ରା କରୁଥିବା ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଶ୍ରଦ୍ଧାଳୁମାନଙ୍କ ଦର୍ଶନ କିପରି ଭଲରେ ହେବ ସେଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ସମୁଦାୟ ୧୮୫ ଜଣ ବରିଷ୍ଠ ନାଗରିକ ଏବଂ ବିଧବା ମା'ମାନେ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ୫ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କ ସୁବିଧା ବୁଝିବା ପାଇଁ ୫ ଜଣ ଏସକର୍ଟ ଅଫିସର ୫ ଜଣିଆ ମେଡିକାଲ ଟିମ୍ ଏବଂ ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମର ୫ ଜଣ ସୁପରଭାଇଜର ନିୟୋଜିତ କରାଯାଇଅଛି।

### କୋଟିକୋଟିର ବ୍ୟୟ ଅଟକଳ, କାମ ନିମ୍ନମାନର

# କାମ ସରିବାର କେଇ ଦିନ ଭିତରେ ଉଠିଲାଣି ପିଚୁ

**କଳାହାଣ୍ଡି,୧୦ା୩ (ସଂଚାର ବ୍ୟୁରୋ)**: ରାସ୍ତାରୁ ପିଚୁ ଛାଡୁଛି, ଫାଟ ମେଲାଉଛି, ଆଉ ପ୍ରଶ୍ନବାଚୀ ଘେରରେ ରହିଛି ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ଭୂମିକା। କଳାହାଣ୍ଡି ଜୟପାଟଣା ବ୍ଲକରୁ ଆସିଛି ଏମିତି ଏକ ଖବର ଯାହା ସରକାରୀ ଅର୍ଥର ହରିଲୁଟ୍‌କୁ ସ୍ପଷ୍ଟ କରୁଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମୁଖୀଗୁଡ଼ାରେ ଚାଲିଛି ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ଶାଖା କେନାଲ ସର୍ଭିସ ରୋଡ୍‌ର ପିଚୁ କାମ। କେପେକ୍ସ ଫଣ୍ଡରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ, କିନ୍ତୁ ସ୍ଥାୟୀତ୍ୱକୁ ନେଇ ଉଠିଛି ପ୍ରଶ୍ନ। ବାମ ମୁଖ୍ୟ କେନାଲ ପାଇଁ ୨୧ କୋଟି ଓ ଲିଫ୍ଟ କେନାଲ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ କାମ ହେଉଛି। କିନ୍ତୁ ରାସ୍ତା ନିର୍ମାଣର ନିୟମକୁ 'ଫୁ' ! କରି ଉଡ଼ାଇ ଦେଇଛନ୍ତି ଠିକାଦାର। ପୁରୁଣା ରାସ୍ତା ଉପରେ ଆବଶ୍ୟକ ମୋରମ, ପିଚୁ ନପକାଇ ତରବରିଆ ଭାବେ କାମ କରାଯାଉଛି। ନା ଅଛି ମାନ, ନା ଅଛି ତଦାରଖ। ଫଳରେ କାମ ଶେଷ ହେବାର କିଛି ଦିନ ମଧ୍ୟରେ ପିଚୁ ଉଠିବା ସହ ରାସ୍ତାରେ ବଡ଼ ବଡ଼ ଫାଟ ଦେଖାଦେଲାଣି। ଏ ବାବଦରେ ପଚରାଯିବାରୁ, ନିଜମୁଣ୍ଡରୁ ଦାୟିତ୍ୱ କାଢ଼ି ଓସିସି ଉପରକୁ ଠେଲି ଦେଉଛନ୍ତି ବିଭାଗୀୟ ବାବୁ ! ଏପଟେ ପ୍ରତି କିଲୋମିଟରରେ ନୂଆ ପେଟି ଠିକାଦାରଙ୍କୁ କାମ ଦେଇ କେବଳ ବିଲ୍ କରିବା ପାଇଁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି। ଫଳରେ ପ୍ରଶ୍ନବାଚୀ ଘେରରେ ରହିଛି ଇନ୍ଦ୍ରାବତୀ କର୍ତ୍ତୃପକ୍ଷଙ୍କ ଭୂମିକା। ଯଦି କାମ ଓସିସି କରୁଛି, ତେବେ ତଦାରଖ ଦାୟିତ୍ୱ କାହାର ? କେଉଁ ସ୍ୱାର୍ଥରେ ନିମ୍ନମାନର କାମକୁ ପ୍ରୋତ୍ସାହନ ଦିଆଯାଉଛି ? ଜନସାଧାରଣଙ୍କ ଟିକସ ଟଙ୍କାର ଅପଚୟ ପାଇଁ କିଏ ଦାୟୀ ? କେବେ ହେବ ନିମ୍ନମାନ କାମର ତଦନ୍ତ ? ନା ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇ ଚାଲିବେ ଇନ୍ଦ୍ରାବତୀ କର୍ତ୍ତୃପକ୍ଷ ?



## ଶେଷ ହେଲା ଗୁଆପୁର ପଞ୍ଚୁଦୋଳ ମେଳଣ ଆତସବାଜିରେ ଚମକିଲା ଜମାଣ ରାତି



**ବାଲିପାଟଣା,୧୦ା୩(ସଂଚାର ବ୍ୟୁରୋ)**: ବହୁ ଆଡମ୍ବର ସହ ଶେଷ ହେଲା ଗୁଆପୁର ପଞ୍ଚୁ ଦୋଳ ମେଳଣ।ଗତ ରବିବାର ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଜି ମେଳଣ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ଥାଟ ପଟୁଆର ସହ ନଅ ବିଶୁଆ ମେଳଣ ପଡ଼ିଆକୁ ବିଜେ କରିଛନ୍ତି ସ୍ଥାନାଧିପତି ତଥା ଗୁଆପୁର ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଚନ୍ଦ୍ରଶେଖର ଦେବ।ପୁର୍ବ ରୀତିନୀତି ଅନୁସାରେ ରବିବାର ସନ୍ଧ୍ୟାରେ ଜମାଣ ଉତ୍ସବ ଆରମ୍ଭ ହେଇଥିଲା।ପ୍ରଭୁ ଚନ୍ଦ୍ରଶେଖରଙ୍କୁ ଏକ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରରୁ ଅଣାଯାଇ ବର୍ଣ୍ଣାଢ଼ୀ ଶୋଭାଯାତ୍ରା ସହ ମେଳଣ ପଡ଼ିଆକୁ ନିଆଯାଇଥିଲା।ଚିତ୍ତାକର୍ଷକ ଆଲୋକସଜ୍ଜା, ଆତଶବାଜି ପ୍ରଦର୍ଶନ, ଭଜନ କୀର୍ତ୍ତନ, ଘଣ୍ଟ, ଶଙ୍ଖ ନାଦ, ଘୋଡ଼ା ନାଚ ସହ ଶତାଧିକ ଭକ୍ତଙ୍କ ଗ୍ରହଣରେ ସ୍ଥାନାଧିପତି ମେଳଣ ପଡ଼ିଆକୁ ବିଜେ କରିଥିଲେ।ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ସହ ବିଭିନ୍ନ ଆତଶବାଜିରେ ପୁରା ଗାଁ କମ୍ପି ଉଠିଥିଲା।ଆଜି ସ୍ଥାନାଧିପତିଙ୍କ ସହ ବିଭିନ୍ନ ଅଞ୍ଚଳରୁ ୨୦ଟି ଦେବ ବିଗ୍ରହମାନଙ୍କୁ ସୁସଜ୍ଜିତ ଦୋଳ ବିମାନରେ ନିଆଯାଇ ମେଳଣ ପଡ଼ିଆରେ ବିଜେ କରାଯାଇଥିଲା। ରାତିରେ ହରିହର ଭେଟ ଉତ୍ସବ ପରମ୍ପରା ସହ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ନାଚଗୀତ, ଯାତ୍ରା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଆଦି ଅନୁଷ୍ଠିତ ହୋଇଥିଲା। ଭକ୍ତ, ସ୍ଥାନୀୟ ଗ୍ରାମବାସୀ ମାନେ ୨୦ ଦେବ ବିଗ୍ରହଙ୍କୁ ଏକାଠି ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିବା ସହ ମେଳନ ପଡ଼ିଆରେ ଥିବା ବିଭିନ୍ନ ଦୋକାନ ବୁଲି ମେଳଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ।

### ଜଙ୍ଗଲୀ ରାସ୍ତା ଯୋଗୁଁ ପିଲାମାନେ ସ୍କୁଲ ଯାଉ ନାହାଁନ୍ତି

# ଗାଁରେ ବିଦ୍ୟାଳୟ ଖୋଲିବାକୁ ଦାବି



**କଳାହାଣ୍ଡି,୧୦ା୩(ସଂଚାର ବ୍ୟୁରୋ)**: କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତ ବନ୍ଧପାରି ପଞ୍ଚାୟତରେ ଦୁର୍ଗମ ଅଞ୍ଚଳରେ ରହିଛି ଜର୍କାମସ୍କା ଗାଁ। ଗାଁରେ ସ୍କୁଲ ନଥିବା ଯୋଗୁଁ ସ୍କୁଲ ଦ୍ୱାର ମାଡ଼ିନଥିବା ୩୬ ଆଦିବାସୀ ପିଲାଙ୍କୁ ବ୍ଲକ ଶିକ୍ଷା ବିଭାଗ ସ୍କୁଲରେ ନାମ ଲେଖାଇଥିଲେ ମଧ୍ୟ ଜଙ୍ଗଲୀ ରାସ୍ତା ବୋଲି ପିଲା ନିୟମିତ ସ୍କୁଲ ନଯାଇ ଘରେ ରହିଥିବା ବେଳେ ଗାଁରେ ବିଦ୍ୟାଳୟ ସ୍ଥାପନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି।ସୂଚନା ମୁତାବକ କର୍କାମସ୍କା ଗାଁରେ ୬୫ ଘର କୁଟିଆ କନ୍ଧ ସମ୍ପ୍ରଦାୟର ଅଧିବାସୀ ସ୍ୱାଧୀନତା ପୂର୍ବରୁ ବସବାସ କରି ଆସୁଛନ୍ତି। ଗାଁରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ମୁଖ୍ୟ ସମସ୍ୟା ହେଉଛି ଶିକ୍ଷା। ଗାଁଠାରୁ ୩ କିମି ଦୂର ଘଞ୍ଚ ଜଙ୍ଗଲ ଦେଇ ଗଲେ ପଢ଼ିବ ବାଲିସରା ପ୍ରାଥମିକ ବିଦ୍ୟାଳୟ। କର୍କାମସ୍କାର ୬୪ ଜଣ ଆଦିବାସୀ ପିଲାଙ୍କ ମଧ୍ୟରୁ ୨୨ ଜଣ ବିଭିନ୍ନ ଆବାସିକ ସ୍କୁଲରେ ରହି ପାଠ ପଢୁଥିବା ବେଳେ ୬ ଜଣ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ପରେ ବସ୍ତାନିରେ ଡୋରି ପଡ଼ିଥିଲା। ଫଳରେ ୩୬ ପିଲାଙ୍କର ପାଠ ପଢ଼ିବାର ଇଚ୍ଛାଶକ୍ତି ଥିଲେ ମଧ୍ୟ ସ୍କୁଲ ଦ୍ୱାର ମାଡ଼ିପାରୁନଥିଲେ। ଗାଁ ଲୋକଙ୍କ ବାରମ୍ବାର ଦାବି ପରେ ଗାଁରେ ସ୍କୁଲ କୋଠା ନିର୍ମାଣ ପାଇଁ ୨୦୨୩ରେ ରାଜସ୍ୱ ନିରୀକ୍ଷକ ଗାଁକୁ ଆସି ଜାଗା ଚିହ୍ନଟ କରିଥିଲେ। କିନ୍ତୁ ଦୁଇ ବର୍ଷ ପରେ ବି କୌଣସି ସ୍କୁଲ କୋଠା ନିର୍ମାଣ ହୋଇପାରିନାହିଁ। ଏଭଳି ସମସ୍ୟାକୁ ନେଇ ଗ୍ରାମବାସୀ ପୂର୍ବରୁ ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହି ଖବର ଗଣମାଧ୍ୟମରେ ଗତ ସେପ୍ଟେମ୍ବର ୧୯ ତାରିଖ ଦିନ ପ୍ରକାଶ ପାଇଥିଲା।

## କମ୍ୟୁନିଟି ସେଣ୍ଟର କୋଠା ଉଦ୍‌ଘାଟିତ



**ସୁବର୍ଣ୍ଣପୁର,୧୦ା୩ (ସଂଚାର ବ୍ୟୁରୋ)**: ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପାଇକବାହାଲ ପଞ୍ଚାୟତ ସ୍ଥିତ ସାଗରତଳ ମେହେର ଗୋଠ କମ୍ୟୁନିଟି ସେଣ୍ଟର ର ଶୁଭ ଉଦଘାଟନ ମୁଖ୍ୟ ଅତିଥି ତଥା ବଲାଙ୍ଗୀର ସାଂସଦ ମାନନୀୟା ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର ଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ବିଧାୟକ ପାଣ୍ଠି ରୁ ନିର୍ମିତ କମ୍ୟୁନିଟି ସେଣ୍ଟର ଉଦଘାଟନ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ତରଭା ବିଡିଓ ଶିବାନନ୍ଦ କର୍ମୀ, ଏ.ଇ.ଇ ସୁଭନାଥ ମାଝୀ, ଯୁବନେତା ରମେଶ ପୂଜାରୀ, ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ଗଣନାଥ ସାହୁ, ବିଜେପି ମଣ୍ଡଳ ସଭାପତି ଭୁବନାନନ୍ଦ ବାଦୀ, ମେଣ୍ଢା ସରପଞ୍ଚ ସଭ୍ୟ, ରାଣିସର୍ଡା ସରପଞ୍ଚ ଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବି, ମହିଳା ତଥା ଯୁବକ ମାନେ ସାମିଲ ଥିଲେ। ବର୍ତ୍ତମାନ ସୋନପୁର ବିଧାନସଭା କ୍ଷେତ୍ରରେ ରାଜନୈତିକ ସମୀକରଣ ବଦଳି ଥିବା ବେଳେ ସ୍ଥାନୀୟ ବିଧାୟକ ଶ୍ରୀ ପୁଜାରୀ ଙ୍କ ଖାସ ସମର୍ଥକ ମାନେ ବିଜେପି ସାଂସଦ ଙ୍କ ପ୍ରତିନିଧି ତଥା ଯୁବନେତା ସାନନ୍ଦ ମେହେରଙ୍କ ନେତୃତ୍ୱରେ ବିଜେପିରେ ସାମିଲ ହୋଇଥିବା ବେଳେ ଅନେକ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ଦେଖିବାକୁ ମିଳୁଛି।

## ଚୋରା ବାଲି ବୋଝେଇ ହାଇୱା ଜବତ:ଚାଳକ ଅଟକ

**ବୈଶିଙ୍ଗା,୧୦ା୩(ସଂଚାର ବ୍ୟୁରୋ)**: ବୈଶିଙ୍ଗା ଥାନା ଅଞ୍ଚଳରେ ଦିନକୁ ଦିନ ବାଲି ଓ ମୋରମ ଚୋରା ଚାଲାଣ ବଢି ଚାଲିଥିବା ବେଳେ ଲଘୁ ଖଣିଜ ବିଭାଗ ଅଧିକାରୀ ମାଲେମାଲ ହେବାକୁ ଲାଗିଛନ୍ତି। ପୋଲିସ ବିଭାଗ ହାତରୁ ଚେକିଂ ଦାୟିତ୍ୱ କାଢି ନିଆ ଯାଇଥିବାରୁ ବାଲି ମାଫିଆ ଦିନ ରାତି ବୁଢ଼ାବଳଙ୍ଗ ନଦୀ ପଠାରୁ ବାଲି ଓ ଡାହିସାହି ଅଞ୍ଚଳରୁ ମୋରମ ଉତ୍ତୋଳନ କରି ବାହାର ରାଜ୍ୟକୁ ପଠାଇ ଚାଲିଛନ୍ତି। ଆଜି ମଙ୍ଗଳବାର ସନ୍ଧ୍ୟାରେ ବୈଶିଙ୍ଗା ପୋଲିସ ହାତରେ ଏକ ଗୋରା ବାଲି ବୋଝେଇ ହାଇୱା ନଂ ଓଡ଼ି ୨୨ୱାଇ ୯୪୪୨ ଧରା ପଡ଼ିଛି। ପୋଲିସ ହାଇୱା କୁ ଥାନାକୁ ଆଣିଥିବା ବେଳେ ଚାଳକ ପରିମଳ ଜେନା (୪୮) କୁ ଗିରଫ କରି ଡାକ୍ତରୀ ମାଇନା କରି ଥିବା ଜଣାଯାଇଛି।



## ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ କର୍ମଶାଳା



**ବେତନଟୀ,୧୦ା୩(ସଂଚାର ବ୍ୟୁରୋ)**: ବେତନଟୀ ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାର ଯୋଗଦାନ କରିଥିଲେ। ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ପଞ୍ଚାୟତସ୍ତରରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ଦ୍ୱାରା କିଭଳି ଉନ୍ନତ ଏବଂ ସମୃଦ୍ଧ ପଞ୍ଚାୟତ ଗଠନ ହୋଇପାରିବ ସେନେଇ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ମିଶନ ଶକ୍ତି, ଓଡିଶା ଜୀବିକା ମିଶନର କାର୍ଯ୍ୟକର୍ତ୍ତା ଏବଂ ମହିଳାଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ବେତନଟୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ର ନାରାୟଣ ସିଂହ, ବ୍ଲକ ଯୋଗାଣ ଅଧିକାରୀ ଅଶୋକ ବେହେରା ପ୍ରମୁଖ ଆବଶ୍ୟକ ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ଜ୍ୟୋତିପ୍ରକାଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରୁ ୧୯ ମାଇପି ମେଳା

**ବାଲିପାଟଣା,୧୦ା୩(ସଂଚାର ବ୍ୟୁରୋ)**: ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ନରିଶୋ ବନବିହାରୀ ପୀଠରେ ବାରୁଣୀ ସ୍ନାନ ମେଳଣ ବା ମାଇପିମେଳା ଆସନ୍ତା ୧୭ ରୁ ୧୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବ ବୋଲି ମେଳା କମିଟି ସ୍ଥିର କରିଛି। ଏହି ମେଳାକୁ ଆସୁଥିବା ଶ୍ରଦ୍ଧାଳୁ ଓ ମହିଳା ଭକ୍ତ ମାନଙ୍କ ସୁରକ୍ଷା ଲାଗି ଆବଶ୍ୟକ ପୁଲିସ୍ ଫୋର୍ସ ସହ ମହିଳା ପୁଲିସ୍ ମୁତୟନ ଲାଗି ଅନୁରୋଧ କରାଯାଇଛି। ମହିଳା ଭକ୍ତ ଯେଉଁମାନେ ନିଜର ମନୋସ୍କାମନା ପୂର୍ଣ୍ଣ ଲାଗି ଅଧିଆ ପଡ଼ିବେ ସେମାନଙ୍କ ଲାଗି ସୁବନ୍ଦୋବସ୍ତ କରାଯାଇଛି। ଏହି ମେଳାରେ ବାଲିପାଟଣା, ନିଆଳି ଓ ନିମାପଡା, କଣ୍ଟାପଡା ଓ ଜଗତସିଂହପୁର ବ୍ଲକରୁ ହଜାର ହଜାର ଭକ୍ତ ଯୋଗଦେଇଥାନ୍ତି। ସମସ୍ତ ପ୍ରକାର ଘରକରଣା ଜିନିଷ ସହ ଖାଦ୍ୟ ସାମଗ୍ରୀ ମିଳିଥାଏ ଓ ପିଲାମାନଙ୍କ ମନୋରଞ୍ଜନ ଲାଗି ବ୍ୟବସ୍ଥା ଥାଏ। ଏହି ମେଳାଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ତେଣୁ ମେଳାକୁ ଅଧିକ ମାତ୍ରାରେ ଭକ୍ତ ମାନେ ଆସି ପ୍ରଭୁ ବନବିହାରୀଙ୍କ ଆଶୀର୍ବାଦ ନେବାକୁ କମିଟିର ସଭାପତି ଅଶୋକ ପ୍ରଧାନ, ଉପ ସଭାପତି କୈଳାଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଅକ୍ଷୟ କୁମାର ଜେନା ଓ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ନିବେଦନ କରିଛନ୍ତି ।

### କୂଳରେ ଏକାଠି ହେଲେ ୨୩ ଠାକୁର

# ଭାବ, ଭକ୍ତି ଆଉ ପରମ୍ପରାର ଅପୂର୍ବ ସଙ୍ଗମ



**ଚିଲିକା,୧୦ା୩(ସଂଚାର ବ୍ୟୁରୋ)**: ମତୁଆଲା କରୁଛି ମାଲୁଦ ଦୋଳ । ଭକ୍ତି, ଆବେଗର ସହ ଚିଲିକା ଟାପୁରେ ଏକାଠି ହୋଇଛନ୍ତି ହଜାର ହଜାର ଭକ୍ତ । ଠାକୁର ବି ମନ୍ଦିର ଛାଡ଼ି ଏକାଠି ହୋଇଛନ୍ତି ଭକ୍ତ ମେଳରେ । ଲାଗୁଛି ଯେମିତି ଗାଁ ଦାଣ୍ଡ ବୁଲିବା ଆଉ ଭକ୍ତଙ୍କ ଦୁଆରକୁ ଯିବା ଲୋଭରେ ମନ୍ଦିର ଛାଡ଼ି ଆସିଛନ୍ତି । ଚିଲିକା ଟାପୁର ମାଲୁଦ ମେଳଣ ପଡ଼ିଆରେ ଏକାଠି ହୋଇଛନ୍ତି ୨୪ ମୌଜାର ୨୩ ବିମାନ। ହରି, ହର ଓ ମା ପାର୍ବତୀଙ୍କ ମିଳନ ସୃଷ୍ଟି କରିଛି ଅପୂର୍ବ ପରିବେଶ । ଚିଲିକା କୂଳରେ ଏକାଠି ହେଲେ ୨୩ ଠାକୁର । ଭାବ, ଭକ୍ତି ଆଉ ପରମ୍ପରାର ଅପୂର୍ବ ସଙ୍ଗମ । ଏଠି ନାହିଁ ଜାତି, ଧର୍ମ କିମ୍ବା ରାଜନୀତିର ପ୍ରଶ୍ନ । ସବୁବର୍ଗର ଲୋକେ ଏଠି ଏକାଠି ହୋଇଛନ୍ତି ଠାକୁରଙ୍କ ମିଳନର ଅପୂର୍ବ ଦୃଶ୍ୟ ଦେଖିବା ପାଇଁ । ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ମେଳଣ ପଡ଼ିଆରେ ଏକାଠି ହୋଇଛନ୍ତି ୨୪ ମୌଜାର ୨୩ ବିମାନ । ପାଣିରେ ପଶି ବିମାନରେ ଠାକୁରଙ୍କୁ କାନ୍ଧରେ ବୋହି ଆଣିବା ଦୃଶ୍ୟ ଅତ୍ୟନ୍ତ ମନୋରମ । ମାଲୁଦ ଅଞ୍ଚଳର ଏହି ମେଳଣର ଇତିହାସ ଶହଶହ ବର୍ଷ ପୁରୁଣା । ଖୋର୍ଦ୍ଧାର ପାଇକ ନାଚ ହେଉ କିମ୍ବା ଗଞ୍ଜାମର ଘୋଡ଼ାନାଚ ବିଭିନ୍ନ ସ୍ଥାନର ଲୋକନୃତ୍ୟକୁ ଏଠାକୁ ଆମନ୍ତ୍ରିତ କରି ପରମ୍ପରାକୁ ସମ୍ମାନ ଜଣାଇଥାନ୍ତି ସ୍ଥାନୀୟ ଅଧିବାସୀ । ଲୋକନୃତ୍ୟ ସହ ହସ୍ତଶିଳ୍ପକୁ ମଧ୍ୟ ପ୍ରଦର୍ଶନ କରିବାର ସୁଯୋଗ ଦେଇଥାଏ ଏହି ପର୍ବ। ପିପିଲି ଚାନ୍ଦୁଆ, କଟକର ତାରକସି କାମ ଭଳି ବିଭିନ୍ନ ହସ୍ତଶିଳ୍ପ ଏହା ମାଧ୍ୟମରେ ସାରା ବିଶ୍ୱକୁ ଦେଖାଇଥାଏ ଶିଳ୍ପୀ । ୪ଦିନ ଧରି ଚାଲୁଥିବା ଏହି ପରମ୍ପରାରେ ଐତିହ୍ୟ ସହ ଆଧୁନିକତାର ସ୍ପର୍ଶ ବି ଦେଖିବାକୁ ମିଳେ । ଯାହାକୁ ଦେଖିବାକୁ ବିଦେଶରୁ ଲୋକ ଛୁଟି ଆସିଥାନ୍ତି । ଆଧ୍ୟାତ୍ମିକ ଏକତା ଓ ସ୍ୱର୍ଗୀୟ ଅନୁଭୂତିର ଏହି ପର୍ବ ସତରେ ବିରଳ । ସରକାରଙ୍କର ଆଉ ଟିକେ ଆନ୍ତରିକତା ରହିଲେ ଏହି ପର୍ବ ମଧ୍ୟ ସାରା ବିଶ୍ୱରେ ପହଞ୍ଚିପାରିବ ।

## ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ଦିଗପହଣ୍ଡି,୧୦ା୩(ସଂଚାର ବ୍ୟୁରୋ)**: ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ମଙ୍ଗଳବାର ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ମହାସଂଘ ଦିଗପହଣ୍ଡି ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ଶାଖା ସମ୍ପାଦକ ସନ୍ତୋଷ କୁମାର ଗୌଡ଼,ସହ - ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, ଉପସଭାପତି ଦିବାକର ପାଣିଗ୍ରାହୀ, ଉପ ସଭାନେତ୍ରୀ ମମତା ଦେବୀ, କୋଷାଧ୍ୟକ୍ଷ ଶିବଶଙ୍କର ମିଶ୍ର, ଜିଲା କମିଟି ସଭ୍ୟ ସୁଦାମ ଦାସ, ସଭ୍ୟା ନର୍ମଦା ପାତ୍ର, ରାଜ୍ୟ କମିଟି କୋଷାଧ୍ୟକ୍ଷ ସନାତନ ପଟ୍ଟନାୟକଙ୍କ ସମେତ ଶିକ୍ଷକ ପଦ୍ମନାଭ ପଟ୍ଟନାୟକ,କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ବହୁ ସଂଖ୍ୟକ ଶିକ୍ଷୟତ୍ରୀ ଶିକ୍ଷକବୃନ୍ଦ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ବୃନ୍ଦ କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତି ହୋଇ ସମଗ୍ର ଛାତ୍ରସମାଜ ପାଇଁ ପ୍ରେରଣାର ଉତ୍ସ ହେବା ସହ ବ୍ଲକ ଅଧିନ ସମସ୍ତ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷାଦାନର କିଭଳି ଅଭିବୃଦ୍ଧି ହୋଇପାରିବ ସେ ନେଇ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ଶଙ୍କର ନାରାୟଣ ବେଜ ଅବସର ଗ୍ରହଣ କରିବା ପରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି।

## "ଜଙ୍ଗଲ ନିଆଁକୁ ରୋକିଲେ ହିଁ ପରିବେଶ ସୁରକ୍ଷିତ ରହିବ"

**ଭଞ୍ଜନଗର, ୧୦ା୩ (ବାବୁଲା ପ୍ରଧାନ)**: ଗଞ୍ଜାମ ଜିଲା ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଅନ୍ତର୍ଗତ ତାରସିଂ ରେଞ୍ଜ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ବନାଞ୍ଚଳସ୍ତରୀୟ ବନାଗ୍ନି ପ୍ରଶମନ ଓ ପରିଚାଳନା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜନସାଧାରଣ ଓ ବନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ସଭାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଏସିଏଫ୍ ବିମଳ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବନ ବିଭାଗ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କଲେ ଜଙ୍ଗଲ ନିଆଁକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ। ଅନ୍ୟମାନଙ୍କ ମଧ୍ୟରେ ତାରସିଂ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିଭୁ କଲ୍ୟାଣ ପରିଡ଼ା, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ ଓ ପ୍ରଶାନ୍ତ ସାହୁ, ପରିବେଶ ପ୍ରେମୀ ବିଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ଫେବୃୟାରୀ ୨୮ରେ ଏହି ରେଞ୍ଜରେ ପ୍ରଥମ ଜଙ୍ଗଲ ନିଆଁ ଦେଖାଦେଇଥିଲା। ମୋବାଇଲ ନେଟୱାର୍କ ନ ଥିବାରୁ କିଛି ସମସ୍ୟା ଉପୁଜିଥିଲେ ହେଁ, କର୍ମଚାରୀ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହାକୁ ଆୟତ୍ତ କରାଯାଇଥିଲା। ବନାଗ୍ନି ରୋକିବା ପାଇଁ ବିଭାଗ ପକ୍ଷରୁ ନିମ୍ନଲିଖିତ ପଦକ୍ଷେପ ନିଆଯାଇଛି।

### ବାଲିକୁଦା ଉଦ୍ୟାନ କୃଷି କର୍ମଶାଳା ସାଜିଛି ଲୋକଦେଖାଣିଆ ମେଳା

# ହାତଗଣତି ଚାଷୀଙ୍କୁ ନେଇ ତାଲିମ ଶେଷ



**ବାଲିକୁଦା,୧୦ା୩(ସଂଚାର ବ୍ୟୁରୋ)**: ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ନାଗପୁର ପଞ୍ଚାୟତର ଜାଗୁଳାଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ୨୦୨୫/୨୬। କୃଷକମାନଙ୍କୁ ଆଧୁନିକ ଚାଷ ପ୍ରଣାଳୀ ଓ ସରକାରୀ ପ୍ରୋତ୍ସାହନ ବିଷୟରେ ସଚେତନ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଏହି ତାଲିମ ଶିବିରର ଆୟୋଜନ କରାଯାଇଥିଲା। ମାତ୍ର କାର୍ଯ୍ୟକ୍ରମରେ ଚାଷୀଙ୍କ ସଂଖ୍ୟାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଓ ବକ୍ତା ଭାବେ ବାଲିକୁଦା କୃଷି ଅଧିକାରୀ ସ୍ମୃତିରଞ୍ଜନ ଜେନା, ଏଏଚଓ ଶୁଭଲକ୍ଷ୍ମୀ ବାରିକ, ଓଏଲଏମ୍ ବିଭାଗର ଶିବପ୍ରସାଦ ମହାନ୍ତି ଓ ସସ୍ମିତା ପୁରୋହିତ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ପରିଡ଼ା ଓ ପୂର୍ବତନ ସରପଞ୍ଚ ନିକୁଞ୍ଜ ବିଶ୍ୱାଳ ମଧ୍ୟ ଉପସ୍ଥିତ ରହି ଚାଷୀଙ୍କୁ ଉତ୍ସାହିତ କରିଥିଲେ।ଉପସ୍ଥିତ ଅଧିକାରୀମାନେ ଉଦ୍ୟାନ କୃଷି ମାଧ୍ୟମରେ କିପରି ଅଧିକ ଲାଭ ମିଳିବ ଏବଂଗୋପାଳନ, ଛେଳିଚାଷ, ଛତୁ ଓ ଆଳୁ ଚାଷ ପାଇଁ ଉପଲବ୍ଧ ସରକାରୀ ରିହାତି, ଆମ୍ବ, କଦଳୀ ଏବଂ ଗେଣ୍ଡୁ ଫୁଲ ଚାଷ ପାଇଁ ସରକାରୀ ସବସିଡିର ସୁବିଧା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାର କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କୋଟି କୋଟି ଟଙ୍କାର ଯୋଜନା ପ୍ରଣୟନ କରୁଥିବା ବେଳେ, ବାଲିକୁଦା ବ୍ଲକ ସ୍ତରୀୟ ଏହି ମେଳାରେ ହାତଗଣତି ଚାଷୀଙ୍କ ଉପସ୍ଥିତି ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଲୋକଙ୍କ ପାଖରେ ଖବର ପହଞ୍ଚାଇବାରେ ବିଭାଗ ବିଫଳ ହୋଇଛି କି? କେବଳ ଫଟୋ ଓ କାଗଜପତ୍ରରେ କାର୍ଯ୍ୟକ୍ରମ ସୀମିତ ରଖିବା ପାଇଁ ଏହା ଏକ ପ୍ରୟାସ ନୁହେଁ ତ? ଏଭଳି ପ୍ରଶ୍ନ ଏବେ ସାଧାରଣରେ ଉଠୁଛି।କୃଷି ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ପ୍ରକୃତ ହିତାଧିକାରୀ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଯଦି ବ୍ଲକ ସ୍ତରୀୟ କର୍ମଶାଳାରେ ଚାଷୀଙ୍କ ସଂଖ୍ୟା ନଗଣ୍ୟ ରହେ, ତେବେ ସରକାରଙ୍କ ଲକ୍ଷ୍ୟ ପୂରଣ ହେବ କିପରି, ତାହା ଦେଖିବାକୁ ବାକି ରହିଲା।

## ୧୯ରୁ ଦେବଗିରିରେ ଚୈତ୍ର ନବରାତ୍ର



**ନର୍ଲା,୧୦ା୩(ସଂଚାର ବ୍ୟୁରୋ)**: ଚୈତ୍ର ଶୁକ୍ଳ ପ୍ରତିପଦା ମାର୍ଚ୍ଚ ୧୯ରୁ ଦେବଗିରି ମଠରେ ଆରମ୍ଭ ହେବ ଚୈତ୍ର ନବରାତ୍ର। ଏନେଇ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଶ୍ରୀ ଶ୍ରୀ ଭଗବତ ସ୍ୱାମୀ ଦେବଗିରି ମଠରେ ପ୍ରସ୍ତୁତି ଜୋରସୋରରେ ଚାଲିଛି। ମଠର ଗୁମ୍ଫା ମଧ୍ୟରେ ଥିବା ଦେବୀ ଚଣ୍ଡୀଙ୍କ ପୀଠରେ ନବଦିନ ବ୍ୟାପୀ ପୂଜାର୍ଚ୍ଚନା ଚାଲିବା ସହ ଅଖଣ୍ଡ ଦୀପ ପ୍ରଜ୍ୱଳନ ହେବ। ଚୈତ୍ର ଶୁକ୍ଳ ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନବଗୌରୀ ବା ନବଦୁର୍ଗା ଯଥା; ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କ ପୂଜା ବୈଦିକ ବିଧିରେ ଅନୁଷ୍ଠିତ ହେବ ବୋଲି ଦେବଗିରି ମଠ ଟ୍ରଷ୍ଟ ବୋର୍ଡ଼ର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀ ସୂଚନା ଦେଇଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ, ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଦେବଗିରି ମଠ ରାଜ୍ୟର ଏକ ପ୍ରାଚୀନ ଶକ୍ତି ପୀଠ ହୋଇଥିବାରୁ ଏହା ସାଧକ ମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଚୈତ୍ର ନବରାତ୍ର ସମୟରେ ଦୂର ଦୂରଦୂରାନ୍ତରୁ ଅନେକ ସାଧକ, ଭକ୍ତ ଓ ଶ୍ରଦ୍ଧାଳୁ ଦେବଗିରି ମଠକୁ ଆସି ଦେବୀ ଆରାଧନା କରିଥାନ୍ତି।